

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୧ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 01 FEBRUARY 2025

Vol.No. 36 ■ No.30 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଭାରତର ବିକାଶ ଯାତ୍ରାର ଅମୃତକାଳରେ ସରକାର ତିନିଗୁଣା ଦ୍ରୁତଗତିରେ କାମ କରୁଛନ୍ତି : ରାଷ୍ଟ୍ରପତି ମୁର୍ମୁ



ନୂଆଦିଲ୍ଲୀ, ୩୧/୧ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି କହିଛନ୍ତି ଯେ, ମୋର ସରକାର ଭାରତର ବିକାଶ ଯାତ୍ରାର ଏହି ଅମୃତକାଳକୁ ଅଭୁତପୂର୍ବ ଉପଲବ୍ଧି ମାଧ୍ୟମରେ ନୂଆ ଉର୍ଜା ପ୍ରଦାନ କରୁଛି । ତୃତୀୟ କାର୍ଯ୍ୟକାଳରେ ତିନିଗୁଣା ଦ୍ରୁତ ଗତିରେ କାମ ହେଉଛି । ଆଜି ଦେଶ ବଡ ନିଷ୍ପତି ଓ ନୀତିକୁ ଅସାଧାରଣ ଗତିରେ ଲାଗୁ ହେବା ଦେଖୁଛି । ସେ ସଂସଦର ମିଳିତ ଅଧିବେଶନକୁ ସଂବୋଧନରେ ଏହା ଉପରେ ଖୁସି ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ, ଏବେ ଦୁଇମାସ ପୂର୍ବରୁ ଆମେ ଆମର ସଂବିଧାନକୁ ଆପଣାଇବାର ୭୫ବର୍ଷ ପୂରଣ ହେବାର ଉତ୍ସବ ମନାଇଥିଲୁ ଏବଂ କିଛି ଦିନ ପୂର୍ବରୁ ହିଁ ଭାରତ ଗଣରାଜ୍ୟ ୭୫ ବର୍ଷର ଯାତ୍ରା ପୂରଣ କରିଛି । ସେ ସମସ୍ତଙ୍କ ପକ୍ଷରୁ ବାବା ସାହେବ ଆମ୍ବେଦକର ଓ ସମ୍ବିଧାନ ନିର୍ମାଣରେ ସାମିଲ ସମସ୍ତ ଲୋକଙ୍କୁ ଶ୍ରଦ୍ଧାଂଜଳି ଅର୍ପଣ କରିଛନ୍ତି । ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଦେଶରେ ହେଉଥିବା ବିକାଶ କାର୍ଯ୍ୟର ବି ଉଲ୍ଲେଖ କରିଛନ୍ତି । ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଆଜି ବନ୍ଦେ ଭାରତ, ଅମୃତ ଭାରତ ଓ ନମୋ ଭାରତ ପରି ଅନେକ ଟ୍ରେନ ଚାଲୁଛି । ଗତ ୬ମାସରେ ୧୭ ନୂଆ ବନ୍ଦେ ଭାରତ ଟ୍ରେନ ଓ ଗୋଟିଏ ନମୋ ଟ୍ରେନ ଆରମ୍ଭ ହୋଇଛି । ଗୋଟିଏ ଦେଶ ଗୋଟିଏ ନିର୍ବାଚନ ଓ ୱାକଫ ବିଧେୟକ ଦିଗରେ ସରକାର ଦ୍ରୁତ ଗତିରେ କାମ କରୁଛନ୍ତି ।ଗତ ଏକ ଦଶନ୍ଧିରେ ମୋର ସରକାର ବିକଶିତ ଭାରତର ଯାତ୍ରାକୁ ନୂଆ ଉର୍ଜା ପ୍ରଦାନ କରିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ, ପ୍ରୟାଗରାଜରେ ମହାକୁମ୍ଭର ଐତିହାସିକ ପର୍ବ ଚାଲିଛି । ମହାକୁମ୍ଭ ଭାରତର ସାଂସ୍କୃତିକ ପରମ୍ପରା ଓ ସାମାଜିକ ଚେତନାର ପର୍ବ ଅଟେ । ଦେଶ ଦୁନିଆରୁ କୋଟି କୋଟି ଶ୍ରଦ୍ଧାଳୁ ପ୍ରୟାଗରାଜରେ ପବିତ୍ର ବୁଡ ପକାଉଛନ୍ତି । ମୌନୀ ଅମାବାସ୍ୟାରେ ହୋଇଥିବା ଅଘଟଣକୁ ନେଇ ଦୁଃଖ ପ୍ରକାଶ କରିବା ସହ ନିଜ ସମବେଦନା ବ୍ୟକ୍ତ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି ଯେ, କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବିସ୍ତାର କରି ତିନି କୋଟି ଅତିରିକ୍ତ ପରିବାରକୁ ନୂଆ ଘର ଦେବାର ନିଷ୍ପତି ନେଇଛନ୍ତି । ଜନଜାତୀୟ ସମାଜର ପାଂଚ କୋଟି ଲୋକଙ୍କ ପାଇଁ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଆରମ୍ଭ ହୋଇଛି । ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଗତ ୭୦ ବର୍ଷ ଓ ଏହାଠାରୁ ଅଧିକ ବୟସର ୬କୋଟି ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ ବୀମା ଦେବାର ନିଷ୍ପତି ହୋଇଛି । ସରକାର ଯୁବକଙ୍କ ଶିକ୍ଷା ଓ ସେମାନଙ୍କ ପାଇଁ ରୋଜଗାରର ନୂଆ ଅବସର ପ୍ରସ୍ତୁତ କରିବା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି । ସେ କହିଛନ୍ତି ଯେ ସରକାର ମହିଳାମାନଙ୍କ ନେତୃତ୍ୱରେ ଦେଶକୁ ସଶକ୍ତ କରିବାରେ ବିଶ୍ୱାସ କରେ। ଜାତୀୟ ଗ୍ରାମୀଣ ଜୀବିକା ମିଶନ୍ ଅଧୀନରେ ୯୧ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀକୁ ସଶକ୍ତ କରାଯାଉଛି ।

▶▶ପୃଷ୍ଠା ୭

## ବିଦ୍ୟୁତ ଓ ନିର୍ମାଣ କ୍ଷେତ୍ରରେ ଉତ୍ତମ ଅଭିବୃଦ୍ଧି ଯୋଗୁଁ ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ହାର ୬.୨ ପ୍ରତିଶତ ରହିବ: ଅର୍ଥନୈତିକ ସର୍ଭେ



ନୂଆଦିଲ୍ଲୀ, ୩୧/୧ : କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଆଜି ସଂସଦରେ ଅର୍ଥନୈତିକ ସମୀକ୍ଷା ୨୦୨୪-୨୫ ଉପସ୍ଥାପନ କରି କହିଛନ୍ତି ଯେ ମୋଟ ଘରୋଇ ଉତ୍ପାଦର ପ୍ରଥମ ଆଗୁଆ ଆକଳନ ଅନୁଯାୟୀ, ବିଦ୍ୟୁତ୍ ଏବଂ ନିର୍ମାଣରେ ଉଲ୍ଲେଖନୀୟ ବୃଦ୍ଧି ଯୋଗୁଁ ୨୦୨୫ ଆର୍ଥିକ ବର୍ଷରେ ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ୬.୨ ପ୍ରତିଶତ ହେବ ବୋଲି ଆଶା କରାଯାଉଛି। ଗବେଷଣା ଓ ବିକାଶ, ଉଦ୍ଭାବନ, ପ୍ରୋତ୍ସାହନ ଏବଂ ପ୍ରୋତ୍ସାହନ କ୍ଷେତ୍ରରେ ପୁଞ୍ଜିନିବେଶ ମାଧ୍ୟମରେ କ୍ଷୁଦ୍ର ନିର୍ମାତାମାନଙ୍କୁ ଆନୁଷ୍ଠାନିକ ଢାଂଚା ପ୍ରଦାନ କରି ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧି ହେବ ବୋଲି ସମୀକ୍ଷାରେ ଉଲ୍ଲେଖ କରାଯାଇଛି। ଏହି ସମୀକ୍ଷାରେ ଏହା ମଧ୍ୟ କୁହାଯାଇଛି ଯେ ଅଟୋମୋବାଇଲ, ଇଲେକ୍ଟ୍ରୋନିକ୍ସ ଏବଂ ଔଷଧ ଭଳି ଉପଭୋକ୍ତା କେନ୍ଦ୍ରୀତ କ୍ଷେତ୍ର ଅଭିବୃଦ୍ଧିର ଚାଳକ ଭାବରେ ଉଭା ହୋଇଛି । ଅର୍ଥନୈତିକ ସମୀକ୍ଷାରେ ଆଶାବ୍ୟକ୍ତ କରାଯାଇଛି ଯେ ଉତ୍ପାଦନରେ ବିଶ୍ୱର ୨.୮ ପ୍ରତିଶତ ଅଂଶ ଏବଂ ଭାରତ ଏବଂ ଚୀନ୍ ପରି ଉଦୀୟମାନ ଅର୍ଥନୀତି ପ୍ରତି ଉତ୍ପାଦନ ଉତ୍ପାଦନରେ ପରିବର୍ତ୍ତନ ହେତୁ, ଭାରତ ବିଶ୍ୱ ଶିଳ୍ପ ବିବିଧତାରୁ ଉପକୃତ ହେବାର ଭଲ ସମ୍ଭାବନା ଅଛି । ସମୀକ୍ଷାରେ କୁହାଯାଇଛି ଯେ ଚୀନ୍ ପରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ସିମେଂଟ ଉତ୍ପାଦନକାରୀ ଦେଶ। ରାଜପଥ, ରେଳବାଇ ଏବଂ ଆବାସ ଯୋଜନା ଉପରେ ଗୁରୁତ୍ୱ ଦେବା ସହିତ ଗ୍ରାମୀଣ ଉନ୍ନୟନ ଶିଳ୍ପ ଅଭିବୃଦ୍ଧି ଭଳି ପ୍ରକଳ୍ପ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି, ଯାହା ସିମେଂଟ ଚାହିଦାରେ ଉଲ୍ଲେଖନୀୟ ବୃଦ୍ଧି ଆଣିବ । ୨୦୨୫ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ଦେଶରେ ଅଶୋଧିତ ଇସ୍ପାତ ଉତ୍ପାଦନରେ ୩.୩ ପ୍ରତିଶତ ଏବଂ ପ୍ରସ୍ତୁତ ଇସ୍ପାତ ଉତ୍ପାଦନରେ ୪.୬ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରାଯାଇଛି। ଇସ୍ପାତ କ୍ଷେତ୍ରରେ ନିରନ୍ତର ଅଭିବୃଦ୍ଧି ଚାଲିଥିବା ଉନ୍ନୟନ ମୂଳକ ପ୍ରକଳ୍ପ ଏବଂ ସାର୍ବଜନୀନ ଭିତ୍ତିଭୂମି ଉପରେ ବର୍ଦ୍ଧିତ ଖର୍ଚ୍ଚ ଦ୍ୱାରା ପରିଚାଳିତ ହୋଇଥିଲା । ଅର୍ଥନୈତିକ ସମୀକ୍ଷାରେ ଆହୁରି କୁହାଯାଇଛି ଯେ ଗୃହନିର୍ମାଣ, ସହରାଂଚଳ ଏବଂ ଗ୍ରାମୀଣ ଭିତ୍ତିଭୂମି ଉପରେ ସରକାରୀ ପଦକ୍ଷେପ ମଧ୍ୟ ଚାହିଦା ବୃଦ୍ଧିରେ ସହାୟକ ହୋଇଛି। ସରକାର ସ୍ମାର୍ଟ ମାନୁଫାକ୍ଚରିଂ ଏବଂ ଇଣ୍ଡଷ୍ଟ୍ରି ୪.୦କୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରୁଛନ୍ତି, ବିଭିନ୍ନ ଅନୁଷ୍ଠାନରେ ସ୍ମାର୍ଟ ଉନ୍ନତ ଉତ୍ପାଦନ ଏବଂ ଦ୍ରୁତ ରୂପାନ୍ତରଣ ହବ୍ (ସମର୍ଥନ) ଶିଳ୍ପ କେନ୍ଦ୍ର ପ୍ରତିଷ୍ଠାରେ ସହାୟତା କରୁଛନ୍ତି।

▶▶ପୃଷ୍ଠା ୭

## ଆପ୍ ଛାଡ଼ିଲେ ୭ ବିଧାୟକ ; ଦିଲ୍ଲୀ ରାଜନୀତିରେ ଯମୁନା ନଦୀ ବିଷ



ନୂଆଦିଲ୍ଲୀ, ୩୧/୧ : ଦିଲ୍ଲୀ ବିଧାନସଭା ପୂର୍ବରୁ ଆମ ଆଦମୀ ପାର୍ଟିକୁ ବଡ ଝଟକା । ଆପର ୭ଜଣ ବିଧାୟକ ଦଳ ଛାଡିବା ସହ ପ୍ରାଥମିକ ପଦରୁ ଇସ୍ତଫା ଦେଇଛନ୍ତି ।ତ୍ରି ଲୋକପୁରୀ ବିଧାୟକ ରୋହିତ ମୌରଲିୟା, ଜନକପୁରୀ ବିଧାୟକ ରାଜେଶ ରୁଷି, କସ୍ତୁରବା ନଗର ବିଧାୟକ ମଦନ ଲାଲ, ପାଲନ ବିଧାୟକ ଭାବନା ଗୌର , ମହରୌଲି ବିଧାୟକ ନରେଶ ଯାଦବ, ଆଦର୍ଶନଗର ବିଧାୟକ ପବନ ଶର୍ମା ଏବଂ ବିଜବାସନ ବିଧାୟକ ବିଏସ ଜୁନ୍ ଦଳ ଛାଡିଛନ୍ତି । ଇସ୍ତଫା ଦେଇଥିବା ବିଧାୟକ କହିଥିଲେ, ଆପ ଯେଉଁ ବିଚାରଧାରା ଆଦର୍ଶରେ ଗଢାଇଥିଲା ଏବେ ଆଉ ସେ ବିଚାରଧାରାରେ ଦଳ ନାହିଁ ।ଦଳର ଦୁର୍ଦ୍ଦଶା ଦେଖି ମନ ଦୁଃଖ ଲାଗୁଛି । ମହରୌଲି ବିଧାୟକ ନରେଶ ଯାଦବ ଏକ୍ସରେ ଲେଖିଛନ୍ତି ,ଆପରେ ସଚ୍ଚୋଟ ରାଜନିତୀ କାରଣରୁ ଦଳରେ ଯୋଗଦେଇଥିଲି ହେଲେ ଏବେ ଦଳରେ ସଚ୍ଚୋଟତା ବୋଲି କିଛି ନାହିଁ ।ଦଳ ଦୁର୍ନିତୀରେ ଲିପ୍ତ ରହିଛି । ସେହିପରି ବିଧାୟକ ନରେଶ ଯାଦବ କହିଛନ୍ତି, ମୋ ଅଂଚଳର ଜନତା ମତେ ଆପ ଛାଡିବାକୁ କହିଥିଲେ କାହିଁକି ନା ଦଳ ଲୋକଙ୍କୁ ଧୋକା ଦେଇଛି । ଦଳରେ ବହୁତ କମ ରାଜନେତା ଅଛନ୍ତି ଯେଉଁମାନେ ସଚ୍ଚୋଟତାର ସହ କାମ କରୁଛନ୍ତି ।

## ସତ୍ୟବ୍ରତ ରାଉତ ହେଲେ ବିଧାନସଭାର ସଚିବ



ଭୁବନେଶ୍ୱର, ୩୧/୧(ନି.ପ୍ର) : ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ସତ୍ୟବ୍ରତ ରାଉତ ଓଡ଼ିଶା ବିଧାନସଭା ସଚିବ ଭାବେ ନିଯୁକ୍ତ ହୋଇଛନ୍ତି । ସତ୍ୟବ୍ରତଙ୍କ ନିଯୁକ୍ତି ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ପ୍ରୟାଗରାଜ ମହାକୁମ୍ଭରେ ଜୟଶଙ୍କରଙ୍କ ସହିତ ୧୧୬ ଦେଶର କୁଟନୀତିଜ୍ଞ ଆସନ୍ତାକାଲି ସଙ୍ଗମରେ ବୁଡ ପକାଇବେ



ମହାକୁମ୍ଭ ନଗର (ପ୍ରୟାଗରାଜ), ୩୧/୧ : ସମ୍ପୂର୍ଣ୍ଣ ବିଶ୍ୱର ଆକର୍ଷଣର କେନ୍ଦ୍ର ପାଲଟିଥିବା ପ୍ରୟାଗରାଜ ମହାକୁମ୍ଭ ତିନୋଟି ନୂତନ କୀର୍ତିମାନ ରଚିଛି । ବିଶ୍ୱର ୧୧୬ ଦେଶର କୁଟନୀତିଜ୍ଞ ଆସନ୍ତାକାଲି ମହାକୁମ୍ଭ ନଗର ଆସୁଛନ୍ତି । ସମସ୍ତ କୁଟନୀତିଜ୍ଞ ପ୍ରୟାଗରାଜର ବମରୌଲି ବିମାନ ବନ୍ଦରରେ ଓହ୍ଲାଇବେ । ସେଠାରୁ ହେଲିକପ୍ଟର ଯୋଗେ ଅରୈଲ ପହଂଚିବେ । କୁଟନୀତିଜ୍ଞ ମାନଙ୍କ ସହିତ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ପହଂଚିବେ । ଉତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମସ୍ତଙ୍କୁ ପ୍ରୟାଗରାଜରେ ସ୍ୱାଗତ କରିବେ । ସମସ୍ତ କୁଟନୀତିଜ୍ଞ ଅରୈଲ ପହଂଚିବା ପରେ ସର୍ବ ପ୍ରଥମେ ନିଜ ନିଜ ଦେଶର ପତକା ଉତୋଳନ କରିବେ । ଏହାପରେ ବୁଡ ପକାଇବାକୁ ସଙ୍ଗମରେ ପହଂଚିବେ । ଏହି ବିଶ୍ୱସ୍ତରିୟ ଆୟୋଜନ ଗଙ୍ଗା ତଟରେ ହେବ । ଏହି ସମାଗମରେ ରୁଷ୍ ଓ ୟୁକ୍ରେନ ର ରାଷ୍ଟ୍ରଦୂତ ମଧ୍ୟ ସାମିଲ୍ ହେବେ । ଏହା ବ୍ୟତୀତ ଆମେରିକା, ବାଙ୍ଗଲାଦେଶ, ଜାପାନ, ଜର୍ମାନୀ, ହଙ୍ଗେରି, ବେଲାରୁସ, କଜାକିସ୍ତାନ, ଦକ୍ଷିଣ ଆଫ୍ରିକା, ବ୍ରାଜିଲ୍, ମାଲେଶିୟା, ଜିମ୍ବାୱେ, କମ୍ବୋଡିୟା, ଇଟାଲି, ନେପାଳ, ଥାଇଲ୍ୟାଣ୍ଡ, ସ୍ୱିଡେନ ଏବଂ ସ୍ୱିଜରଲ୍ୟାଣ୍ଡ ସମେତ ୧୧୬ ଦେଶର କୁଟନୀତିଜ୍ଞ ଅମୃତ କାଳର ସାକ୍ଷୀ ହେବେ । ମେଳା ଅଧିକାରୀ ବିଜୟ କିରନ ଆନନ୍ଦଙ୍କ ଅନୁସାରେ, ଏ ସମ୍ବନ୍ଧରେ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇସାରିଛି । କୁଟନୀତିଜ୍ଞ ମାନେ ସଙ୍ଗମରେ ବୁଡ଼ ପକାଇବା ପରେ ଅକ୍ଷୟବଟ ଏବଂ ହନୁମାନଙ୍କ ଦର୍ଶନ କରିବେ । ଏହା ପରେ ଡିଜିଟାଲ ଅନୁଭୂତି କେନ୍ଦ୍ରରେ ପ୍ରୟାଗରାଜର ମହାତ୍ମ୍ୟ ସମ୍ବନ୍ଧରେ ସୂଚନା ସୂଚନା ନେବେ ।

## ଆମେରିକାର ଦୁର୍ଘଟଣାଗ୍ରସ୍ତ ଯାତ୍ରୀ ବିମାନର ମିଳିଲା ବ୍ଲାକ ବକ୍ସ, ପରୀକ୍ଷଣ ଆରମ୍ଭ

ୱାଂଶିଟନ, ୩୧/୧ : ଆମେରିକାର ରାଜଧାନୀ ୱାଂଶିଟନ ଡିସିରେ ବୁଧବାର ରାତିରେ ଆକାଶରେ ଧକ୍କା ହୋଇ ପୋଟୋମିକ ନଦୀକୁ ଖସିପଡିଥିବା ଯାତ୍ରୀବାହୀ ବିମାନ ଓ ସୈନ୍ୟ ହେଲିକପ୍ଟର ମଧ୍ୟରୁ ବିମାନର ବ୍ଲାକ ବକ୍ସକୁ ଖୋଜିବାରେ ସଫଳତା ମିଳିଛି । ନ୍ୟାସନାଲ ଟ୍ରାନ୍ସପୋର୍ଟେସନ ସେଫ୍ଟି ବୋର୍ଡ ଏନେଇ ସୂଚନା ଦେଇଛନ୍ତି । ସିଏନଏନ ଖବର ମୁତାବକ ଦୁର୍ଘଟଣାଗ୍ରସ୍ତ ଆମେରିକୀୟ ଏୟାରଲାଇନ୍ସର ବିମାନରୁ ବ୍ଲାକ ବକ୍ସ ତଥା ଫ୍ଲାଇଟ ଡେଟା ରେକର୍ଡର ଓ କକପିଟ ଭଏସ ରେକର୍ଡରକୁ ଜବତ କରାଯାଇଛି । ବ୍ଲାକ ବକ୍ସକୁ ଜାତୀୟ ପରିବହନ ସୁରକ୍ଷା ବୋର୍ଡ ପ୍ରୟୋଗଶାଳାକୁ ନିଆଯାଇଛି । ସୈନ୍ୟ ହେଲିକପ୍ଟରର ବ୍ଲାକ ବକ୍ସର ତଲାସୀ ଜାରି ରହିଛି ।

## ପୁଞ୍ଛର ନିୟନ୍ତ୍ରଣରେ ଅନୁପ୍ରବେଶ ଉଦ୍ୟମ ବିଫଳ, ଦୁଇ ଆତଙ୍କବାଦୀ ନିହତ, ଅସ୍ତ୍ରଶସ୍ତ୍ର ଜବତ

ପୁଂଛ, ୩୧/୧ : ଜମ୍ମୁ କଶ୍ମୀରର ପୁଞ୍ଛ ଜିଲ୍ଲାର ନିୟନ୍ତ୍ରଣ ରେଖା ନିକଟରେ ଅନୁପ୍ରବେଶ ଉଦ୍ୟମକୁ ବିଫଳ କରି ଭାରତୀୟ ସେନା ଦୁଇ ସଶସ୍ତ୍ର ଆତଙ୍କବାଦୀଙ୍କୁ ହତ୍ୟା କରିଛନ୍ତି । ସେନା ପକ୍ଷରୁ ତଲାସୀ ଅଭିଯାନ ସମୟରେ ଅନେକ ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧ ସାମଗ୍ରୀ ଜବତ କରାଯାଇଛି । ଅଧିକାରୀମାନେ ଶୁକ୍ରବାର ଏହି ସୂଚନା ଦେଇଛନ୍ତି । ଏହି ଘଟଣା ପରେ ଗୁରୁବାର ପୁଂଛ ଜିଲ୍ଲାର ଖାରୀ କରମାରା ଅଂଚଳରେ ତଲାସୀ ଅଭିଯାନ ଜାରି ରହିଛି । କାଲି ରାତିରେ ପୁଂଛ ସେକ୍ଟରରେ ନିୟନ୍ତ୍ରଣ ରେଖା ନିକଟରେ ଆତଙ୍କବାଦୀଙ୍କ ଗତିବିଧି ସଂପର୍କରେ ସୂଚନା ମିଳିଥିଲା । ଏହାପରେ ଯବାନମାନେ ଅନୁପ୍ରବେଶ କରୁଥିବା ଆତଙ୍କବାଦୀଙ୍କ ଉପରେ ଆକ୍ରମଣ କରିଥିଲେ, ଯାହାପରେ ଭୀଷଣ ଗୁଳି ବିନିମୟ ହୋଇଥିଲା । ରାତି ସାରା ଅଭିଯାନ ଜାରି ରହିଥିଲା। ଫଳରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି ।

## ଆଗାମୀ ୨ ଦିନ ରାଜ୍ୟର କେତେକ ସ୍ଥାନରେ ଘନ କୁହୁଡ଼ି ସମ୍ଭାବନା : ଆସନ୍ତା ୨୪ ଘଂଟା ପାଇଁ ୧୦ ଜିଲ୍ଲାକୁ ଚେତାବନୀ

ଭୁବନେଶ୍ୱର, ୩୧/୧(ନି.ପ୍ର) : ଆଗାମୀ ୨ ଦିନ ରାଜ୍ୟର କେତେକ ସ୍ଥାନରେ ଘନ କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ଏ ନେଇ ଆସନ୍ତା ୨୪ ଘଂଟା ପାଇଁ ୧୦ଟି ଜିଲ୍ଲାକୁ ଚେତାବନୀ ଜାରୀ କରିଛି ପାଣିପାଗ ବିଭାଗ । ସେହି ଜିଲ୍ଲା ଗୁଡିକ ହେଲା କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଅନୁଗୁଳ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଏବଂ ଗଞ୍ଜାମ । ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡ଼ି ନେଇ ଚେତାବନୀ ରହିଛି । ଏସବୁ ସ୍ଥାନରେ କୁହୁଡ଼ିର ଦୃଶ୍ୟମାନ ଦୂରତା ୫୦ରୁ ୨୦୦ ମିଟର ମଧ୍ୟରେ ରହିପାରେ । ସେହିପରି ଫେବୃଆରୀ ୧ ତାରିଖ ସକାଳ ୮ଟା ୩୦ରୁ ୨ ତାରିଖ ସକାଳ ୮ଟା ୩୦ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ୬ଟି ଜିଲ୍ଲାକୁ ଚେତାବନୀ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର ଏବଂ କଟକ। ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡ଼ି ନେଇ ଚେତାବନୀ ରହିଛି । ଏସବୁ ସ୍ଥାନରେ କୁହୁଡ଼ିର ଦୃଶ୍ୟମାନ ଦୂରତା ୫୦ରୁ ୨୦୦ ମିଟର ମଧ୍ୟରେ ରହିପାରେ । ତେବେ ଫେବୃଆରୀ ୨ ତାରିଖ ଠାରୁ ୫ ତାରିଖ ସକାଳ ପର୍ଯ୍ୟନ୍ତ କୌଣସି ଚେତାବନୀ ନାହିଁ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

## ରାଜ୍ୟ ନିର୍ବାଚନ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କଲେ ଶ୍ରୀ ମଧୁସୂଦନ ପାଢ଼ୀ



ଭୁବନେଶ୍ୱର, ୩୧/୧ : ରାଜ୍ୟ ନିର୍ବାଚନ ଆୟୁକ୍ତ ଭାବେ ଆଜି ଅବସରପ୍ରାପ୍ତ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ମଧୁସୂଦନ ପାଢ଼ୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ତୋଷାଳି ଭବନସ୍ଥିତ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ପହଂଚି ଶ୍ରୀ ପାଢ଼ୀ ପୂର୍ବତନ ରାଜ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କଠାରୁ ଅଷ୍ଟମ ରାଜ୍ୟ ନିର୍ବାଚନ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ ପରେ ରାଜ୍ୟ ନିର୍ବାଚନ ଆୟୁକ୍ତର ସମସ୍ତ ଅଧିକାରୀ ଓ କର୍ମଚାରୀ ଶ୍ରୀ ପାଢ଼ୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ । ପରେ ଅଧିକାରୀମାନଙ୍କ ସହ ଆଲୋଚନା କରି ଶ୍ରୀ ପାଢ଼ୀ ସମସ୍ତଙ୍କୁ ନିଷ୍ଠାପର ଓ ଦାୟିତ୍ୱର ସହ କାର୍ଯ୍ୟ ସଂପାଦନ କରି ନିର୍ବାଚନ ଆୟୁକ୍ତର ଗରିମା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନା କରି ରାଜ୍ୟବାସୀଙ୍କ ଅସ୍ଥାଭାଜନ ହେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ । ଶ୍ରୀ ପାଢ଼ୀ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ସଫଳତାର ସହ ଦାୟିତ୍ୱ ନିର୍ବାହ କରି ଅବସର ଗ୍ରହଣ କରିଥିଲେ ।

# ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି(ଦିଶା) ବୈଠକ

ଜୟପୁର, ୩୧/୦୧ (ନି.ପ୍ର): କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାତୀୟ ରାଜପଥ ୨୬ ଓ ୩୨୬, ଜୟପୁର କେନ୍ଦ୍ରୀୟ ବିଦ୍ୟାଳୟ, କୋରାପୁଟ ଏବଂ ଜୟପୁରର ବାଇପାସ ରାସ୍ତା, ରେଳବାଇ ପ୍ରକଳ୍ପ, ମୋବାଇଲ ଟାୱାର, ଭାରତମାଳା ଏକ୍ସପ୍ରେସ ହାଇୱେ,ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ ଭି କୀର୍ତିଓ୍ୱାସନ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା , ଜୟପୁର ଉପ ଜିଲ୍ଲାପାଳ ଆକାଭାରମ ଶସ୍ୟା ରେଡ୍ଡୀ , କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ , କୋରାପୁଟ ବିଧାୟକଙ୍କ ପ୍ରତିନିଧି ସୁମନ୍ତ ପ୍ରଧାନ ପ୍ରମୁଖଙ୍କ ସହ ଜିଲ୍ଲାର ଅନ୍ୟ ଅଧିକରୀମାନେ ଉପସ୍ଥିତ ରହି କେନ୍ଦ୍ରୀୟ ଯୋଜନା ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ବୋରିଗୁମ୍ମା ବ୍ଲକରେ ମନରେଗା କର୍ଯ୍ୟରତ ଶ୍ରମିକ ମାନେ ପ୍ରାପ୍ୟ ପାଇ ନ ଥିବା ଏବଂ ପିଏମ କିସାନ ଯୋଜନାର ହିତାଧୀକାରୀ ମାନେ ଅର୍ଥ ପାଇ ନ ଥିବା ବୈଠକରୁ ଜଣାପଡିଥିଲା ବୋଲି ସାଂସଦ ସପ୍ତଗିରି ଉଲାକା କହିଛନ୍ତି ।ଉକ୍ତ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ଭାରତମାଲା ରାସ୍ତା ନିର୍ମାଣ ଯୋଗୁଁ ଯେଉଁ ଗ୍ରାମାଂଚଳ ରାସ୍ତା ଖରାପ ହୋଇ ଯାଇଛି ସେଗୁଡିକୁ ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଯୋଗଦେଇ ପରିଚାଳନା କରିଥିବା ବେଳେ ଏପିଡି ଗୌରୀ ଶଙ୍କର ସାହୁ ଓ ମନରେଗା ଡିପିଓ ଜୟନ୍ତ କୁମାର ନାୟକ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ୧୯ତମ ଜିଲ୍ଲା ବିଦ୍ୟୁତ ସମିତି ବୈଠକ : ଶତ ପ୍ରତିଶତ ଘରକୁ ବିଦ୍ୟୁତ ଯୋଗାଣ ଲକ୍ଷ୍ୟ

ଜୟପୁର, ୩୧/୦୧ (ନି.ପ୍ର):- କୋରାପୁଟ ଦକ୍ଷତା ବିକାଶ କେନ୍ଦ୍ର ଠାରେ ୧୯ତମ ଜିଲ୍ଲା ବିଦ୍ୟୁତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ଚାଲିଥିବା ବିଭିନ୍ନ ଯୋଜନାରେ କିପରି ବିଦ୍ୟୁତକରଣ କରାଯାଇଛି ସେ ସଂପର୍କରେ ପ୍ରଥମେ କୋରାପୁଟ ଓ ଜୟପୁର ଉପଖଣ୍ଡର ବିସ୍ତୃତ ତଥ୍ୟ ବୈଠକରେ ପ୍ରଦାନ କରାଯାଇଥିଲା । ଜିଲ୍ଲାର ୧୮୯୯ଟି ରାଜସ୍ୱ ଗ୍ରାମ, ୨୭୩୩ ଟି ପଡାରେ ବିଦ୍ୟୁତ ଯୋଗାଣ ବିଭିନ୍ନ ଯୋଜନାରେ କରାଯାଇଥିବା ବିଷୟ ଦୁଇ ଉପଖଣ୍ଡର ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ତଥ୍ୟ ପ୍ରଦାନ କରିଥିଲେ । ଏବେବି ୩୦୦ ପାଖାପାଖି ଗ୍ରାମରେ ବିଦ୍ୟୁତ ଯୋଗାଇ ଦିଆଯାଇନଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନାରେ ୧୪ଟି ବ୍ଲକର ବିଭିନ୍ନ ସ୍ଥାନରେ ବିଦ୍ୟୁତ ଫିଡର,ସବଷ୍ଟେସନ,୨୫କେଭି,୧୧କେଭି ଲାଇନ ଗୁଡିକର ସ୍ଥିତି ସଂପର୍କରେ ମଧ୍ ?ଦୟ ଆଲୋଚନା କରାଯାଇଥିଲା । ବୈଠକରେ ୧୪ଟି ବ୍ଲକରେ ପୁଲିଂ ବୁଥ ଗୁଡିକୁ ସଂପୂର୍ଣ୍ଣ ବିଦ୍ୟୁତ କରଣ କରାଯାଇଛି ତା ସହ ବିଭିନ୍ନ ବ୍ଲକରେ ଓରିଡା ଦ୍ୱାରା ସୋଲାର ସଂଯୋଗ ଦିଆଯାଇଛି ତଥାପି କିଛି ଗ୍ରାମ ଓ ହେମଲେଟ ଏବଂ ଘରୋଇ ଯୋଗାଣ ବାକି ରହିଥିବା ବିଷୟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ବଳକା ଥିବା ଆବାସିକ ବିଦ୍ୟାଳୟ,ଅଙ୍ଗନବାଡି ଗୁଡିକୁ ତୁରନ୍ତ ବିଦ୍ୟୁତ ସଂଯୋଗ ଦେବାପାଇଁ ଦାବି କରାଯାଇଛି । ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ ତୁରନ୍ତ ସୀମାନ୍ତବର୍ତୀ ଗ୍ରାମଗୁଡିକୁ ସର୍ଭେ କରି ବିଦ୍ୟୁତ ଯୋଗାଇବା ପାଇଁ ଦାବି କରିଥିଲେ । ଅନ୍ୟପଟେ ଉଠା ଜଳସେଚନ,ସେବାଶ୍ରମ ସ୍କୁଲ ଗୁଡିକୁ ତୁରନ୍ତ ବିଦ୍ୟୁତ ଯୋଗାଣ ସହ ବିନା ଅନୁମତିରେ ବିଦ୍ୟୁତ ନକାଟିବା ପାଇଁ କର୍ତୃପକ୍ଷକୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ତାଗିଦ କରିଛନ୍ତି । ଜୟପୁର ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଚିହ୍ନଟ ଜମିରେ ତୁରନ୍ତ ଦୁଇଗୋଟି ପୋଲ ଉଠାଇବା ପାଇଁ ଜିଲ୍ଲାପାଳ ଭି କିର୍ତୀ ଭାସନ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ କୋଟପାଡ ବିଧାୟକ ରୂପୁ ଭତ୍ରା ତେନ୍ତୁଳିଗୁମ୍ମାକୁ ସର୍ଭେ କରି ତୁରନ୍ତ ବିଦ୍ୟୁତ ଯୋଗାଣ କରାଯାଉ ବୋଲି ଉଦବେଗ ପ୍ରକାଶ କରିଥିଲେ । ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ହରିଚନ୍ଦନପୁର ବ୍ଲକରେ ଖୋଲିଲା ମାଣ୍ଡିଆ ମଣ୍ଡି, ଖୁସିରେ ମାଣ୍ଡିଆ ଚାଷୀ

ହରିଚନ୍ଦନପୁର, , ୩୧/୦୧ (ନି.ପ୍ର): - କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁରରେ ଖରିଫ ଋତୁରେ ଚାଷ କରାଯାଇଥିବା ମାଣ୍ଡିଆ କ୍ରୟ ପାଇଁ ମନୋହରପୁର ଠାରେ ଏକ ମଣ୍ଡି ଉଦଘାଟିତ ହୋଇଯାଇଛି । ତେଲକୋଇ ବିଧାୟକ ଫକିର ମୋହନ ନାଏକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଏଥିରେ ବ୍ଲକର ଅଧିକାଂଶ ଚାଷୀ ମାଣ୍ଡିଆ ବିକ୍ରୟ ପାଇଁ କୃଷକ ଓଡ଼ିଶା ପୋର୍ଟାଲରେ ନାମ ପଞ୍ଜିକରଣ କରିଛନ୍ତି । ସେମାନଙ୍କ ଠାରୁ ଶହଶହ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଚଳିତ ବର୍ଷ ଓଡ଼ିଶା ସରକାର ମାଣ୍ଡିଆ କ୍ରୟ ପାଇଁ ଚାଷୀମାନଙ୍କୁ କ୍ୱିଂଟାଲ ପିଛା ୪୫୦୦ ଟଙ୍କା ଡି ବି ଟି ମାଧ୍ୟମରେ ଦେବାକୁ ନିଷ୍ପତି ନେଇଛନ୍ତି । ଏହି ଉଦ୍ଘାଟନୀ ଉତ୍ସବରେ କୃଷି ଅଧିକାରିଣୀଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ । ଏଥିସହ ବିଧାୟକ ପ୍ରତିନିଧି ଶିରିଷି ସାହୁଙ୍କ ସମେତ ଅନେକ ବିଜେପି କର୍ମୀ ଯୋଗ ଦେଇଥିଲେ ।

## କୋରାପୁଟ ସଦର ମହକୁମାରେ ସହିଦ ଦିବସ ପାଳିତ

ଜୟପୁର, , ୩୧/୦୧ (ନି.ପ୍ର):- ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଅବସରରେ କୋରାପୁଟ ସଦର ମହକୁମାରେ ସହିଦ ଦିବସ ପାଳିତ ହୋଇଯାଇଛି । କୋରାପୁଟ ଗାନ୍ଧୀ ପାର୍କରେ ସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ,ଜିଲ୍ଲାପାଳ ଭି କୀର୍ତିଓ୍ୱାସନ,ଅତିରିକ୍ତ ଜିଲ୍ଲାପାଳ ଆଲୋମଣି ସେଠୀ, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ ପ୍ରମୁଖ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ। ପୂର୍ବତନ ଅଧକ୍ଷ ଭଗବାନ ବାହିନୀପତି ,ପୌର ପରିଷଦ ନିର୍ବାହୀ ଅଧିକାରୀ ସୟଦ ସବିର ସାହା, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା,କଂଗ୍ରେସ ନେତା ରୂପକ ତୁରୁକ, ବିଜେପି ନେତା ତ୍ରିନାଥ ପଣ୍ଡା, ୱାଇ ସତ୍ୟନାରାୟଣ, ରାଜେନ୍ଦ୍ର ସାହୁଙ୍କ ସହ ଅନ୍ୟାନ୍ୟ ବ୍ୟକ୍ତି ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା ଓ କାର୍ଯ୍ୟାଳୟର ସତ୍ୟ ନାରାୟଣ ପ୍ରଧାନ ଯୋଗଦେଇ ପରିଚାଳନା କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଆଲୋମଣି ସେଠୀ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା, ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀ,ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି ପ୍ରମୁଖଙ୍କ ସହ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥିରେ ସ୍ୱଚ୍ଛ ଭାରତ ଅଭିଯାନ କଲା ବିଜେପି

ରାଉରକେଲା, ୩୧/୦୧ (ନି.ପ୍ର):- ଜାତିର ଜନକ ମହାତ୍ମା ଗାନ୍ଧୀଜୀଙ୍କ ପୁନ୍ୟତିଥି ଅବସରରେ ଆଜି ସ୍ୱଚ୍ଛ ଭାରତ ଅଭିଯାନ ରାଉରକେଲାର ସେକ୍ଟର ୩ ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିସର ଓ ତତ୍ ସଂଲଗ୍ନ ପରିସରରେ ଜିଲ୍ଲା ବିଜେପି ତରଫରୁ କରାଯାଇଥିଲା । ରଘୁନାଥପଲ୍ଲୀ ବିଧାୟକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ପହଂଚି ଥିଲେ । ସେ କାର୍ଯ୍ୟକର୍ତାଙ୍କ ସହ ମିଶି ସର୍ବପ୍ରଥମେ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ମହା ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷାକରି ଥିଲେ । ତତ୍ ପରେ ସେ ଝାଡୁ ଧରି କର୍ମୀଙ୍କ ସହ ସଫେଇ କାର୍ଯ୍ୟ କରିବା ସହିତ ପାଣି ଢାଳି ମଣ୍ଡପକୁ ଧୋଇ ଥିଲେ । ଶ୍ରୀ ତନ୍ତୀ ସ୍ୱଚ୍ଛତା ଅଭିଯାନ ଉପରେ ଜନ ସଚେତନା କରିବା ସହିତ ସମସ୍ତେ ନିଜର ପାରିପାର୍ଶ୍ୱିକକୁ ସଫା ସୁତୁରା ରଖିବା ପାଇଁ ପରାମର୍ଶ ଦେଇଥିଲେ । ଗାନ୍ଧିଜୀଙ୍କ ସ୍ୱପ୍ନ କୁ ସାକାର କରିବାକୁ ହେଲେ ଆମେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ପଡ଼ିବ ବୋଲି ପ୍ରକାଶ କରିଥିଲେ । ଏହାପରେ ବିଧାୟକ ଦୁର୍ଗା ଚରଣ ତନ୍ତୀ ଆତ୍ମଗାନ ସ୍ଥିତ ମହାତ୍ମା ଗାନ୍ଧୀ ଉଦ୍ୟାନରେ ପହଂଚି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସେ କର୍ମୀଙ୍କ ସହିତ ମିଶି ଝାଡୁ ଧରି ସଫେଇ କାର୍ଯ୍ୟ ସେହି ଉଦ୍ୟାନ ପରିସର ଓ ମୁଖଦ୍ୱାରରେ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ଜିଲ୍ଲା ସ୍ୱଚ୍ଛ ଭାରତ ଅଭିଯାନ ସଂଯୋଜକ ଆଲୋକ ନାୟକ, ଅଜୟ କଂସାରୀ, ଅକ୍ଷୟ କୁମାର ଦାଶ , ପ୍ରଫୁଲ କୁମାର ମିଶ୍ର, ମନୋରଞ୍ଜନ ମୁନି,ସୁଶିଲ ସେଠି, ରଞ୍ଜିତା କିସ୍ ପଟ୍ଟା, ମମତା ମହାନ୍ତି,ପ୍ରତିମା ରାଉତ, ସନ୍ତୋଷ ବିରାଟ, ପ୍ରଦୀପ ପଟ୍ଟନାୟକ, ଗୌତମ ଡୁଙ୍ଗୁରି, ପ୍ରଭାସିନୀ ଡୁଙ୍ଗୁରୁ, ଗୌତମ ବାଡ଼ା, ପ୍ରସାଦିନ ମଲ୍ଲିକ, ମନୋଜ ପଟ୍ଟନାୟକ, ନିନରାନୀ ଜେନା, ମନୋଜ ସାହୁ, ସୁଦାମ ସାହୁ , ସବିନା ମହାନ୍ତ, ସୁରଭି ମଲ୍ଲିକ, ଟିକେଶ୍ୱର୍ ତାଣ୍ଡିଆ, ସଂଗୀତା ଏକ୍କା, ରାଜେନ୍ଦ୍ର ପଟ୍ଟନାୟକ, ଦୀପା ସାହୁ, ଲତା ପଟ୍ଟନାୟକ, ଚଂଚଳାଙ୍କ ସମେତ ଶତାଧିକ ଅଂଶ ଗ୍ରହଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

ଜୟପୁର, , ୩୧/୦୧ (ନି.ପ୍ର): ବିଭିନ୍ନ ଅନୁଷ୍ଠାନ ତରଫରୁ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଛି । ଉପଖଣ୍ଡ ପ୍ରଶାସନ ତରଫରୁ ମହାତ୍ମାଗାନ୍ଧୀ ଙ୍କ ତିରୋଧାନ ଦିବସ ପାଳିତ ହୋଇଛି । ଗାନ୍ଧୀ ଛକ ଓ ଗାନ୍ଧୀ ପାର୍କ ଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ଆଜି ସକାଳ ୮ଟା ୩୦ ମିନିଟ ସମୟରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଜୟପୁର ଉପ ଜିଲାପାଳ ଆକାବରମ ଶଶ୍ୟା ରେଡ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଡିଓ ଶକ୍ତି ମହାପାତ୍ର, ପୌର କନିଷ୍ଠ ଯନ୍ତ୍ରୀ ପ୍ରତାପ ଆଚାର୍ଯ୍ୟ ଏସଡିପିଆରଓ ଯୋଶଦା ଗାଦବା, ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ପ୍ରମୁଖ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲ । ମହାତ୍ମାଗାନ୍ଧୀଙ୍କ ନିତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇ ଉପସ୍ଥିତ ଅତିଥି ମାନେ ଆହ୍ୱାନ ଦେଇଥିଲେ । ସେହିପରି କୋରାପୁଟ ଜିଲା ସିପିଆଇ ତରଫରୁ ତିରୋଧାନ ଦିବସ ପାଳନ କରାଯାଇଛି । ଜୟପୁର ଶ୍ରମିକ କର୍ମଚାରି ଭବନ ଠାରେ ମହାତ୍ମାଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ସିପିଆଇର କର୍ମି ଓ ନେତା ଉପସ୍ଥିତ ରହି ମହାତ୍ମାଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ମହାତ୍ମାଗାନ୍ଧୀଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ ।

## ପାଣିକୋଇଲି ପଂଚାୟତ ତରଫରୁ ସମୂହ ସ୍ୱଚ୍ଛତା କାର୍ଯ୍ୟକ୍ରମ

କୋରେଇ, ୩୦/୧ (ନି.ପ୍ର): ପାଣିକୋଇଲି ପଂଚାୟତ ତରଫରୁ ପାଣିକୋଇଲି ବଜାର ଉପରେ ସମୂହ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଂଚାୟତର ସରପଂଚ ଶ୍ରୀମତୀ ପଦ୍ମାବତୀ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବନୀକାନ୍ତ ସାହୁ ଯୋଗ ଦେଇ ନିଜେ ସଫେଇ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନାଏବ ସରପଂଚ ଦେବେନ୍ଦ୍ର କୁମାର ସ୍ୱାଇଁ, ସମାଜସେବୀ ସୂର୍ଯ୍ୟମଣି ପଣ୍ଡା, ୱାର୍ଡ଼ ସଭ୍ୟ ଫିରୋଜ ପଣ୍ଡା, ରଘୁନାଥ ନାୟକ, ନବଘନ ମଳିକ, ପ୍ରମିଳା ମଳିକ, ସୁକାନ୍ତୀ ମଳିକ, ଶଶିକାନ୍ତ ମଳିକ, ଶିବ ଓଝା, ସଙ୍ଗୀତା ମଳିକ, ନିରୁପମା ସାହୁ, ସୁକାନ୍ତ ସାହୁ.ପଂଚାୟତ ମହାସଂଘ ସଭାନେତ୍ରୀ ବୀଣାପାଣି ଜେନା , ଜ୍ୟୋତି ମହାପାତ୍ର, ସ୍ନେହଲତା ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

## ସେଲ୍ ଫାଉଣ୍ଡେସନ ଡେ ଡବଲ୍ସ ବ୍ୟାଡମିଂଟନ ପ୍ରତିଯୋଗିତା ଉଦ୍ଘାଟିତ

ଯୋଡ଼ା, ୩୧/୦୧ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ (ସେଲ୍)ର ପ୍ରତିଷ୍ଠା ଦିବସ ପାଳନ ଅବସରରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ସେଲ୍ ଅନ୍ତର୍ଗତ ବଲାଣି ଖଣିର କ୍ରୀଡା ଓ ସାଂସ୍କୃତିକ କମିଟି ପକ୍ଷରୁ ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର କୋର୍ଟରେ ୧୧ତମ ସେଲ୍ ଫାଉଣ୍ଡେସନ ଡେ ବ୍ୟାଡମିଂଟନ ପ୍ରତିଯୋଗୀତା ଉଦ୍ଘାଟିତ ହୋଇଯାଇଛି । ଏହି ପ୍ରତିଯୋଗିତା ଏଠାରେ ନକ୍ ଆଉଟ୍ ଭିତିରେ ତିନି ଦିନ ଧରି ଖେଳା ଯିବା ସହିତ ଶୁକ୍ରବାର ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ପ୍ରତିଯୋଗିତାରେ ଓଡିଶା ଓ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡର ବିଭିନ୍ନ ଖଣି ଓ କାରଖାନାର ମୋଟ ୩୨ଟି ଦଳ ଭାଗ ନେଇଛନ୍ତି । ପ୍ରଥମ ଦିନରେ ପ୍ରତିଯୋଗିତାରେ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ବିଧିବଦ୍ଧ ଭାବେ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବୁଦ୍ଧଦେବ ନାଏକ ( ମହାପ୍ରବନ୍ଧ, ମେକାନିକାଲ), ଗୁରୁଚରଣ ହେମ୍ବ୍ରମ (ମହାପ୍ରବନ୍ଧକ, ସିସି), ସୁବାଷ ଚନ୍ଦ୍ର ସାହୁ (ମହାପ୍ରବନ୍ଧକ, ବିତ), ନିର୍ମଳ ଚନ୍ଦ୍ର ଦାସ(ସହ ପ୍ରବନ୍ଧକ, ବିତ), କମିଟିର ସହ ସମ୍ପାଦକ ତଥା ବରିଷ୍ଠ ପ୍ରବନ୍ଧକ ଭୀମସେନ କୁଅଁର, ରାଜେନ୍ଦ୍ର ନାରାୟଣ ସାହୁ (ପ୍ରବନ୍ଧକ , ଏମ୍ ଏମ୍), ଦୁଃଶାସନ ମହାନ୍ତ (ପ୍ରବନ୍ଧକ, ବିତ), ପ୍ରମୁଖ ଉପସ୍ଥିତ ଥିଲେ । ଅରୁଣ ବେହେରା ଓ ବୁନା ମହାନ୍ତି ରେଫେରୀ ଭାବରେ ଖେଳ ପରିଚାଳନା କରିଥିବା ବେଳେ ରୂପକ କୁମାର ଦାସ ଓ ଶିବାଶିଷ ନନ୍ଦ ସ୍କୋରର ଭାବରେ ଦାଇତ୍ୱ ତୁଲାଇଥିଲେ । କମିଟିର ଇଣ୍ଡୋର କ୍ରୀଡା ସମ୍ପାଦକ ପ୍ରଶାନ୍ତ ରାୟ, ଜେ ଏନ ଆର୍ ସି ସମ୍ପାଦକ ପ୍ରଶାନ୍ତ ଦାସ, ସାଂସ୍କୃତିକ ସମ୍ପାଦକ ଦିଲୀପ ନାୟକ , କୁନା ମହାନ୍ତି, ସୁଜିତ ମିଶ୍ର, ଶ୍ରୀନିବାସ ପଣ୍ଡା ରାଜେନ୍ଦ୍ର ନନ୍ଦ, ଉପେନ୍ଦ୍ର ମୁଣ୍ଡା, କୃତିବାସ ପ୍ରଧାନ, ଋଷି ନନ୍ଦ ପ୍ରମୁଖ ସହ କମିଟିର ଅନ୍ୟାନ୍ୟ ସଦସ୍ୟ କ୍ରୀଡା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।

# ସ୍ମାର୍ଟ ମିଟର ବିରୁଦ୍ଧରେ ପୁରୀ ଓକିଲ ସଂଘର ଶୋଭାଯାତ୍ରା : ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ପୁରୀ, , ୩୧/୦୧ (ନି.ପ୍ର):- ସ୍ମାର୍ଟ ମିଟର ବିରୁଦ୍ଧରେ ପୁରୀ ଓକିଲ ସଂଘ ପକ୍ଷରୁ ଗୁରୁବାର ଦିନ ଆଇନଜୀବୀମାନେ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଶୋଭାଯାତ୍ରା ସଂଘ କାର୍ଯ୍ୟାଳୟ ଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ।ଟାଟା ର ଉପଭୋକ୍ତା ବିରୋଧୀ ନୀତି ତଥା ସ୍ମାର୍ଟ ମିଟର ପ୍ରଚଳନକୁ ସଂଘ ବିରୋଧ କରିଛି । ଚାଲୁଥିବା ମିଟରକୁ ଖରାପ୍ ଦର୍ଶାଇ ମିଥ୍ୟାରେ ମିଟର ଟ୍ୟାମ୍ପରିଙ୍ଗର ଆଖ୍ୟା ଦିଆଯାଉଛି । ବିଦ୍ୟୁତ କମ୍ପାନୀର କର୍ମଚାରୀ ଜୋର ଜବରଦସ୍ତି ଘରେ ପଶିଯିବା ଅଭିଯୋଗ କରିଛନ୍ତି । ଉପଭୋକ୍ତାଙ୍କ ବିନା ଦସ୍ତଖତରେ ଦୁର୍ବ୍ୟବହାର ଓ ଲକ୍ଷ୍ ଲକ୍ଷ୍ ଟଙ୍କା ଜୋରିମାନ ଧାର୍ଯ୍ୟ କରୁଛନ୍ତି । ବିଦ୍ୟୁତ୍ ବିଛିନ୍ନ କରିଦେଉଛନ୍ତି । ଆଭରେଜ୍ ବିଲ୍ କରିଦେଉଛନ୍ତି । ପୁରୀରେ ମିଟର ବଦଳାଇବା ବାହାନାରେ କେତେକ ଉପଭୋକ୍ତାଙ୍କ ଘରେ ସ୍ମାଟ ମିଟର ଲଗାଇଛନ୍ତି । ପୁରୀ ସହରରେ ପ୍ରିପେଡ୍ ସ୍ମାଟ ମିଟର ବସାଇବା ପାଇଁ ଉପଭୋକ୍ତାଙ୍କୁ ବାଧ କରୁଛନ୍ତି । ଯାହାକି ଆଇନ ବିରୋଧୀ। ସ୍ମାର୍ଟ ମିଟର ପ୍ରଚଳନ ଉପଭୋକ୍ତା ବିରୋଧୀ। ଟାଟା ପାୱାର ସ୍ମାର୍ଟ ମିଟର ଜରିଆରେ ରିମୋର୍ଟକୁ ନିଜ ହାତରେ ରଖିବା ପାଇଁ ଚେଷ୍ଟା କରୁଛି । ଶହ ଶହ କର୍ମଚାରୀ ଛଟେଇ ହେବେ । ଆଗୁଆ ପ୍ରିପେଡ଼ ଭାଉଚର ଦ୍ୱାରା ୫୦୦ ଟଙ୍କିଆ ଓ ୧୦୦୦ ଟଙ୍କିଆ ଭାଉଚର ପ୍ରଚଳନ କରିବେ । ଉପଭୋକ୍ତାଙ୍କ ଠାରୁ କୋଟି କୋଟି ଟଙ୍କା ଆଗୁଆ ନେଇ ବ୍ୟାଙ୍କ ରୁ ସୁଧ ଟଙ୍କା ଲାଭ ପାଇବେ । ସ୍ମାର୍ଟ ମିଟର ଲଗାଇବା ପାଇଁ ଆନୁମାନିକ ପ୍ରତି ମିଟର ପିଛା ୭୦୦୦ ଟଙ୍କା ଗ୍ରାହକଙ୍କ ଠାରୁ ନେଇଯିବେ । ଏହା ସଂପୂର୍ଣ୍ଣ ଉପଭୋକ୍ତା ବିରୋଧୀ । ଓକିଲ ସଂଘ ଦାବୀ ମଧ୍ୟରେ ସାଧାରଣ ଘରୋଇ ଉପଭୋକ୍ତାଙ୍କର ପ୍ରଥମ ସ୍ରାବ ୧୦୦ ୟୁନିଟ ରଖାଯାଉ । ୟୁନିଟ୍ ପିଛା ବିଦ୍ୟୁତ୍ ଉତ୍ପାଦନ ଖର୍ଚ୍ଚ ଯାହା ହେଉଛି, ସେତିକି ଧାର୍ଯ୍ୟ କରାଯାଉ । ଟାଟା ପାୱାର ଜୋରଜବରଦସ୍ତ ଘରେ ପଶି ଚାଲୁଥିବା ମିଟରକୁ ବଦଳାଇବା ଓ ମିଥ୍ୟାର ଆଶ୍ରୟ ନେଇ ମିଟର ଟ୍ୟାମ୍ପରିଙ୍ଗ କହି ଲକ୍ଷ ଲକ୍ଷ ଟଙ୍କା ଜୋରିମାନା ଆଦାୟ କରିବା ବନ୍ଦ କରୁ । ଉପଭୋକ୍ତାବାଦ ବିରୋଧ ସ୍ମାଟ ମିଟର ତୁରନ୍ତ ପ୍ରତ୍ୟାହାର କରାଯାଉ । ଟିପିସିଓଡିଏଲ ର କର୍ମଚାରୀମାନେ ବିନା ଅନୁମତିରେ ଘରେ ପଶି ଉପଭୋକ୍ତା ଓ ପରିବାର ଲୋକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ବନ୍ଦ କରାଯାଉ । ପ୍ରତି ଗ୍ରାହକଙ୍କର ଲାଗିଥିବା ମିଟର ମାନ ପରୀକ୍ଷା କରି ସଂପୃକ୍ତ ମିଟର ଟେଷ୍ଟି ଅଧିକାରୀଙ୍କ ଠାରୁ ସାର୍ଟିଫିକେଟ୍ ଆଣି ଉପଭୋକ୍ତାଙ୍କୁ ଦେଇ, ଉପଭୋକ୍ତାଙ୍କ ବ୍ୟବହାର ମୁତାବକ ବିଜୁଳି ଉପରେ ଦର ନିର୍ଦ୍ଧାରଣ କରାଯାଉ ଓ ନିରବଛିନ୍ନ, ଗୁଣାତ୍ମକ ବିଜୁଳି ଯୋଗାଇ ଦିଆଯାଉ । ଟିପିସିଓଡିଏଲ ର ଆୟ ବ୍ୟୟ ସି.ଏ.ଜି. ଦ୍ୱାରା ଅଡ଼ିଟ୍ ? କରି, ଓ.ଇ.ଆର.ସି.କୁ ବିଧାନ ସଭା ନିକଟରେ ଉତରଦାୟୀ କରାଯାଉ। ଜିଲ୍ଲା ଖାଉଟି ବିବାଦ କମିଶନ୍‌କୁ ଉପଭୋକ୍ତାମାନଙ୍କ ପାଇଁ ପୂର୍ଣକ୍ଷମ କରାଯାଉ । ଦାବୀ ଗୁଡ଼ିକ ସରକାର ବା ଜିଲ୍ଲା ପ୍ରଶାସନ ଅବିଳମ୍ବେ ପୁରଣ ନକରନ୍ତି ଓ ଯଦି ଚାଲୁ ଥିବା ମିଟରକୁ ବଦଳାଇ ସ୍ମାଟ ମିଟର ପ୍ରଚଳନ କରିବା ପାଇଁ ସୁପାରିଶ୍ କରନ୍ତି ତେବେ ଓକିଲ ସଂଘ ଉପଭୋକ୍ତାଙ୍କୁ ସଚେତନ କରାଇ ଭବିଷ୍ୟତରେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବା ପାଇଁ ବାଧ ହେବ ବୋଲି ଚେତାବନୀ ଦେଇଛି । ପ୍ରକୃତ କ୍ଷତିଗ୍ରସ୍ତ ଉପଭୋକ୍ତାଙ୍କ ପାଖରେ ଓକିଲ ସଂଘ ଠିଆହେବା ପାଇଁ ବାଧ ହେବ । ଦାବୀପତ୍ର ଦେବା ସମୟରେ ଓକିଲ ସଂଘର ସଭାପତି ଆଦିତ୍ୟ ହୃଦୟ ମିଶ୍ର, ସମ୍ପାଦକ ଦୀପକ କୁମାର ଦାଶ, ଉପସଭାପତି ପ୍ରଦୀପ କୁମାର ରଥ, ଯୁଗ୍ମ ସମ୍ପାଦକ ବିଶ୍ୱଜିତ୍ ପ୍ରଧାନ, ସସ୍ମିତା ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ବିଶ୍ୱ ଭୂଷଣ ବାରିକି, ଭାଗବତ ପଟ୍ଟନାୟକ, ତପନ କୁମାର ବାରିକି, ଅନିଲ କୁମାର ସାହୁ, ଶରତ ରାୟଗୁରୁ, ପୁଳିନ ବିହାରୀ ଆଚାର୍ଯ୍ୟ, ନୃସିଂହ ଚରଣ ମହାନ୍ତି, ପ୍ରସନ୍ନ କୁମାର ମିଶ୍ର, ସୁକାନ୍ତ କୁମାର ପ୍ରଧାନ, ବିଭୂତି ଶଙ୍କର ତ୍ରିପାଠି ,ସାରଦା ପ୍ରସାଦ ସାମଲ, କର୍ଣ୍ଣବୀର ମହାପାତ୍ର ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ ।

# ଆର୍ଥିକ ସେବା ଓ ସଂଚୟ ସଚେତନତା କାର୍ଯ୍ୟକ୍ରମ

ପୁରୀ , ୩୦/୧ (ନି.ପ୍ର): ପୁରୀ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ବିଭାଗ ଆନୁକୂଲ୍ୟରେ ଆର୍ଥିକ ସାକ୍ଷରତା ଓ ସଚେତନତା ଶିବିର ପିପିଲି ବ୍ଲକ ଅଧିନସ୍ଥ ସରସ୍ୱତୀପୁର ଗ୍ରାମ ପଂଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ଡାକ ବିଭାଗର ବରିଷ୍ଠ ଅଧିକାରୀ ରତନ ଜେନା ସଭାପତିତ୍ୱ କରିବା ସହିତ ଶିବିର ର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାର ଆର୍ଥିକ ସେବା ଓ ସ୍ୱଳ୍ପ ସଂଚୟ ଅଧିକାରୀ ବିଭୂତି ଭୂଷଣ ନାୟକ ଅର୍ଥ ନେଣ ଦେଣ ସମୟରେ ହେଉଥିବା ଡିଜିଟାଲ ସାଇବର ଠକେଇ ସମ୍ପର୍କରେ ଏବଂ ସରକାରଙ୍କ ବିଭନ୍ନ ଆର୍ଥିକ ଯୋଜନା ଓ ତାହାର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। ଡାକ ବିଭାଗ ର ଅଧିକାରୀ ଶ୍ରୀ ଜେନା ଲୋକମାନେ କିପରି କଷ୍ଟ ଉପାର୍ଜିତ ଅର୍ଥକୁ ଡାକଘରେ ଓ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କରେ ସଠିକ ଭାବେ ସଂଚୟ କରି ଲାଭବାନ ହୋଇ ପାରିବେ ସେ ସମ୍ପର୍କରେ ବିଷଦ ସୂଚନା ଦେଇଥିଲେ ।ସିନିୟର ମ୍ୟାନେଜର ପ୍ରୀତିଶ କୁମାର ସ୍ୱାଇଁ ବିଭିନ୍ନ ଡାକ ଘର ବୀମା ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଡାକଘରେ ସଂଚୟ ସହ ଦେୟ ମୁକ୍ତ କୂପନ ସଂଗ୍ରହ କରିବା ପାଇଁ ସଂଚୟ କର୍ତାଙ୍କୁ ଅନୁରୋଧ କରାଯାଇଥିଲା। ଯାହା ଫଳରେ ସରକାରଙ୍କ ପକ୍ଷରୁ ସେମାନେ ଲଟେରୀ ମାଧ୍ୟମରେ ଥିବା ଆର୍ଥିକ ସୁବିଧା ପାଇବାର ସୁଯୋଗ ଲାଭ କରି ପାରିବେ। କାର୍ଯ୍ୟକ୍ରମ ରେ ସ୍ଥାନୀୟ ଲୋକ ପ୍ରତିନିଧି, ଅଙ୍ଗନବାଡି କର୍ମୀ,ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟ ଓ ସାଧାରଣ ଲୋକ ଯୋଗ ଦେଇଥିଲେ ।ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଭଳି ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇ ଲୋକ ମାନଙ୍କୁ ଡିଜିଟାଲ ମାଧ୍ୟମରେ ଆର୍ଥିକ କାରବାର ସମ୍ପର୍କରେ ସଚେତନ କରାଯିବା ସହ ଡାକ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଉଛି ବୋଲି ସ୍ୱଳ୍ପ ସଂଚୟ ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

## ଶ୍ରୀ ମା ଅରବିନ୍ଦ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଭୁବନ, , ୩୧/୦୧ (ନି.ପ୍ର):- ଭୁବନ ବ୍ଲକ ଅନ୍ତର୍ଗତ ଅନଳ ଶ୍ରୀ ମା ଅରବିନ୍ଦ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀମତୀ ଗାୟତ୍ରୀ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ବ୍ଲକ ଶିକ୍ଷାଧିକାରୀ ଅଦ୍ୱୈତ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଲ ମଣିଷ ହୁଅ, ରାଷ୍ଟ୍ର ଭକ୍ତ ହୋଇ ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଯୋରନ୍ଦା ଉଚ୍ଚ ବିଦ୍ୟାଳୟ ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଗନ ବିହାରୀ ନାୟକ ଯୋଗ ଦେଇଥିଲେ ।

# ଭାରତୀୟ ପରମ୍ପରାରେ ଗୋ-ମାତାର ମହତ୍ୱ ଉପରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ବକ୍ତୃତା ଅନୁଷ୍ଠିତ

ଜୟପୁର, , ୩୧/୦୧ (ନି.ପ୍ର): - ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) ଆନୁକୂଲ୍ୟରେ ୨୭ ଜାନୁଆରୀ ୨୦୨୫ରେ ସୁନାବେଡ଼ା ପରିସରରେ ଭାରତୀୟ ପରମ୍ପରାରେ ଗୋ ମାତା (ଗାଈ)ର ମହତ୍ୱ ଉପରେ ଆଲୋକପାତ କରିବା ପାଇଁ ଏକ ସ୍ୱତନ୍ତ୍ର ବକ୍ତୃତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଉଦ୍ ଘାଟନ କରିଥିବା ବେଳେ ସିୟୁଓର ଡ. ସଞ୍ଜୟ କୁମାର ପ୍ରଧାନ, ଡ. ଜୟନ୍ତ କୁମାର ନାୟକ ଓ ଡ. ଗଗନ ବିହାରୀ ସୁଆର ଓ ଶିଲଂ ସ୍ଥିତ ନେହୁର ପ୍ରଫେସର ମାନସ ପି ଗୋସ୍ୱାମୀ ଉପସ୍ଥିତ ଥିଲେ। ପ୍ରଫେସର ତ୍ରିପାଠୀ ତାଙ୍କ ଅଭିଭାଷଣରେ ପ୍ରାଚୀନ ଭାରତୀୟ ବୈଦିକ ଗ୍ରନ୍ଥ ଓ ପୁରାଣରେ ଉଲ୍ଲେଖ କରାଯାଇଥିବା କ୍ଷୀର, ମୂତ୍ର ଓ ଗୋବରର ମୂଲ୍ୟ ଉପରେ ଆଲୋକପାତ କରି ଦେଶୀ ଗାଈର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଗାଈ ବିଷୟରେ ପାଶ୍ଚାତ୍ୟ ଦୃଷ୍ଟିକୋଣ ଭିନ୍ନ ହୋଇଥିବା ବେଳେ ଭାରତୀୟ ଦୃଷ୍ଟିକୋଣ ଗାଈକୁ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରମ୍ପରାରେ ଗଭୀର ମୂଳ ରଖି ଏକ ସମ୍ମାନଜନକ ମା' ଭାବରେ ଦେଖୁଛି ବୋଲି ସେ ବୁଝାଇଥିଲେ । ଦେଶୀ ଗାଈରୁ କ୍ଷୀରର ବୈଜ୍ଞାନିକ ଉପକାରିତା ବିଷୟରେ ମଧ ସେ କହିଥିଲେ। ଭାରତ ବର୍ଷର ଋଗବେଦ, ଅଥର୍ବବେଦ, ମହାଭାରତ, ରାମାୟଣ ଓ ଅନ୍ୟାନ୍ୟ ପ୍ରାଚୀନ ଗ୍ରନ୍ଥଗୁଡ଼ିକର ଉଦାହରଣ ଦେଇ ଡ. ନାୟକ ଭାରତୀୟ ପରମ୍ପରାରେ ଗାଈର ମହତ୍ୱ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ସେ ମହାନ ଐତିହାସିକ ବ୍ୟକ୍ତିତ୍ୱଙ୍କ ଗୋ ମାତାଙ୍କ ମାହାତ୍ମ୍ୟ ଓ ସୁରକ୍ଷା ପାଇଁ ନେଇଥିବା ଉଦ୍ୟମ ଉପରେ ଆଲୋକପାତ କରିଥିଲେ ଏବଂ ଭାରତୀୟ ସମ୍ବିଧାନର ଧାରା ୪୮ରେ ଗାଈର ସୁରକ୍ଷା ବିଷୟରେ ଉଲ୍ଲେଖ କରିଥିଲେ । ଗାଈକ୍ଷୀର, ମୂତ୍ର ଓ ଗୋବରର ଔଷଧୀୟ ଗୁଣ ସମ୍ପର୍କରେ ଡାକ୍ତର ନାୟକ ଆଲୋଚନା କରିଥିଲେ। ଡ. ସୁଆର ବୈଦିକ ଓ ପୌରାଣିକ ଗ୍ରନ୍ଥରେ ଗାଈର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ ଏବଂ ଗୋହତ୍ୟାକୁ ତୀବ୍ର ବିରୋଧ କରିଥିଲେ । ଓଏସଡି ଡ. ପ୍ରସେନଜିତ ସିହ୍ନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ. ସଞ୍ଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବକ୍ତୃତାରେ କୃଷି ଓ ପଶୁପାଳନ ବିଭାଗର ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣେଇଛନ୍ତି। ଭାରତୀୟ ପରମ୍ପରାରେ ଗାଈର ସାଂସ୍କୃତିକ ଏବଂ ବୈଜ୍ଞାନିକ ପ୍ରାସଙ୍ଗିକତା ବିଷୟରେ ଏକ ଗଭୀର ଅନୁସନ୍ଧାନ ଭାବରେ ଏହି କାର୍ଯ୍ୟକ୍ରମକୁ ବେଶ୍ ପ୍ରଶଂସା କରାଯାଇଥିଲା ।

# ଐତିହାସିକ ଦିବସର ସ୍ୱପ୍ନ



## ଡକ୍ଟର ଲକ୍ଷ୍ମଣ ସାହୁ

ଇତିହାସ ପୃଷ୍ଠାରେ ୧୯୪୭ ଅଗଷ୍ଟ ୧୫ ରେ ଏକ ଦୀର୍ଘ ସ୍ୱାଧୀନତା ଆନ୍ଦୋଳନ ହେତୁ ଭାରତ ବ୍ରିଟିଶ ଶାସନରୁ ମୁକ୍ତ ହୋଇଥିଲା । ବ୍ରିଟେନର ସଂସଦ ଦ୍ୱାରା ଭାରତୀୟ ସ୍ୱାଧୀନତା ଆଇନ ପ୍ରଣୟନ କରି ସ୍ୱାଧୀନତା ହାସଲ କରିବାର ପ୍ରକ୍ରିୟା ସମାପ୍ତ ହୋଇଥିଲା । ଫଳସ୍ୱରୂପ ବ୍ରିଟିଶ ଙ୍କ ଦ୍ୱାରା ଅଖଣ୍ଡ ଭାରତ ଭାଙ୍ଗିଗଲା ଓ ଦୁଇଟି ସ୍ୱାଧୀନ ରାଜ୍ୟ ଭାରତ ଓ ପାକିସ୍ଥାନ, କମନୱେଲଥ ଅଫ୍ ନେସନ୍ସ ଅଧୀନରେ ପ୍ରାଧାନ୍ୟ ଭାବରେ ଜନ୍ମଗ୍ରହଣ କଲେ । ଯଦିଓ ୧୯୪୭ ଅଗଷ୍ଟ ୧୫ ରେ ଭାରତ ସ୍ୱାଧୀନ ହୋଇଥିଲା, ତଥାପି ଷଷ୍ଠ ଜର୍ଜ ଦେଶର ମୁଖ୍ୟ ଥିଲେ ଓ ଲର୍ଡ ଲୁଇ ମାଉଣ୍ଟବ୍ୟାଟେନ୍ ଏହାର ଗଭର୍ଣ୍ଣର ଜେନେରାଲ୍ ଥିଲେ । ଦେଶରେ ସେପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମ୍ବିଧାନ ନଥିଲା ।

ଉପନିବେଶିକ ଭାରତ ଶାସନ ଆଇନରେ କିଛି ପରିବର୍ତ୍ତନ ସହିତ ଦେଶ ଶାସନ କାର୍ଯ୍ୟ ଚାଲିଥିଲା । ୧୯୪୭ ଅଗଷ୍ଟ ୨୮ ରେ ଏକ ସ୍ଥାୟୀ ସମ୍ବିଧାନ ପ୍ରସ୍ତୁତ କରିବାକୁ ଏକ ଡ୍ରାଫ୍ଟ କମିଟି ଗଠନ କରାଯାଇଥିଲା । ଏହି କମିଟିର ସଭାପତି ଥିଲେ (ଭୀମ୍ରାଓ ) ରାମଜୀ ଆମ୍ବେଦକର । ୧୯୪୭ ନଭେମ୍ବର ୪ ରେ କମିଟି ସମ୍ବିଧାନର ଏକ ଡ୍ରାଫ୍ଟ ପ୍ରସ୍ତୁତ କରି ଏହାକୁ ବିଧାନସଭାକୁ ଦାଖଲ କଲା । ସମ୍ବିଧାନ ଗୃହୀତ ହେବାର ୨ ବର୍ଷ, ୧୧ ମାସ, ୧୮ ଦିନ ମଧ୍ୟରେ ସମ୍ବିଧାନର ଡ୍ରାଫ୍ଟ ଉପରେ ଆଲୋଚନା ପାଇଁ ବିଧାନସଭା ୧୬୬ଟି ଅଧିବେଶନ ଡକାଇଲା । ଏହି ସମସ୍ତ ଅଧିବେଶନରେ ସର୍ବସାଧାରଣଙ୍କ ପ୍ରବେଶ ଥିଲା । ୧୯୪୯ ନଭେମ୍ବର ୨୬ ରେ ସ୍ୱାଧୀନ ଭାରତର ସମ୍ବିଧାନ ଗ୍ରହଣ ହେବା ପରେ ନିଷ୍ପତ୍ତି ନିଆଗଲା ଯେ ୧୯୫୦ ଜାନୁୟାରୀ ୨୬ ରୁ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେବ ଓ ସେହି ଦିନଠାରୁ ଏହା ଭାରତର ଗଣତନ୍ତ୍ର ଭାବରେ ପରିଚିତ ହେବ ।

୧୯୩୦ ଜାନୁଆରୀ ୨୬ ରେ ପ୍ରଥମ ସ୍ୱାଧୀନତା ଦିବସ । ବହୁ ବିତର୍କ ଓ କିଛି ସଂଶୋଧନ ପରେ ୧୯୫୦ ଜାନୁୟାରୀ ୨୪ ରେ, ବିଧାନସଭାର ୩୦୮ ଜଣ ସଦସ୍ୟ ଥିଲେ । ଅନ୍ତିମ ସମ୍ବିଧାନର ଦୁଇଟି ହସ୍ତଲିଖନ ଦସ୍ତାବିଜରେ ଗୋଟିଏ ଇଂରାଜୀରେ ଓ ଅନ୍ୟ ଗୋଟିଏ ହିନ୍ଦୀରେ ଦସ୍ତଖତ କରିଥିଲେ । ଦୁଇ ଦିନ ପରେ ଜାନୁଆରୀ ୨୬ରେ, ଏହି ସମ୍ବିଧାନ ସାରା ଦେଶରେ ଲାଗୁ ହେଲା । ଯେଉଁ ଅତୀତର ଇତିହାସକୁ ଆଜି ମଧ୍ୟ ଲୋକମାନେ ଭୁଲି ନାହାଁନ୍ତି । ଇତିହାସ କହେ , ୧୯୩୦ ଜାନୁଆରୀ ୨୬ ରେ, ସ୍ୱାଧୀନତା ଦିବସ ଅବସରରେ ଆନନ୍ଦ ଲହରୀ ସାରା ଦେଶରେ ପାଳନ କରାଯିବ ବୋଲି ସ୍ୱପ୍ନ ନୁହେଁ ସଂକଳ୍ପ ବଦ୍ଧ ଥିଲା ।

କିନ୍ତୁ ଦୁଃଖର କଥା କିଛି ଦିନ ପୂର୍ବରୁ ସୁଭାଷ ଚନ୍ଦ୍ରଙ୍କ ଭାଗ୍ୟ ଏପରି ଥିଲା, ଲାହୋରରୁ କଲିକତା ଫେରିବା ପରେ ତାଙ୍କୁ ଜାନୁଆରୀ ୨୩ ରେ ଜନ୍ମଦିନରେ ଗିରଫ କରାଯାଇଥିଲା । ତାଙ୍କୁ ଦେଶର ପ୍ରଥମ ସ୍ୱାଧୀନତା ଦିବସ ଉତ୍ସବରେ ଯୋଗଦେବାକୁ ବାରଣ କରାଯାଇଥିଲା । ଏବଂ ଆଜି ଆମେ ୨୬ ଜାନୁଆରୀକୁ ଗଣତନ୍ତ୍ର କିମ୍ବା ଗଣତନ୍ତ୍ର ଦିବସ ଭାବରେ ପାଳନ କରୁଛେ । ଥରେ ଆମେ ଏହି ଦିନକୁ ସ୍ୱାଧୀନତା ଦିବସ ଭାବରେ ପାଳନ କରୁଥିଲେ । ଯଦିଓ କିଛି ବର୍ଷ ପଛକୁ ଯାଇ ଇତିହାସକୁ ଯଦି ଦେଖିବା । ସେ ସମୟ ଥିଲା ୧୯୨୮ କଲିକତାରେ କଂଗ୍ରେସ ଅଧିବେଶନ ଚାଲିଥିଲା । ଯୁବ ନେତା ସୁଭାଷ ଚନ୍ଦ୍ର ସାମରିକ ୟୁନିଫର୍ମରେ ଥିଲେ ଓ ଘୋଡା ଚଢିବାରେ ସ୍ୱେଚ୍ଛାସେବୀ ବଳର ନେତୃତ୍ୱ ନେଉଥିଲେ ଏବଂ ମୋତିଲାଲ ନେହେରୁ ଏହି ଅଧିବେଶନରେ ଅଧକ୍ଷତା କରିଥିଲେ । ମହାତ୍ମା ଗାନ୍ଧୀ ପ୍ରସ୍ତାବ ଦେଇଥିଲେ ଯେ କଂଗ୍ରେସ ବ୍ରିଟିଶ ସରକାରଙ୍କ ଠାରୁ ଡୋମିନିଅନ୍ ଷ୍ଟାଟସ୍ ଦାବି କରିଥିଲା । ତରୁଣ ସୁଭାଷ ଚନ୍ଦ୍ର; ସେ ଏହି ପ୍ରସ୍ତାବକୁ ବଦଳାଇ କହିଥିଲେ, ମୁଁ ପୂର୍ଣ୍ଣ ସ୍ୱରାଜ ଚାହୁଁଛି, ଆଧିପତ୍ୟ ସ୍ଥିତି ନୁହେଁ ' ।

ଗାନ୍ଧୀଜୀ ତାଙ୍କୁ ବୁଝାଇ କହିଥିଲେ, ସେ ବ୍ରିଟିଶ ସରକାରଙ୍କୁ ଏକ ବର୍ଷ ସମୟ ଦିଅ ଗୋଟିଏ ବର୍ଷ ମଧ୍ୟରେ ଯଦି ଡୋମିନିଅନ୍ ଷ୍ଟାଟସ୍ ଦିଆନଯାଏ, ତେବେ ସେ ନିଜେ ସମ୍ପୂର୍ଣ୍ଣ ସ୍ୱରାଜ ଦାବି କରିବେ । ପ୍ରକୃତରେ ଗାନ୍ଧିଜୀ ତାଙ୍କ କଥା ପାଳନ କରିଥିଲେ । କିନ୍ତୁ ସୁଭାଷ ଚନ୍ଦ୍ର ଆଉ ଅଧିକ ଗୋଟିଏ ପାଦ ଆଗକୁ ଯାଇଥିଲେ । ଠିକ୍ ଗୋଟିଏ ବର୍ଷ ପରେ ସମୟ ହେଉଛି ୧୯୨୯ ଡିସେମ୍ବର ଲାହୋରର ଇରୱାଡି ନଦୀ କୂଳରେ କଂଗ୍ରେସ ଅଧିବେଶନରେ ରାଷ୍ଟ୍ରପତି ଜବାହରଲାଲ ନେହେରୁ । ମହାତ୍ମା ଗାନ୍ଧୀ ପୂର୍ଣ୍ଣ ସ୍ୱରାଜ ପ୍ରସ୍ତାବ ଦେଇଥିଲେ । ସୁଭାଷ ଚନ୍ଦ୍ର ପ୍ରସ୍ତାବ ଦେଇଛନ୍ତି, କେବଳ ପୂର୍ଣ୍ଣ ସ୍ୱରାଜ ନୁହେଁ, ଆମେ ଆମର ସମାନ୍ତରାଳ ସରକାର, ସମାନ୍ତରାଳ ସରକାର ଘୋଷଣା କରିବୁ । ତା'ପରେ, ଲାହୋର କଂଗ୍ରେସରେ ଘୋଷଣା କରାଯାଇଥିଲା ଯେ ୧୯୩୦ଜାନୁୟାରୀ ୨୬ ରେ ସ୍ୱାଧୀନତା ଦିବସ ପାଳନ କରାଯିବାର ପ୍ରସ୍ତାବ ଥିଲା । ଯାହାକୁ ସାରା ଦେଶରେ ଆନନ୍ଦ ଉଲ୍ଲାସର ସହ ପାଳନ କରାଯିବାର ନିଷ୍ପତି ।

ତା'ପରେ ଦୀର୍ଘ ବର୍ଷର ୧୯୪୭ ଅଗଷ୍ଟ ୧୫ ଆସିଥିଲା, ବ୍ରିଟିଶ ସରକାରଙ୍କ ଦ୍ୱାରା କ୍ଷମତା ହସ୍ତାନ୍ତର । ଦେଶର ନେତୃତ୍ୱ ଗ୍ରହଣ କଲେ, ସେହି ଦିନଠାରୁ ଆମର ସ୍ୱାଧୀନତା ଦିବସ ୧୫ ଅଗଷ୍ଟ । କିନ୍ତୁ ଆମେ ଜାନୁଆରୀକୁ ଏକ ଭିନ୍ନ ଢଙ୍ଗରେ ମନେ ରଖିଥିଲୁ । ଯେଉଁ ଦିନ ସ୍ୱାଧୀନ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେଲା । ଆମେ ନିଜକୁ ଏକ ସ୍ୱାଧୀନ, ସାର୍ବଭୌମ ରାଷ୍ଟ୍ର ଭାବରେ ଘୋଷଣା କଲେ । କହିବାକୁ ଗଲେ ୧୯୫୦ ଜାନୁଆରୀ ୨୬ କୁ ଆମର 'ଗଣତନ୍ତ୍ର ଦିବସ' ଭାବରେ ଘୋଷଣା କରାଯାଇଥିଲା । କିନ୍ତୁ ମହାତ୍ମା ଗାନ୍ଧୀ ଏହାକୁ ସ୍ୱାଧୀନତା ଦିବସ ବୋଲି କହିଥିଲେ । ଭାରତ ଶେଷରେ ଉପନିବେଶିକ ଶାସନର ଶୃଙ୍ଖଳା ଭାଙ୍ଗି ସ୍ୱାଧୀନତାର ଚେହେରା ଦେଖି ୧୫ ଅଗଷ୍ଟରେ ଭାଗ୍ୟ ସହିତ ଗଣ୍ଠି ବାନ୍ଧିଲା ।

ଫଳସ୍ୱରୂପ ଜାନୁଆରୀ ୨୬ ର ଏଜେଣ୍ଡା ମଧ୍ୟ ଧୀରେ ଧୀରେ ବଦଳିଗଲା । ଅଢେଇ ବର୍ଷ ପରେ ଦେଶର ପ୍ରଥମ ସମ୍ବିଧାନ ପ୍ରସ୍ତୁତ ହେଲା ଓ ଏକ ଶୁଭ ଦିନ ଏହାକୁ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଦେଖାଗଲା । ସେହି ଆଧାରରେ ଜାନୁଆରୀ ୨୬ ଦିନ, ଐତିହାସିକ ମହତ୍ତ୍ୱରେ ପରିପୂର୍ଣ୍ଣ ଥିଲା । ସେହି ଦିନଠାରୁ ଜାନୁଆରୀ ୨୬ ଯାହା ବିଂଶ ଶତାବ୍ଦୀରେ ଭାରତରେ ସ୍ୱାଧୀନତା ଦିବସର ପ୍ରଥମ ଦାବିଦାର ଥିଲା । ତାହା ଭାରତୀୟ ଜନତାଙ୍କ ପାଇଁ ଗଣତନ୍ତ୍ର ଦିବସ ଭାବରେ ପରିଚିତ ହେଲା । ୧୯୫୦ ଜାନୁଆରୀ ୨୬ ରେ ଯେତେବେଳେ ଭାରତୀୟ ବିଧାନସଭା କାର୍ଯ୍ୟକାରୀ ହେଲା ସେତେବେଳେ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହେଲା । ୧୯୪୯ ନଭେମ୍ବର ୨୬ ରେ ବିଧାନସଭା ଦ୍ୱାରା ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେବାର ଦୁଇ ମାସ ପୂର୍ବରୁ ଅନୁମୋଦିତ ହୋଇ ସାରିଥିଲା ।

ପୂର୍ବରୁ କୁହାଯାଇଛି ଯେ ଜାନୁଆରୀ ୨୬ ସମ୍ବିଧାନ ପ୍ରଣୟନ କରିବାର ଦିନ ଭାବରେ ମନୋନୀତ ହୋଇଥିଲା । କାରଣ ପୂର୍ଣ୍ଣ ସ୍ୱରାଜଙ୍କ ସଂକଳ୍ପ ଘୋଷଣା ଓ ୧୯୩୦ ଖ୍ରୀଷ୍ଟାବ୍ଦରେ ଭାରତୀୟ ଜାତୀୟ କଂଗ୍ରେସ ଦ୍ୱାରା ଗ୍ରହଣ କରାଯାଇଥିଲା । ଦୀର୍ଘ ସ୍ୱାଧୀନତା ଆନ୍ଦୋଳନର ପରିଣାମ ସ୍ୱରୂପ ୧୯୪୭ ଅଗଷ୍ଟ ୧୫ ରେ ଭାରତ ବ୍ରିଟିଶ ଶାସନରୁ ମୁକ୍ତ ହୋଇଥିଲା । ବ୍ରିଟେନର ସଂସଦ ଦ୍ୱାରା ଭାରତୀୟ ସ୍ୱାଧୀନତା ଆଇନ ପ୍ରଣୟନ କରି ସ୍ୱାଧୀନତା ହାସଲ କରିବାର ପ୍ରକ୍ରିୟା ସମାପ୍ତ ହୋଇଥିଲା । ଫଳସ୍ୱରୂପ ବ୍ରିଟିଶ ଭାରତ ଭାଙ୍ଗିଗଲା ଓ ଦୁଇଟି ସ୍ୱାଧୀନ ରାଜ୍ୟ, ଭାରତ ଏବଂ ପାକିସ୍ଥାନ, କମନୱେଲଥ ଅଫ୍ ନେସନ୍ସ ଅଧୀନରେ ପ୍ରାଧାନ୍ୟ ଭାବରେ ଜନ୍ମଗ୍ରହଣ କଲେ । ଯଦିଓ ଭାରତ ୧୯୪୭ ଅଗଷ୍ଟ ୧୫ ରେ ସ୍ୱାଧୀନ ହୋଇଥିଲା । ତଥାପି ଷଷ୍ଠ ଜର୍ଜ ଦେଶର ମୁଖ୍ୟ ଥିଲେ ଏବଂ ଲର୍ଡ ଲୁଇ ଅମ୍ବାଟେନ୍ ଏହାର ଗଭର୍ଣ୍ଣର ଜେନେରାଲ୍ ଥିଲେ । ଦେଶରେ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମ୍ବିଧାନ ନଥିଲା ।

ଉପନିବେଶିକ ଭାରତ ଶାସନ ଆଇନରେ କିଛି ପରିବର୍ତ୍ତନ ସହିତ ଦେଶ ଶାସନ କାର୍ଯ୍ୟ ଚାଲିଥିଲା । ୧୯୪୭ ଅଗଷ୍ଟ ୨୮ ରେ, ଏକ ସ୍ଥାୟୀ ସମ୍ବିଧାନ ପ୍ରସ୍ତୁତ କରିବାକୁ ଏକ ଡ୍ରାଫ୍ଟ କମିଟି ଗଠନ କରାଯାଇଥିଲା ଏହି କମିଟିର ସଭାପତି ଥିଲେ ଭୀମ୍ରାଓ ରାମଜୀ ଆମ୍ବେଦକର । ୧୯୪୭ ନଭେମ୍ବର ୪ ରେ କମିଟି ସମ୍ବିଧାନର ଏକ ଡ୍ରାଫ୍ଟ ପ୍ରସ୍ତୁତ କରି ଏହାକୁ ବିଧାନସଭାକୁ ଦାଖଲ କଲା । ସମ୍ବିଧାନ ଗୃହୀତ ହେବାର ୨ବର୍ଷ, ୧୧ ମାସ, ୧୮ ଦିନ ମଧ୍ୟରେ ସମ୍ବିଧାନର ଡ୍ରାଫ୍ଟ ଉପରେ ଆଲୋଚନା ପାଇଁ ବିଧାନସଭା ୧୬୬ଟି ଅଧିବେଶନ ଡକାଇଲା । ଏହି ସମସ୍ତ ଅଧିବେଶନରେ ସର୍ବସାଧାରଣଙ୍କ ପ୍ରବେଶ ଥିଲା । ୧୯୪୯ ନଭେମ୍ବର ୨୬ ରେ ସ୍ୱାଧୀନ ଭାରତର ସମ୍ବିଧାନ ଗ୍ରହଣ ହେବା ପରେ ନିଷ୍ପତ୍ତି ନିଆଗଲା ଯେ ୧୯୫୦ ଜାନୁୟାରୀ ୨୬ ରୁ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେବ ଏବଂ ସେହି ଦିନଠାରୁ ଏହା ଭାରତର ଗଣତନ୍ତ୍ର ଭାବରେ ପରିଚିତ ହେବ । ୧୯୩୦ ଜାନୁଆରୀ ୨୬ ରେ ପ୍ରଥମ ସ୍ୱାଧୀନତା ଦିବସ । ଅନେକ ବିତର୍କ ଓ କିଛି ସଂଶୋଧନ ପରେ ୧୯୫୦ ଜାନୁଆରୀ ୨୪ ରେ ୩୦୮ ଜଣ ସଦସ୍ୟଙ୍କ ସହିତ ବିଧାନସଭା ଚୂଡ଼ାନ୍ତ ହୋଇଥିଲା । ସମ୍ବିଧାନର ଦୁଇଟି ହସ୍ତଲିଖନ ଦଲିଲରେ ଗୋଟିଏ ଇଂରାଜୀରେ ଓ ଅନ୍ୟ ହିନ୍ଦୀ ଦସ୍ତଖତ କଲେ । ଦୁଇ ଦିନ ପରେ ଏହି ସମ୍ବିଧାନ ସାରା ଦେଶରେ ଲାଗୁ ହେଲା ।

ଏହି ଦୃଷ୍ଟିରୁ ଗଣତନ୍ତ୍ର ଦିବସ ଅବସରରେ ରାଷ୍ଟ୍ରୀୟ ରାଜଧାନୀ ନୂଆଦିଲ୍ଲୀରେ ରାଷ୍ଟ୍ରପତିଙ୍କ ବାସଭବନ ରସିନା ପାହାଡରୁ ଭାରତ ଫାଟକ ଦେଇ ରାଜପଥ ଦେଇ ଏକ ପ୍ୟାରେଡ୍ ଅନୁଷ୍ଠିତ ହୋଇଥିଲା । ପ୍ୟାରେଡ୍ ଆରମ୍ଭ ହେବା ପୂର୍ବରୁ ରାଷ୍ଟ୍ରପତି ଅମରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ରାଜପଥର ଗୋଟିଏ ମୁଣ୍ଡରେ ଅବସ୍ଥିତ ଇଣ୍ଡିଆ ଗେଟ୍ ରେ ଶହୀଦ ସୈନିକମାନଙ୍କ ପାଇଁ ଉତ୍ସର୍ଗୀକୃତ ଜୱାନ୍ ଜ୍ୟୋତି । ଏହା ପରେ ସେହି ସୈନିକମାନଙ୍କ ପାଇଁ ୨ ମିନିଟ୍ ନୀରବତା ପାଳନ କରାଯାଇଥିଲା । ସ୍ୱାଧୀନତା ଆନ୍ଦୋଳନ ତଥା ପରବର୍ତ୍ତୀ ଯୁଦ୍ଧରେ ଭାରତର ସାର୍ବଭୌମତ୍ୱ ପାଇଁ ଲଢିଥିବା ସହିଦ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଏହା ହେଉଛି ଏକ ଅଭିନବ ଉପାୟ । ଏହା ପରେ ରାଷ୍ଟ୍ରପତି ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ସାକ୍ଷାତ କରିଥିଲେ ଓ ମୁଖ୍ୟ ଅତିଥିଙ୍କ ସହ ରାଜପଥରେ ଅବସ୍ଥିତ କାର୍ଯ୍ୟର ମୁଖ୍ୟ ପର୍ଯ୍ୟାୟକୁ ଆସିଥିଲେ । ରାଷ୍ଟ୍ରପତିଙ୍କ ଅଙ୍ଗରକ୍ଷୀମାନେ ସେମାନଙ୍କ ଘୋଡା ଚଢି ଯାଇଥିଲେ ।

ସ୍ୱାଧୀନତା ଦିବସ ପାଳନ ଉତ୍ସବର ସରକାରୀ ସମାପ୍ତିକୁ ବିଟିଂ ପଂଚାୟତ ଚିହ୍ନିତ କରିଥିଲା ??। ଗଣତନ୍ତ୍ର ଦିବସର ୩ ଦିନ ପରେ ଜାନୁଆରୀ ୨୯ ସନ୍ଧ୍ୟାରେ ବିଟିଂ ପଂଚାୟତ ଅନୁଷ୍ଠିତ ହୋଇଥିଲା । ଏହି ପଂଚାୟତରେ ଭାରତୀୟ ସୈନ୍ୟବାହିନୀର ତିନୋଟି ମୁଖ୍ୟ ଶାଖା, ଭାରତୀୟ ସେନା, ଭାରତୀୟ ନୌସେନା ଓ ଭାରତୀୟ ବାୟୁସେନା ଅଂଶଗ୍ରହଣ କରିଥିଲେ । ଭାରତର କେନ୍ଦ୍ରୀୟ ସଚିବାଳୟ ଓ ରାଜପତି ଭବନର ଉତ୍ତର ବ୍ଲକ ଓ ରାଜପଥ କଡ଼ରେ ଥିବା ଦକ୍ଷିଣ ବ୍ଲକ ମଧ୍ୟରେ ଥିବା ରାଇସିନା ହିଲ ଓ ବିଜୟ ଚକ୍ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ହେଉଛନ୍ତି ଭାରତର ରାଷ୍ଟ୍ରପତି, ଯିଏ ଅଶ୍ୱାରୋହୀ 'ପିବିଜି' (ରାଷ୍ଟ୍ରପତିଙ୍କ ବଡିଗାର୍ଡ) ଦ୍ୱାରା ପଠାଯାଇଥାଏ । ସେ ପହଞ୍ଚିବା ପରେ ପିବିଜି ଅଧିନାୟକ ତାଙ୍କ ସୈନ୍ୟମାନଙ୍କୁ ନମସ୍କାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ସୈନ୍ୟବାହିନୀ ଦ୍ୱାରା ଭାରତୀୟ ଜାତୀୟ ସଂଗୀତ ଗାନ କରାଯାଇଥିଲା । ଏହି ସଙ୍ଗୀତ ସହିତ ବିଭିନ୍ନ ସ୍ଥଳବାହିନୀ ସେନା, ଜଳ ବାହିନୀ ସେନା ଓ ଆକାଶ ବାୟୁସେନା ଇତ୍ୟାଦିଙ୍କ ସମେତ ବାଦ୍ୟଯନ୍ତ୍ରଗୁଡ଼ିକ ମଧ୍ୟ ଏହି କାର୍ଯ୍ୟକ୍ରମର ଶେଷ ଲଗାଣରେ 'ସାରା ଜାହାଁ ସେ' ଇତ୍ୟାଦି ଦେଶଭକ୍ତି ଗୀତର ଆୟୋଜନ କରିଥିଲେ ।

ତେବେ ସମ୍ବିଧାନ ପ୍ରଚାର ହେବାର ଗୋଟିଏ ବର୍ଷ ପରେ, ଏହି ଜନବହୁଳ ତଥା ବିଭାଜିତ ଦେଶର ପ୍ରତ୍ୟେକ କୋଣରେ ଅନୁଷ୍ଠିତ ଗଣତାନ୍ତ୍ରିକ ନିର୍ବାଚନରେ ??ସେହି ଅସାଧାରଣ ଶପଥର ଛାପ ଲୁଚି ରହିଥିଲା । ସମସ୍ତ ଧର୍ମ ପ୍ରତି ସମାନ ମନୋଭାବ ପୋଷଣ କରିବାକୁ କିମ୍ବା ଯୁଗ ଯୁଗ ଧରି ପଛୁଆ ସମାଜକୁ ପୃଥକ ରାଜ୍ୟ ସୁଯୋଗ ଦେବାରେ ସେହି ଅସାଧାରଣ ଶପଥ ପ୍ରତିପାଦିତ ହୋଇଥିଲା । ସମୟ ସବୁଦିନ ପାଇଁ ଗଲା ନାହିଁ, ଦେଶ ଓ ରାଜ୍ୟର ପତାକା ଉତ୍ତୋଳନକାରୀମାନଙ୍କ ଚରିତ୍ର ସର୍ବଦା ସମାନ ନୁହେଁ । କିନ୍ତୁ ଆଶା କରାଯାଏ ଯେ କୌଣସି ପରିସ୍ଥିତିରେ ରାଜ୍ୟ ଓ ଦେଶର ଏହି ମହାନ ସାଧାରଣତନ୍ତ୍ର ସ୍ୱାଧୀନତାକୁ ଯତ୍ନର ସହ ରକ୍ଷା କରିବ । ତେଣୁ ଏହି ମହାନ ସ୍ୱାଧୀନତାକୁ ମନେ ରଖିବା , ଆପଣ କେଉଁଠାରୁ ଆରମ୍ଭ କରିଛନ୍ତି ଓ ଏବେ ଆପଣମାନେ କେଉଁଠାରେ ପହଞ୍ଚିଛନ୍ତି ତାହା ବିଚାର କରନ୍ତୁ , ଯାହା ବିଶେଷ ଗୁରୁତ୍ୱପୂର୍ଣ୍ଣ । ତେଣୁ ସଂକ୍ଷେପରେ କହିହେବ ସାଧାରଣତନ୍ତ୍ର ବନାମ ଗଣତନ୍ତ୍ର ଦିବସ ହେଉଛି ଏହି ଜରୁରୀ କାର୍ଯ୍ୟ କରିବାର ଦିନ , ଆଗକୁ ସ୍ୱପ୍ନ ଦେଖିବାର ଦିନ...!!!

+ ଅଧକ୍ଷ , ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ - ୪.
(ମୋ) : ୯୦୪୦ ୧୫୧୪୭୫

# ଓଜନ କମାନ୍ତୁ, ବଦଳାନ୍ତୁ ଜୀବନଶୈଳୀ



**ପଲିସିଷ୍ଟିକ ଓଭାରିଆନ୍ ସିଣ୍ଡ୍ରୋମ କ'ଣ ?:**

ହରମୋନ ହେଉଛି ରାସାୟନିକ ବାର୍ତାବହ ଯାହା ଶରୀରର ଅଭିବୃଦ୍ଧି ପ୍ରକ୍ରିୟାରେ ସହାୟକ ହୋଇଥାଏ। ହରମୋନରେ ଅସନ୍ତଳନ ଫଳରେ ପଲିସିଷ୍ଟିକ ଓଭାରିଆନ ସିଣ୍ଡ୍ରୋମ ଦେଖାଯାଏ। ଗୋଟିଏ ହରମୋନର ପରିବର୍ତନ ଘଟିଲେ ତାହା ଅନ୍ୟ ହରମୋନ କ୍ଷରଣକୁ ମଧ୍ୟ ପ୍ରଭାବିତ



କରିଥାଏ। ଉଦଦାହରଣସ୍ବୁପ ବୟଃସନ୍ଧି କିଶୋରୀ ଏବଂ ସନ୍ତାନକ୍ଷମ ମହିଳାଙ୍କ ଶରୀରରେ ପୁରୁଷ ହରମୋନ ଆଣ୍ଡ୍ରୋଜେନର ପରିମାଣ ରକ୍ତରେ ଅଧିକ ବୃଦ୍ଧି ପାଇବା ଦ୍ୱାରା ଇଷ୍ଟ୍ରୋଜେନ ଓ ପ୍ରୋଜେଷ୍ଟେରନ ହରମୋନରେ ମଧ୍ୟ ଅସମାନତା ସୃଷ୍ଟିହୁଏ। ଫଳରେ ଗର୍ଭାଶୟ ଚତୁଃପାର୍ଶ୍ୱରେ ଛୋଟ ଛୋଟ ସିଷ୍ଟ ମୋତି ମାଳି ପରି ଦୃଶ୍ୟମାନ ହୋଇଥାଏ। ଏହି ସିଷ୍ଟଗୁଡ଼ିକ ସଂଖ୍ୟାରେ ୬ରୁ ୮ଟି ମଧ୍ୟ ଦେଖାଯାଏ। ଗର୍ଭାଶୟରେ ସିଷ୍ଟ କାରଣରୁ ଓଭୁଲେସନ ଠିକ୍ ଭାବେ ହୋଇପାରେ ନାହିଁ। ଫଳରେ ଋତୁସ୍ରାବରେ ଅନିୟମିତତା ଏବଂ ଗର୍ଭ ଧାରଣରେ ମଧ୍ୟ ବହୁ ଅସୁବିଧା ପରିଲକ୍ଷିତ ହୁଏ। ପିସିଓଡି ପାଇଁ ୩୦ ପ୍ରତିଶତ ମହିଳା ସନ୍ତାନ ଧାରଣରେ ବାଧା ସୃଷ୍ଟି ହେବା ଭଳି ସମସ୍ୟା ଦେଖାଯାଉଥିବା ଜଣାପଡ଼ିଛି।

**ପଲିଷ୍ଟିକ ଓଭାରିଆନ ସିଣ୍ଡ୍ରୋମର କାରଣ:** ଏହାର ମୁଖ୍ୟ କାରଣ ହେଉଛି ଅନିୟମିତ ଜୀବନଶୈଳୀ। ଖାଦ୍ୟପେୟରେ ପରିବର୍ତନ, ମାନସିକ ଚିନ୍ତା, ଶାରୀରିକ ପରିଶ୍ରମରେ ଅଭାବ,ଫାଷ୍ଟଫୁଡ଼ ଓ ତେଲଭାଜି ଖାଦ୍ୟ ଖାଇବା ଦ୍ୱାରା ଏଭଳି ସମସ୍ୟା ଅଧିକ ଦେଖାଯାଉଛି। ଏହା ବଂଶାନୁକ୍ରମିକ ନୁହେଁ। କୈଶୋରାବସ୍ଥାରୁ ନେଇ ଋତୁସ୍ରାବ ବନ୍ଦ ହେବା ପର୍ଯ୍ୟନ୍ତ ଏହି ସମସ୍ୟା ଦେଖାଯାଏ।



**କିଭଳି ଚିହ୍ନଟ କରାଯାଏ ?:** ଜଣକର ସ୍ୱାସ୍ଥ୍ୟ ସମ୍ପର୍କରେ ତାଙ୍କର ଅତୀତ, ଲକ୍ଷଣ ଏବଂ ମାସିକ ଋତୁସ୍ରାବ ଆଦିରୁ ଏହି ରୋଗ ଚିହ୍ନଟ କରାଯାଇପାରିବ। ଶରୀରର ଅଧିକ କେଶ ଅଛି କି ନାହିଁ, ଉଚ୍ଚ ରକ୍ତଚାପରେ ରହୁଛି କି ନାହିଁ ତାହାକୁ ମଧ୍ୟ ପରୀକ୍ଷା କରିବାକୁ ହେବ। ତାହାଛଡ଼ା ଡାକ୍ତର ଜଣକର ଉଚ୍ଚତା ଓ ଶରୀର ଓଜନ ମଧ୍ୟ ମାପିବେ। ରକ୍ତ ଶର୍କରା, ଇନସୁଲିନ ଏବଂ ଅନ୍ୟ ହରମୋନ ସ୍ତର ମାପିବା ପରୀକ୍ଷା କରାଯିବ। ହରମୋନ ପରୀକ୍ଷାରୁ ଥାଇରଏଡ଼ ଏବଂ ଅନ୍ୟ ଗ୍ରନ୍ଥି ସମସ୍ୟା ମଧ୍ୟ ଠାବ କରାଯାଇପାରିବ। ତାହାଛଡ଼ା ପେଲଭି ଅଲଟ୍ରାସାଉଣ୍ଡ କରି ଗର୍ଭାଶୟରେ ସିଷ୍ଟ ଅଛି କି ନାହିଁ ତାହା ଜାଣିହେବ। ଅଲଟ୍ରାସାଉଣ୍ଡ ନକରି ମଧ୍ୟ ଅନ୍ୟାନ୍ୟ ପରୀକ୍ଷାରୁ ଜଣକ ଠାରେ ଗର୍ଭାଶୟରେ ସିଷ୍ଟ୍ ଅଛି କି ନାହିଁ ତାହା ଡାକ୍ତର କହିପାରିବେ।

**ଏହାର ଲକ୍ଷଣ କ'ଣ ? :**ଅନିୟମିତ ଋତୁସ୍ରାବ (ଓଲିଗୋମେନୋରିଆ), ଆଦୌ ଋତୁସ୍ରାବ ନହେବା (ସେକେଣ୍ଡାରୀ ଆମନୋରିଆ), ଅନିୟମିତ ଋତୁସ୍ରାବ ପରେ ଅତ୍ୟଧିକ ଋତୁସ୍ରାବ ହେବା (ଓଲିଗୋମେନୋରେଜିଆ), ମୁହଁ ଓ ଦେହରେ ଅଧିକ କେଶ ଉଠିବା (ହର୍ସୁଟିଜିମ୍) ଓବେସିଟି (ମେଦବହୁଳତା) ଭଳି ଲକ୍ଷଣ ଦେଖାଯାଏ। ଏହାବ୍ୟତୀତ ମୁହଁ ବ୍ରଣ, ଶରୀରର ଓଜନ ବୃଦ୍ଧି ଏବଂ ତାହା ହ୍ରାସ ନପାଇବା, ବେଳେବେଳେ ମହିଳାଙ୍କ ମୁହଁର କେଶ ଘଞ୍ଚ ଓ ଗାଢ଼ କଳା ଦେଖାଯାଏ ଏବଂ କେଶ ପତଳା ହୋଇଯାଏ। ସନ୍ତାନ ନହେଲେ ଅନେକ ମହିଳା ମାନସିକ ଅବସାଦ ମଧ୍ୟରେ ଗତି କରନ୍ତି। ପିସିଓଡି ମହିଳାଙ୍କ କ୍ଷେତ୍ରରେ ମଧୁମେହ, ଉଚ୍ଚରକ୍ତଚାପ, ଜରାୟୁ କର୍କଟ, ହୃଦରୋଗ ଦେଖାଦେବାର ଆଶଙ୍କା ରହିଛି। ଅତ୍ୟଧିକ ମୋଟା ମହିଳାମାନଙ୍କ କ୍ଷେତ୍ରରେ ଶରୀରର ଇନସୁଲିନ କ୍ଷରଣ ନେଇ ସମସ୍ୟା ଦେଖାଯାଏ। ତାହାକୁ ଇନସୁଲିନ 'ରେଜିଷ୍ଟ୍ରାନ୍ସ ବା ପ୍ରତିରୋଧୀ ବୋଲି କୁହାଯାଏ। ଇନସୁଲିନ ଶରୀରର ରକ୍ତ ସର୍କରା ପରିମାଣକୁ ଠିକ୍ ରଖେ। ଶରୀରରୁ ଇନସୁଲିନକୁ ଠିକ ଭାବରେକ୍ଷରଣ ନହୋଇ ପାରିଲେ ରକ୍ତରେ ଶର୍କରା ଅଂଶ ବୃଦ୍ଧିପାଏ। ସମୟକ୍ରମେ ଏହାଦ୍ୱାରା ମଧୁମେହ ଆଶଙ୍କା ବୃଦ୍ଧିପାଏ।



**ଚିକିତ୍ସା କିଭଳି କରାଯିବ ?:** ଓନକୁ ନିୟନ୍ତ୍ରଣ ରଖିବା, ଶରୀରର ବିଏମଆଇ ବା (ବଡି ମାସ୍ ଇନଡେକ୍ସ) ୨୫ରୁ କମ ରହିଲେ ମାସିକ ଋତୁସ୍ରାବ ଠିକ୍ ହୋଇଥାଏ। ନିୟମିତ ବ୍ୟାୟାମ, ସ୍ୱାସ୍ଥ୍ୟକର ଖାଦ୍ୟ, ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବା ହେଉଛି ପଲିସିଷ୍ଟିକ ଓଭରିଆନ ସିଣ୍ଡ୍ରୋମ ଚିକିତ୍ସାର ମୁଖ୍ୟ ମାଧ୍ୟମ। ଚିକିତ୍ସା ଦ୍ୱାରା ଏହି ସବୁ ଲକ୍ଷଣକୁ ଦୂର କରାଯିବା ସହିତ ଦୀର୍ଘକାଳୀନ ସ୍ୱାସ୍ଥ୍ୟଗତ ସମସ୍ୟାକୁ ମଧ୍ୟ ରୋକାଯାଇପାରିବ। ନିୟମିତ ଋତୁସ୍ରାବ ପାଇଁ ଇଷ୍ଟ୍ରୋଜେନ ଓ ପ୍ରୋଜେଷ୍ଟେରନ ବଟିକା ଖାଇବା ପାଇଁ ମଧ୍ୟ ପରାମର୍ଶ ଦିଆଯାଏ। ଏଥିସହିତ ଜଣେ ନିଜକୁ ମଧ୍ୟମ ଧରଣର ଶାରୀରିକ କାର୍ଯ୍ୟକଳାପରେ ନିୟୋଜିତ ରଖିପାରିବେ। ଚାଲିବା ବା ଏରୋବିକ୍ସ ଡେଉଛି ସର୍ବୋତମ ବ୍ୟାୟାମ ଏବଂ ଅଧିକାଂଶ ଲୋକ ତାହା କରୁଛନ୍ତି। ହୃତପିଣ୍ଡ ପାଇଁ ଯେଉଁ ଖାଦ୍ୟ ଉତମ ତାହା ଖାଇବା ଉଚିତ୍। ସେଥିରେ ପ୍ରଚୁର ପନିପରିବା, ଫଳ, ସ୍ପ୍ରାଉଟ୍ (ଗଜାମୁଗ, ବୁଟ) ସାଲାଡ଼, କୋଳି, ବିନ୍ସ ଏବଂ ଚୋପାଲଗା ଶସ୍ୟ ଆଦି ଅନ୍ତର୍ଭୁକ୍ତ। ତେଲଜାତୀୟ ଖାଦ୍ୟ ଓ ଫାଷ୍ଟଫୁଡ଼ରୁ ଦୂରେଇ





ରହିବା ସହିତ ଖାଦ୍ୟରେ ଲୁଣର ବ୍ୟବହାରକୁ କମ କରିବା ଦରକାର। ବିଶେଷକରି ଶରୀର ଓଜନ ହ୍ରାସ ପାଇଲେ ଏହାଦ୍ୱାରା ଅନେକ ଉପକାର ମିଳିଥାଏ। ଓଜନ କମିଲେ ହରମୋନ ସନ୍ତୁଳିତ ହେବା ସହିତ ମାସିକ ଋତୁଚକ୍ର ନିୟମିତ ହୋଇଥାଏ। ଯଦି ଜଣେ ଧୂମପାନ କରୁଥାନ୍ତି ତେବେ ସେମାନଙ୍କ ଠାରେ ପଲିସିଷ୍ଟକ ଇଭାରିଆନ ସିଣ୍ଡ୍ରୋମ ହେବା ଆଶଙ୍କା ଅଧିକ ରହିଥାଏ। ବିବାହିତ ମହିଳାଙ୍କ କ୍ଷେତ୍ରରେ ଡାକ୍ତର ଜନ୍ମ ନିୟନ୍ତ୍ରଣ ଔଷଧ ଖାଇବାକୁ ପରାମର୍ଶ ଦେଇଥାନ୍ତି, ଯଦ୍ୱାରା ମାସିକ ଋତୁସ୍ରାବ ନିୟମିତ ହୋଇପାରିବ। ଅଥବା ସନ୍ତାନ ହେଉନଥିଲେଏ ଫର୍ଟିଲିଟି ଔଷଧ ଖାଇବା ପାଇଁ କହିଥାନ୍ତି। ତେଣୁ ଏଥିପାଇଁ ନିୟମିତ ଭାବେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ। ତାହାସହିତ ମଧୁମେହ ଓ ଉଚ୍ଚ ରକ୍ତଚାପର ପରୀକ୍ଷା ମଧ୍ୟ କରାଇବାକୁ ହେବ।

**ଏହାସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ କି ?**

: ହଁ, ପଲିସିଷ୍ଟିକ ଓଭାରିଆନ ସିଣ୍ଡ୍ରୋମ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ। ପ୍ରାରମ୍ଭିକ ଅବସ୍ଥାରୁ ଏହାକୁ ଚିହ୍ନଟ କରି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ଖାଇବା ସହ ଜୀବନ ଶୈଳୀରେ ପରିବର୍ତନ ଆଣିବା ଦରକାର।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଡ୍ରାଗନ୍ ସହିତ ବନ୍ଧୁତା...

ପାରମ୍ପରିକ ଈର୍ଷାଳୁ ପ୍ରତିବେଶୀ ଚୀନ୍ ସହିତ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଦିଗରେ ଭାରତ ପୁଣି ଥରେ ପ୍ରୟାସ ଆରମ୍ଭ କରିଛି। ଚୀନ ମଧ୍ୟ ଏହି ପଦକ୍ଷେପକୁ ସକାରାତ୍ମକ ଦୃଷ୍ଟିକୋଣରେ ସ୍ୱାଗତ କରିଛି। ସାମ୍ପ୍ରତିକ ବହୁଧ୍ରୁବୀୟ ବିଶ୍ୱ ଭୂ-ରାଜନୈତିକ ପ୍ରେକ୍ଷାପଟ୍ଟରେ ବିଶ୍ୱର ଦୁଇ ପ୍ରମୁଖ ରାଷ୍ଟ୍ର ଭାରତ ଓ ଚୀନ୍ ରଣନୈତିକ ପ୍ରତିଦ୍ୱନ୍ଦ୍ୱିତା ଆଭିମୁଖ୍ୟକୁ ରଣନୈତିକ ସହଯୋଗିତାରେ ପରିବର୍ତ୍ତନ କରିବା ଆଞ୍ଚଳିକ ସଂହତି, ଶାନ୍ତି ଓ ସ୍ଥିରତା ପାଇଁ ଯେତିକି ଆବଶ୍ୟକ, ବିଶ୍ୱକଲ୍ୟାଣ ପାଇଁ ତା' ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଭାରତ-ଚୀନ୍ କୂଟନୈତିକ ସମ୍ପର୍କର ୭୫ ବର୍ଷ ପୂର୍ତ୍ତି ଅବସର ଦ୍ୱିପାକ୍ଷିକ ସମ୍ପର୍କ ପୁନଃବାହାଲ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆଣିଛି। ୧୯୪୯ ମସିହାରେ ଚୀନ୍ ନିଜକୁ ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର ରୂପେ ଘୋଷଣା କରିବା ପରେ ଭାରତ ହିଁ ବିଶ୍ୱର ପ୍ରଥମ ଦେଶ ଭାବରେ ସ୍ୱୀକୃତି ଓ ସମ୍ମାନ ଦେଇଥିଲା। ଆଜି ଜାତିସଂଘର ସୁରକ୍ଷା ପରିଷଦରେ ଭେଟୋ କ୍ଷମତା ସହିତ ଚୀନ୍‌ର ସଦସ୍ୟତା ପଛରେ ଭାରତର ଅବାଦନ ଅନେକ। ସେହି ସମ୍ମାନଜନକ ସଦସ୍ୟତା ପାଇଁ ରୁଷ୍ ଭାରତର ନାମ ପ୍ରସ୍ତାବ ଦେଇଥିଲେ ମଧ୍ୟ 'ପଞ୍ଚଶୀଳ' ନୀତି ଓ 'ପଡ଼ୋଶୀ ପ୍ରଥମ' ନୀତି ଆଧାରରେ ନେହେରୁ ହିଁ ଚୀନ୍‌ର ନାମ ସୁପାରିସ କରିଥିଲେ। ହିନ୍ଦୀ-ଚୀନୀ ଭାଇ ଭାଇ ମନ୍ତ୍ର ଭାରତ ଚୀନ୍‌କୁ ଦେଇଥିଲା। କିନ୍ତୁ ବନ୍ଧୁତ୍ୱର ମୂଲ୍ୟ ବୁଝି ନ ପାରି ଚୀନ୍ ଭାରତ ଆକ୍ରମଣ କରିଥିଲା। ଏହାପରେ ମଧ୍ୟ ଭାରତ ପକ୍ଷରୁ ଅନେକ ବାର ଚୀନ୍ ପ୍ରତି ବନ୍ଧୁତ୍ୱର ହାତ ବଢ଼ାଇ ଆସିଛି। କିନ୍ତୁ ହିତାକାଂକ୍ଷୀ ହେବା ବଦଳରେ ଚୀନ୍ ଭାରତକୁ ତା'ର ରଣନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଦେଖି ଆସୁଛି। ୨୦୧୭ରେ ଡୋକଲାମ୍ ଓ ୨୦୨୦ରେ ଗଲୱାନ୍ ସୀମା ବିବାଦ ଏହି ସମ୍ପର୍କକୁ ଅଧିକ ତିକ୍ତ କରିଛି। ସୁଖର କଥା ଇତିମଧ୍ୟରେ ଗଲୱାନ୍ ସୀମା ବିବାଦର ଆପୋସ ସମାଧାନ ହୋଇଥିବା ବେଳେ ଭାରତ ଏହି କୂଟନୈତିକ ସଫଳତାକୁ ଦ୍ୱିପାକ୍ଷିକ ଦୃଢ଼ ଓ ଦୀର୍ଘମିଆଦୀ ସମ୍ପର୍କରେ ପରିଣତ କରିବାରେ ଚେଷ୍ଟିତ ଅଛି। ଆଞ୍ଚଳିକ ଅସ୍ଥିରତା, ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତାରୁ ପାଶ୍ଚାତ୍ୟ ବିଶ୍ୱ ଫାଇଦା ଉଠାଇବା ପାଇଁ ସଦା ତତ୍ପର। ତେଣୁ ସାମ୍ୟବାଦ ଭିତ୍ତିକ ବହୁଧ୍ରୁବୀୟ ଭୂରାଜନୀତି, ସମାବେଶୀ ବିଶ୍ୱ ଅର୍ଥନୀତିର ଉଦ୍ ? ?ଘୋଷଣା କରୁଥିବା ଭାରତ ଏବେ ବିଶ୍ୱ ବିକାଶ ପ୍ରକ୍ରିୟାକୁ ଶାନ୍ତି ଓ ଦୀର୍ଘମିଆଦୀ କରିବା ଲକ୍ଷ୍ୟରେ ଆଞ୍ଚଳିକ ସ୍ଥିରତାକୁ ଅଧିକ ଗୁରୁତ୍ୱ ଦେଉଛି। ବିଶ୍ୱ ଜନସଂଖ୍ୟାର ଏକ-ଚତୁର୍ଥାଂଶରୁ ଅଧିକ ଲୋକ ଏହି ଦୁଇ ରାଷ୍ଟ୍ରରେ ବସବାସ କରୁଛନ୍ତି। ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ଏବଂ ଉଦୀୟମାନ ଅର୍ଥନୀତି ରୂପେ ଉଭା ହୋଇଛି। ଚୀନ୍ ଏବେ ଅର୍ଥନୀତି ଓ ସାମରିକ ଶକ୍ତିରେ ଆମେରିକାକୁ ଟକ୍କର ଦେଉଛି। ତେଣୁ ଉଭୟ ରାଷ୍ଟ୍ରର ଆଭିମୁଖ୍ୟ ଓ ବାଧ୍ୟବାଧକତା ଯାହା ବି ଥାଉ ନା କାହିଁକି ମନାନ୍ତରକୁ ଦୂରେଇ ଦୁଇ ରାଷ୍ଟ୍ର ପରସ୍ପର ସହଯୋଗୀ ହେବା ହିଁ ସମୟର ଆହ୍ୱାନ। ଅପରପକ୍ଷରେ ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କ ସୁଧାରିବା ପଛରେ ଚୀନ୍‌ର ଅନେକ ବାଧ୍ୟବାଧକତା ରହିଛି। ସେହିପରି ଅଷ୍ଟ୍ରେଲିଆ-ବ୍ରିଟେନ୍-ଆମେରିକା ଦ୍ୱାରା ରଚିତ 'ଆଉକସ୍ ନାମକ ବ୍ୟୂହର କେନ୍ଦ୍ରରେ ଚୀନ୍ ରହିଛି। ଏହି ପୃଷ୍ଠଭୂମିରେ ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ପାଇଁ ଚୀନ୍ ଆଗ୍ରହୀ ହେବା ଅସମ୍ଭବ ନୁହେଁ। ଦ୍ୱିପାକ୍ଷିକ ସମ୍ପର୍କ ସୁଧାରର ପ୍ରାରମ୍ଭିକ ସଙ୍କେତ ଅନୁଯାୟୀ ଭାରତର ବୈଦେଶିକ ସଚିବ ସହଯୋଗର ବାର୍ତ୍ତା ନେଇ ଚୀନ୍ ଗସ୍ତରେ ଯାଇଥିବା ବେଳେ ଚୀନ୍ ପ୍ରତିପକ୍ଷ ଏହାକୁ ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି। ଇତିମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୂତ କରିବା ପାଇଁ କୈଳାସ ମାନସରୋବର ଯାତ୍ରାର ପୁନରାରମ୍ଭ, ଦୁଇ ଦେଶର ରାଜଧାନୀ ମଧ୍ୟରେ ପ୍ରତ୍ୟକ୍ଷ ବିମାନ ଚଳାଚଳ ସେବାର ପୁନଃବାହାଲ, ଭାରତର ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କ ପାଇଁ ଚୀନ୍ ଭିସା କଟକଣା କୋହଳ, ବ୍ରହ୍ମପୁତ୍ର ନଦୀ ଜଳ ସ୍ଥିତି ସୂଚନା ବିନିମୟ ପାଇଁ ଦୁଇଦେଶ ମଧ୍ୟରେ ସହମତି ହୋଇଥିବା ସୂଚନା ମିଳିଛି। ୨୦୧୯ ପର୍ଯ୍ୟନ୍ତ ଭାରତ-ଚୀନ୍ ମଧ୍ୟରେ ୫୩୯ଟି ବିମାନ ଯାତାୟାତ କରୁଥିବା ବେଳେ କୋଭିଡ୍ ମହାମାରୀ ଓ ଗଲୱାନ ବିବାଦ ପରେ ଏହା ବନ୍ଦ ହୋଇଯାଇଛି। ୨୦୧୯ରେ ଭାରତ ୨ ଲକ୍ଷ ଚୀନ୍‌ପ୍ରବାସୀଙ୍କୁ ଭିସା ଦେଇଥିବା ବେଳେ ସୀମାରେ ଉତ୍ତେଜନା ଯୋଗୁଁ ୨୦୨୪ ଜାନୁଆରୀ ବେଳକୁ ତାହା ମାତ୍ର କେତେକ ହଜାରକୁ ଖସି ଆସିଛି। ଏବେ ପୂର୍ବ ସ୍ଥିତି ବାହାଲ ହେଲେ ଭାରତ ଚାହୁଁଥିବା ପରି ଦୁଇ ଦେଶର ଜନତା ଉପକୃତ ହେବେ। ଭାରତ ଚାହୁଁଛି ଦ୍ୱିପାକ୍ଷିକ ବୁଝାମଣା ବିଶ୍ୱାସ, ସମ୍ମାନ, ସମ୍ବେଦନଶୀଳତା ଆଧାରିତ ହେଉ। ଜଣେ ଆଉଜଣଙ୍କ ପାଇଁ ବିପଦ ହେବା ବଦଳରେ ସୁଯୋଗ ବୋଲି ଭାବିଲେ ଦକ୍ଷିଣ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବାହ୍ୟ ପାଶ୍ଚାତ୍ୟ ଶକ୍ତି, ବିଶେଷକରି ଆମେରିକାର ବିସ୍ତାରବାଦୀ ଆଭିମୁଖ୍ୟକୁ ପ୍ରତିହତ କରିହେବ। ବହୁପାକ୍ଷିକ ବ୍ୟବସ୍ଥାରେ ବିଶ୍ୱାସ ଜରୁରୀ। ତେଣୁ ଉଭୟ ଦେଶର ସମ୍ପର୍କ ବିଶ୍ୱାସ ଆଧାରିତ ହେଲେ ମତାନ୍ତର ଓ ବିବାଦର ସମାଧାନ ଆପେ ହୋଇଯିବ। ସାମ୍ପ୍ରତିକ ସ୍ଥିତିରେ ଭାରତ ଓ ଚୀନ୍ ପରସ୍ପରଠାରୁ ଦୂରେଇ ଯିବା ବଦଳରେ ପାଖେଇ ଆସିବା ଆବଶ୍ୟକ। ଏହା ଉଭୟ ଦେଶବାସୀଙ୍କ ସ୍ୱାର୍ଥ ପାଇଁ ଜରୁରୀ। ତେଣୁ ଭାରତ-ଚୀନ୍ ସମ୍ପର୍କକୁ ରଣନୈତିକ ଦୃଷ୍ଟିରୁ ବିଚାର ନ କରି ଦୀର୍ଘସ୍ଥାୟୀ କରିବା ଉପରେ ଭାରତ ଗୁରୁତ୍ୱାରୋପ କରୁଛି। ସର୍ବୋପରି ପ୍ରତିଯୋଗିତା ଯେପରି ସହଯୋଗିତାରେ ରୂପାନ୍ତରିତ ହେବ ସେ ଦିଗରେ ଉଭୟ ରାଷ୍ଟ୍ର ଆନ୍ତରିକ ଉଦ୍ୟମ କରିବା ଜରୁରୀ। ଶେଷରେ ଗୋଟିଏ ଆପ୍ତବାକ୍ୟ ମନେ ରଖିବାକୁ ହେବ ଯେ ଡ୍ରାଗନ୍‌ର ଦେଶ ଚୀନ୍ ଆଦୌ ଏକ ବିଶ୍ୱାସୀ ପ୍ରତିବେଶୀ ନୁହେଁ। ତେଣୁ ଭାରତର ବିଶ୍ୱାସ ଭାଷାକୁ ଡ୍ରାଗନ୍ କେମିତି ବୁଝିବ ତାହା ତା' ଉପରେ ହିଁ ନିର୍ଭର କରେ। ବନ୍ଧୁତ୍ୱର ହାତ ବଢ଼ାଇ ପଛରୁ ଛୁରି ମାରିବାରେ ଅଭ୍ୟସ୍ତ ଡ୍ରାଗନ୍ ସହିତ ସମ୍ପର୍କରେ ସୁଧାର ଆଣିବା ପାଇଁ ଭାରତର ଉଦ୍ୟମ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ହାତେ ମାପି ଚାଖଣ୍ଡେ ଚାଲିବା ଉଚିତ ହେବ।

## ଜଟିଳ ସ୍ୱତ୍ତ୍ୱାଧିକାର ଚର୍ଚ୍ଚାରେ ଉତ୍ତରାଧିକାରୀ ଆଇନକୁ ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ



### ଯୁଧିଷ୍ଠିର ମହାରଣା

ଆମ ମାନଙ୍କ ଭିତରେ ଏବେ ବି ଡାକଘରେ ସଞ୍ଚୟ ଖାତା ଖୋଲିବା ଏବଂ ନିରାପଦ ଆର୍ଥିକ ବ୍ୟବସ୍ଥାର ଡାକ ଘର ମଧ୍ୟ ଏକ ଅନ୍ୟତମ ଭୂମିକାରେ ଥାଏ। ଯାହାପାଇଁ ଡାକଘରେ ଅନେକ ଲୋକ ପ୍ରାୟତଃ ସଞ୍ଚୟ ଖାତା ବା ପାସବୁକ ଖୋଲି ସେମାନଙ୍କର ଆର୍ଥିକ ଦେଣନେଣ କରିଥାନ୍ତି। ସଞ୍ଚୟ ବ୍ୟାଙ୍କ ଜମାଖାତାଧାରୀଙ୍କ ଅବର୍ତ୍ତମାନରେ ତାଙ୍କ ଉତ୍ତରାଧିକାରୀଙ୍କୁ ଜମା ବାବଦ ପ୍ରାପ୍ୟ ମିଳିବାର ଯେଉଁ ନିୟମ ରହି ଆସିଛି, ତାହା କ୍ରମଶଃ ଜଟିଳ ହେଉଥିବା ଭୁକ୍ତଭୋଗୀମାନେ ଅଭିଯୋଗ କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ନିକଟରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ଏକ ରାୟକୁ ନେଇ ବିତର୍କ ସୃଷ୍ଟି ହୋଇଛି। ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ-୧୯୪୯ ଅନୁଯାୟୀ ବ୍ୟାଙ୍କ ଜମା ଖାତାଧାରୀଙ୍କ ମୃତ୍ୟୁ ପରେ ଆକାଉଣ୍ଟରେ ବା ଖାତାରେ ଥିବା ଜମାରାଶି ହକଦାର କିଏ ହେବ ତାହା ଉଲ୍ଲେଖ କରାଯାଇଛି। ଏହି ନିୟମ ଅନୁଯାୟୀ ଜମାକାରୀ ବା ଆକାଉଣ୍ଟ ହୋଲଡ଼ର ତାଙ୍କ ଖାତାରେ ଉତ୍ତରାଧିକାରୀ ବା ନୋମିନ ଭାବେ ଯାହାଙ୍କ ନାମ ଉଲ୍ଲେଖ ଥାଏ ତେବେ କେଉଁ ନୋମିନ ମୋଟ ଜମା ଅର୍ଥରାଶିରୁ କେତେ ଭାଗ ପାଇବାକୁ ହକଦାର ତାହା ମଧ୍ୟ ନୋମିନି ଫର୍ମ ବା ଘୋଷଣାନାମାରେ ଉଲ୍ଲେଖ ଥାଏ। ଯଦି ଜମାକାରୀଙ୍କ ଏକାଧିକ ଉତ୍ତରାଧିକାରୀ ବା ଦାୟାଦ ଥାନ୍ତି କିନ୍ତୁ ମାତ୍ର ଜଣଙ୍କର ନାମ ନୋମିନ ଭାବରେ ଉଲ୍ଲେଖ ଥାଏ, ତେବେ ତାକୁ ହିଁ ସେ ବାବଦ ପ୍ରାପ୍ୟ ଦେବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ବାଧ୍ୟ। ଏହାପରେ ସମ୍ପୃକ୍ତ ନୋମିନ ସେହି ଅର୍ଥରାଶିକୁ ଅନ୍ୟ ଦାୟାଦ ମାନଙ୍କୁ କେତେ ଦେବେ କିମ୍ବା ନ ଦେବେ ତାହା ତାଙ୍କ ବିବେକ ଉପରେ ନିର୍ଭର କରେ କିମ୍ବା କୋର୍ଟକଚେରୀ ନିଷ୍ପତ୍ତି ନିଏ। କିନ୍ତୁ ଦାୟାଦଙ୍କ ଭାଗବଣ୍ଟା ବିବାଦ ଆଳରେ ବ୍ୟାଙ୍କ କର୍ତ୍ତୃପକ୍ଷ ଉକ୍ତ ଅର୍ଥରାଶିକୁ ଅଟକାଇ ରଖିପାରିବେ ନାହିଁ।

ନିକଟରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ଅନୁସାରେ ଖାତାରେ ଯାହାଙ୍କ ନାମ ନୋମିନ ଭାବେ ଉଲ୍ଲେଖ ଥାଉ ନା କାହିଁକି ଉକ୍ତ ରାଶି ନୋମିନଙ୍କ ଦସ୍ତଖତରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଠାରୁ ଗୃହୀତ ହେବେ ଏବଂ ଏକାଧିକ ଉତ୍ତରାଧିକାରୀ ବା ଦାୟାଦଙ୍କ ମଧ୍ୟରେ ବଣ୍ଟନ ହେବ। କେବଳ ନୋମିନ ସେହି ସମ୍ପୂର୍ଣ୍ଣ ରାଶିର ଏକ ଚାଟିଆ ମାଲିକାନା ଜାହିର କରିପାରିବେ ନାହିଁ। ଏହି ରାୟ ଦେବା ବେଳେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ ସର୍ବୋଚ୍ଚ ନ୍ୟାୟାଳଙ୍କ ଏକ ରାୟକୁ ଆଧାର ଭାବେ ଗ୍ରହଣ କରିଛନ୍ତି ଏବଂ କୌଣସି ପରିସ୍ଥିତିରେ ଉତ୍ତରାଧିକାରୀ ଆଇନକୁ ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ ଅଧିକ୍ରମଣ କରିପାରିବ ନାହିଁ ବୋଲି କହିଛନ୍ତି।

ଏ ସମ୍ପର୍କରେ ଅଧିକ ଆଲୋଚନା କରିବା ପୂର୍ବରୁ ମାମଲାର ବିବରଣୀ ବିଷୟରେ କିଞ୍ଚିତ ଆଲୋକପାତ କରିବା ଉଚିତ ହେବ। ମନୋଜ କୁମାର ଶର୍ମା ନାମକ ଜଣେ ବ୍ୟକ୍ତିଙ୍କ ମାଆଙ୍କ ନାମରେ ବ୍ୟାଙ୍କ ଅଫ ବରୋଦା ଶାଖାରେ ଏକ ମିଆଦୀ ଜମା ଫିକ୍ସଡ ଡିପୋଜିଟ ରହିଛି, ଯେଉଁଥିରେ ନୋମିନ ରହିଛନ୍ତି ମନୋଜ। ୨୦୨୦ ଫେବୃଆରୀ ୮ରେ ତାଙ୍କ ମାଆଙ୍କର ମୃତ୍ୟୁ ପରେ ମିଆଦୀ ଜମା ବାବଦ ଅର୍ଥରାଶି ପାଇବା ପାଇଁ ମନୋଜ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଥିଲେ। କିନ୍ତୁ ତାଙ୍କ ଭାଇ ବା ଜମାକାରୀଙ୍କ ଅନ୍ୟ ଦାୟାଦମାନେ ସେହି ଅର୍ଥରୁ ଭାଗ ଦାବି କରି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ବାଦୀ-ପ୍ରତିବାଦୀମାନଙ୍କ ଓକିଲ ସେମାନଙ୍କ ମହକିଲଙ୍କ ସପକ୍ଷରେ ସ୍ୱାଭାବିକ ଭାବରେ ଯୁକ୍ତି ଉପସ୍ଥାପନ କରିବା ପରେ ମାମଲା ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟରେ ପହଞ୍ଚିଥିଲା। ମାମଲାର ଶୁଣାଣି କରି ବିଚାରପତି ଶେଖର ବି ସରାଫ ଓ ବିଚାରପତି ବିପିନ ଚନ୍ଦ୍ର ଦୀକ୍ଷିତଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ତାଙ୍କ ରାୟରେ ନୋମିନଙ୍କ ସମେତ ଅନ୍ୟ ଉତ୍ତରାଧିକାରୀମାନେ ମଧ୍ୟ ଜମା ବାବଦ ଅର୍ଥ ପାଇବା ପାଇଁ ହକଦାର ବୋଲି ସ୍ପଷ୍ଟ କରିଛନ୍ତି ଏବଂ ଉକ୍ତ ଅର୍ଥରାଶିକୁ ଏକ ଟ୍ରଷ୍ଟରେ ଜମା କରିବାକୁ ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ରାୟ ପରେ ବନ୍ଦ ପଡ଼ିଥିବା ଖାତାର ପ୍ରାପ୍ୟ ଅଧିକାର ପ୍ରକ୍ରିୟା ଆହୁରି ଆଇନଗତ ଜଟିଳତା ଭିତରକୁ ଚାଲିଯାଇଛି। ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ ୧୯୪୯ ଅନୁଯାୟୀ ନୋମିନଙ୍କୁ ଅଚଳ ଖାତାର ପ୍ରାପ୍ୟର ହକଦାର କରାଯାଇଥିଲେ ମଧ୍ୟ ଏ ପ୍ରକ୍ରିୟା ଏତେ ଜଟିଳ ଯେ ସାଧାରଣ ଲୋକଟିଏ ପ୍ରାପ୍ୟ ପାଇଁ ନୟାନ୍ତ ହେବାକୁ ପଡୁଛି। ଏ ସମ୍ପର୍କିତ ବିଭିନ୍ନ ବ୍ୟାଙ୍କ ନୀତି, ନିୟମ ଓ ସର୍ତ୍ତ ମଧ୍ୟ ଭିନ୍ନ ଭିନ୍ନ। ନୋମିନଙ୍କ ନାମ ଓ ପରିଚୟ ବ୍ୟାଙ୍କ ଖାତାରେ ସ୍ପଷ୍ଟ ଉଲ୍ଲେଖ ଥିଲେ ମଧ୍ୟ ଖାତାଧାରୀଙ୍କ ଅବର୍ତ୍ତମାନରେ ସେହି ପ୍ରାପ୍ୟ ପାଇବାକୁ ହେଲେ ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷଙ୍କ ଆଗରେ ଆହୁରି ଅନେକ ସାକ୍ଷ୍ୟ ପ୍ରମାଣ ଯୋଗାଡ଼ କରିବାକୁ ପଡୁଛି। ନାମ ଓ ପରିଚୟର ସର୍ବସ୍ୱୀକୃତ ଓ ସର୍ବଗ୍ରାହ୍ୟ ପ୍ରମାଣପତ୍ର ଭାବେପ ଆଧାର ପରିଚୟ ପତ୍ରକୁ ସରକାର ସ୍ୱୀକୃତି ଦେଇଛନ୍ତି। ନୋମିନଙ୍କ ନାମ ଖାତାରେ ଉଲ୍ଲେଖ କରିବା ସମୟରେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ତାହାକୁ ହିଁ ନିର୍ବିକାରରେ ଗ୍ରହଣ କରୁଛନ୍ତି। କିନ୍ତୁ ଖାତାଧାରୀଙ୍କ ଅବର୍ତ୍ତମାନରେ ଖାତାରେ ଥିବା ରାଶି ପାଇବା ବେଳକୁ ଆଧାର ପରିଚୟ ପତ୍ର ତାର ମୌଳିକ ଶକ୍ତି ହରାଉଛି। ତେଣୁ ଆଧାର ପରିଚୟ ପତ୍ର ସହିତ ବିଚରା ନୋମିନଙ୍କୁ ଆହୁରି ଏଭଳି ଏକାଧିକ ଚିହ୍ନଟକାରୀ ଓ ସାକ୍ଷ୍ୟ ଯୋଗାଡ଼ କରିବାକୁ ପଡୁଛି, ଯେଉଁମାନଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀ ସରକାରୀ ଚାକିରିଆ, ଅର୍ଦ୍ଧ-ନ୍ୟାୟିକ କିମ୍ବା ନ୍ୟାୟିକ ଅଧିକାରୀ, ନିର୍ବାଚିତ ଜନପ୍ରତିନିଧି ମାନେ ଆସୁଛନ୍ତି। କେତେକ କ୍ଷେତ୍ରରେ ସାକ୍ଷ୍ୟ, ପ୍ରମାଣ ଓ ମୁଚାଲିକା ଭାବରେ ଟିକସ ପୈଠ ବିବରଣୀ ସହିତ ଦାଖଲ କରିବାକୁ ପଡୁଛି। ଯେଉଁଠାରେ ନୋମିନଙ୍କ ନାମ ଉଲ୍ଲେଖ ନଥାଏ ସେଠାରେ ଲିଗାଲ ହେୟାର ସାର୍ଟିଫିକେଟ ଆଧାରରେ ସମସ୍ତଙ୍କ ମଧ୍ୟରେ ସମାନ ଭାବରେ ସମ୍ପତ୍ତି ବା ଜମା ପରିମାଣ ରାଶି ବାଣ୍ଟି ଦେବାର ନିୟମ ରହିଛି। ଏହି ନିୟମର କାର୍ଯ୍ୟକାରିତା ମଧ୍ୟ ଏତେ ଜଟିଳ ଯେ ଏଥିପାଇଁ ଦାବିଦାରଙ୍କୁ ସତ୍ୟପାଠ, ସ୍ୱତ୍ତ୍ୱ ପ୍ରତ୍ୟାଖ୍ୟାନ ପ୍ରମାଣ ପତ୍ର ଓ କ୍ଷତିବିମୁକ୍ତି ପ୍ରମାଣ ପତ୍ର ସହିତ ଆବେଦନ କରିବାକୁ ପଡୁଛି।

ଏଭଳି ପରିସ୍ଥିତିରେ ମଫସଲରେ ରହୁଥିବା ଅପାଠୁଆ ଓ ଅର୍ଦ୍ଧପାଠୁଆ ହିତାଧିକାରୀଙ୍କ ଦୂରବସ୍ଥା ନ କହିବା ଭଲ। ଯଦି ଖାତାଧାରୀଙ୍କ ଆକାଉଣ୍ଟରେ କମ ଅର୍ଥ ରହିଥିବ ତେବେ ଦାବି ପାଇଁ ଦୌଡ଼ି ନୟାନ୍ତ ହେବା ବଦଳରେ ବରଂ ଛାଡ଼ି ଦେବାକୁ ଅନେକେ ଉଚିତ ମଣୁଛନ୍ତି। ଯେଉଁଠି ନିୟମ ଆହୁରି ସରଳ ହେବା କଥା ସେଠାରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ରାୟ ବ୍ୟବସ୍ଥାକୁ ଆହୁରି ଜଟିଳ କରିଦେଇଥିବା ପରି ମନେ ହେଉଛି। ସମ୍ପତ୍ତିର ଭାଗବଣ୍ଟାକୁ ନେଇ ଦାୟାଦଙ୍କ ମଧ୍ୟରେ ବିବାଦ ଓ ସଂଘର୍ଷର ଉଦାହରଣ ଅନେକ। ସେହି ଦୃଷ୍ଟିରୁ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ରାୟ ସ୍ୱାଗତଯୋଗ୍ୟ। କିନ୍ତୁ ଏହି ରାୟ ସମାଜର ସବୁସ୍ତର ପାଇଁ କାର୍ଯ୍ୟକାରୀ ହେଉଥିବାରୁ ବିଚରା ଅମାୟିକ ଲୋକମାନେ ବ୍ୟବସ୍ଥାର ଜଟିଳତା ଭିତରେ ପେସି ହୋଇଯାଉଛନ୍ତି। ଏବେ ସମୟ ଆସିଛି ବ୍ୟବସ୍ଥା କିପରି ସମାବେଶୀ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବାର। ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ସାର୍ବଜନୀନ ସରଳ ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

## ବିସ୍ମୟ ବ୍ରହ୍ମାଣ୍ଡ ତତ୍ତ୍ୱ ଓ ମାୟିକ ଜଗତ



### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଆମ ଧର୍ମୀୟ ଶାସ୍ତ୍ର ମାନଙ୍କରେ ଭୁଲୋକର ନିମ୍ନଦେଶରେ ସାତଟି ସ୍ତରର ବର୍ଣ୍ଣନା କରାଯାଇଅଛି । ସେଗୁଡ଼ିକ ହେଲା ତଳ, ଅତଳ, ବିତଳ, ସୁତଳ, ତଳାତଳ, ରସାତଳ ଓ ପାତାଳ। ଏଗୁଡ଼ିକୁ ନର୍କ ବା ନର୍କ ଲୋକ କୁହାଯାଏ । ସେହିପରି ଭୁଲୋକ ସମେତ ସାତଗୋଟି ଉର୍ଦ୍ଧ୍ୱ ଲୋକ ରହିଅଛି, ଯଥା ଭୂଃ, ଭୁବଃ, ସ୍ୱଃ ମହଃ, ଜନଃ, ତପଃ ଓ ସତ୍ୟଃ । ଏହି ଉର୍ଦ୍ଧ୍ୱ ଲୋକ ଗୁଡ଼ିକୁ ସ୍ୱର୍ଗ ବା ସ୍ୱର୍ଗ ଲୋକ କୁହାଯାଏ । ଅନ୍ୟ ଧର୍ମମାନଙ୍କରେ ମଧ୍ୟ ସାତଟି ସ୍ୱର୍ଗର ବର୍ଣ୍ଣନା କରାଯାଇଛି । ଇହୁଦୀ ମାନଙ୍କ ଧର୍ମଗ୍ରନ୍ଥ, ତାଲ୍ ?ମଦ୍ ?ରେ ସାତଗୋଟି ସ୍ୱର୍ଗର ନାମ ଉଲ୍ଲେଖ ହୋଇଅଛି, ଯେଉଁଥିରେ ଆରାବୋଥ ସର୍ବୋଚ୍ଚ ଲୋକ କୁହାଯାଇଛି । ଇସ୍ ?ଲାମ ଧର୍ମରେ ମଧ୍ୟ ସାତ ସ୍ୱର୍ଗର ଉଲ୍ଲେଖ ରହିଛି ଏବଂ ସାତବାଁ ଆସମା ବା ସପ୍ତମ ଆକାଶକୁ ସର୍ବୋଚ୍ଚ ଭାବେ ବର୍ଣ୍ଣନା କରାଯାଇଛି । ସୃଷ୍ଟିର ଏହି ସବୁ ସ୍ତରକୁ ଲୋକ କୁହାଯାଏ। ଏହି ବ୍ରହ୍ମାଣ୍ଡରେ ଚଉଦଟି ଲୋକ ରହିଛି । ସେମାନଙ୍କ ମଧ୍ୟରେ ସର୍ବୋଚ୍ଚ ବ୍ରହ୍ମାଙ୍କର ଲୋକ ବା ବ୍ରହ୍ମଲୋକ ଅଟେ । ଏହି ସମସ୍ତ ଲୋକ ମାୟାର ଅଧୀନସ୍ଥ ଅଟନ୍ତି ଏବଂ ଏହି ସବୁ ଲୋକରେ ବାସ କରୁଥିବା ଜୀବଗଣ ଜନ୍ମ ମୃତ୍ୟୁ ଚକ୍ରରେ ଆବଦ୍ଧ ରହନ୍ତି । ଏଣୁ ଏହି ସମସ୍ତ ଲୋକ ମାୟା ସାମ୍ରାଜ୍ୟର ଅନ୍ତର୍ଗତ ଅଟେ । ତେଣୁ ସେହି ସବୁ ଲୋକର ଅଧିବାସୀ ଜନ୍ମମୃତ୍ୟୁ ଚକ୍ରର ଅଧୀନସ୍ତ ଅଟନ୍ତି । କିନ୍ତୁ ଯେଉଁମାନେ ଭଗବତ୍ ପ୍ରାପ୍ତି କରି ନିଅନ୍ତି, ସେମାନେ ମାୟିକ ବନ୍ଧନରୁ ମୁକ୍ତ ହୋଇ ଯାଆନ୍ତି । ମାୟିକ ଶରୀର ତ୍ୟାଗ କରି ସେମାନେ ଭଗବାନଙ୍କର ଦିବ୍ୟଲୋକ ପ୍ରାପ୍ତ କରନ୍ତି । ସେଠାରେ ଦିବ୍ୟ ଶରୀର ଧାରଣ କରି ସେମାନେ ଚିରଦିନ ପାଇଁ ଭଗବାନଙ୍କର ଦିବ୍ୟ ଲୀଳାରେ ସାମିଲ ହୋଇ ଯାଆନ୍ତି । ଏହିପରି ଭାବରେ ପୁନର୍ବାର ସେମାନଙ୍କୁ ମାୟିକ ଜଗତରେ ଜନ୍ମ ଗ୍ରହଣ କରିବାକୁ ପଡ଼େ ନାହିଁ । କେତେକ ମହାପୁରୁଷ ମାୟାରୁ ଉତ୍ତୀର୍ଣ୍ଣ ହେଲା ପରେ ମଧ୍ୟ ପୁନରାଗମନ କରିଥାନ୍ତି । କିନ୍ତୁ ସେମାନେ କେବଳ ଅନ୍ୟମାନଙ୍କୁ ବନ୍ଧନରୁ ମୁକ୍ତ ହେବାକୁ ସାହାଯ୍ୟ କରିବା ପାଇଁ ଏହା କରନ୍ତି । ଏମାନେ ମହାନ ଗୁରୁ ଏବଂ ବିଖ୍ୟାତ ଧର୍ମଯାଜକ ଭାବରେ ଅବତରିତ ହୋଇ, ନିଜକୁ ମାନବ ସମାଜର ଦିବ୍ୟ କଲ୍ୟାଣରେ ନିୟୋଜିତ କରିଥାଆନ୍ତି ।

ଆମ ଶାସ୍ତ୍ର କହେ ସ୍ୱର୍ଗର ସମ୍ରାଟ ଇନ୍ଦ୍ର ମଧ୍ୟ ଦିନେ ମୃତ୍ୟୁବରଣ କରିଥାନ୍ତି। ପୁରାଣରେ ବର୍ଣ୍ଣିତ ଅଛି ଯେ ଥରେ ଇନ୍ଦ୍ର ଏକ ବିଶାଳ ପ୍ରସାଦ ନିର୍ମାଣ କରିବାକୁ ସ୍ୱର୍ଗର ଶିଳ୍ପୀ, ବିଶ୍ୱକର୍ମାଙ୍କୁ ନିୟୋଜିତ କଲେ । ନିର୍ମାଣ କାର୍ଯ୍ୟ ସମାପ୍ତ ହେଉ ନ ଥିବା ଦେଖି, ବ୍ୟସ୍ତ ହୋଇ ବିଶ୍ୱକର୍ମା ଭଗବାନଙ୍କର ସାହାଯ୍ୟ ପ୍ରାର୍ଥନା କଲେ। ଭଗବାନ ସେଠାକୁ ଆସି ଇନ୍ଦ୍ରଙ୍କୁ ପ୍ରଶ୍ନ କଲେ, "ଏତେ ବିଶାଳ ପ୍ରସାଦ! କେତେଜଣ ବିଶ୍ୱକର୍ମା ଏହାର ନିର୍ମାଣ ପାଇଁ ନିଯୁକ୍ତ ହୋଇଛନ୍ତି ? ଇନ୍ଦ୍ର ଏହି ପ୍ରଶ୍ନ ଶୁଣି ବିସ୍ମିତ ହେଲେ ଏବଂ ଉତ୍ତର ଦେଲେ, "ମୁଁ ଭାବୁଥିଲି କେବଳ ଜଣେ ବିଶ୍ୱକର୍ମା ଅଛନ୍ତି" । ଭଗବାନ ସ୍ମିତହାସ୍ୟ କରି କହିଲେ, ଏହି ବ୍ରହ୍ମାଣ୍ଡ ପରି ଚଉଦ ଲୋକ ବିଶିଷ୍ଟ ଅସଂଖ୍ୟ ବ୍ରହ୍ମାଣ୍ଡ ରହିଛି। ପ୍ରତି ବ୍ରହ୍ମାଣ୍ଡରେ ଜଣେ ଇନ୍ଦ୍ର ଓ ଜଣେ ବିଶ୍ୱକର୍ମା ଅଛନ୍ତି । ଠିକ୍ ସେହି ସମୟରେ ଇନ୍ଦ୍ର ଦେଖିଲେ, ପିମ୍ପୁଡ଼ି ମାନଙ୍କର ଗୋଟିଏ ଲମ୍ବା ଧାଡ଼ି ତାଙ୍କ ଆଡକୁ ଆସୁଅଛି । ସେ ଆଶ୍ଚର୍ଯ୍ୟ ହୋଇ ଭଗବାନଙ୍କୁ ପଚାରିଲେ, "ଏତେ ପିମ୍ପୁଡ଼ି କେଉଁଠାରୁ ଆସୁଛନ୍ତି" ? ଭଗବାନ ଉତ୍ତର ଦେଲେ, "ମୁଁ ଏହି ପିମ୍ପୁଡ଼ି ଜୀବଗୁଡ଼ିକୁ ଏଠାକୁ ଆଣିଛି । ଏମାନେ ପୂର୍ବଜନ୍ମରେ ଇନ୍ଦ୍ରଥିଲେ ଏବଂ ଏବେ ପିମ୍ପୁଡ଼ି ଶରୀର ଧାରଣ କରିଛନ୍ତି । ତାଙ୍କର ଏତେ ସଂଖ୍ୟା ଦେଖି ଇନ୍ଦ୍ର ଆଶ୍ଚର୍ଯ୍ୟ ହୋଇଗଲେ । ଅଳ୍ପ ସମୟ ପରେ ଲୋମଶ ମୁନି ସେ ସ୍ଥାନରେ ଉପସ୍ଥିତ ହେଲେ । ସେ ତାଙ୍କ ମସ୍ତକରେ ଗୋଟିଏ ଘାସର ମସିଣା ଧରିଥିଲେ ଏବଂ ତାଙ୍କ ବକ୍ଷ ଲୋମଯୁକ୍ତ ଥିଲା । ତନ୍ମଧ୍ୟରୁ କେତେକ ଲୋମ ଉପୁଡ଼ି ଯାଇ ଥିବାରୁ ବକ୍ଷସ୍ଥଳରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା । ଇନ୍ଦ୍ର ମୁନିଙ୍କୁ ସ୍ୱାଗତ ଜଣାଇଲେ ଏବଂ ନମ୍ରତାର ସହ ପ୍ରଶ୍ନ କଲେ "ହେ ମହାତ୍ମା ଆପଣ କାହିଁକି ଏକ ଘାସର ଆସନ ମସ୍ତକରେ ବହନ କରିଛନ୍ତି ଏବଂ ଆପଣଙ୍କ ବକ୍ଷରେ ଥିବା ଲୋମର ରହସ୍ୟ କ'ଣ ?" ଲୋମଶ ମୁନି ଉତ୍ତର ଦେଲେ, "ମୁଁ 'ଚିରାୟୁ' ବରପ୍ରାପ୍ତ କରିଛି। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ପରୀକ୍ଷା ପୂର୍ବର ପ୍ରସ୍ତୁତି ଓ ମାନସିକ ସ୍ଥିତି



### ପ୍ରଦେଶ ପ୍ରତ୍ୟୁଷ

ପରୀକ୍ଷା ପାଖେଇ ଆସିବା କ୍ଷଣି ପିଲାଙ୍କୁ ଚିନ୍ତା ଘାରି ଥାଏ। ତାହା ସ୍କୁଲ ହେଉ କି ବିଶ୍ୱବିଦ୍ୟାଳୟର ପରୀକ୍ଷାର ପ୍ରସ୍ତୁତି ହେଉ, ପିଲାଙ୍କୁ ଭଲ ମାର୍କ ଆଣିବା ଚକ୍କରରେ ଚିନ୍ତା ମାଡ଼ି ବସେ। ବହୁତ ଅଧିକ ଚିନ୍ତା କରିବା ଦ୍ୱାରା ପିଲାଙ୍କୁ ସିଲାବସକୁ ସାରିବାରେ ମୁସ୍କିଲର ସାମ୍ନା କରିବାକୁ ପଡ଼ିଥାଏ। କାରଣ ଚିନ୍ତାରୁ ଭୟ ଓ ଅସ୍ଥିରତା ଜାତ ହୁଏ। ଫଳରେ ପାଠପଢ଼ାକୁ ସାରିବାରେ ଅସୁବିଧା ହୁଏ। ଏବେ ତ ପରୀକ୍ଷାର ବେଳ ନିକଟତର ହୋଇ ଆସିଲାଣି।

ଏଣୁ ପରୀକ୍ଷାର ଷ୍ଟ୍ରେସ୍ ବା ଚିନ୍ତା ହ୍ରାସ କରାଇବା ନିହାତି ଜରୁରୀ। ନୁହେଁ ତ ଏହା ଆପଣଙ୍କର ପରୀକ୍ଷାରେ ଏହା ନକରାତ୍ମକ ପ୍ରଭାବ ପକାଇ ପାରେ। ଆସନ୍ତୁ କିଛି ଟିପ୍ସ ବିଷୟରେ ଜାଣିବା,ଯାହା ଦ୍ୱାରା ପିଲାମାନେ ପରୀକ୍ଷାରେ ଭଲ ମାର୍କ୍ସ ଆଣି ପାରିବେ।

୧- ଭୟ ଦୂର କରନ୍ତୁ -ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ହିଁ ହୃଦୟ ଖୁବ୍ ଜୋରରେ କମ୍ପିବା ଆରମ୍ଭ କରେ। ଏମିତି ପ୍ରତି ପିଲାଙ୍କ ସହ ହୋଇଥାଏ, ଯିଏ କି ପୂରା ପ୍ରସ୍ତୁତିର ସହ ପଢୁଥାନ୍ତୁ କି ପ୍ରସ୍ତୁତି ଶେଷ କରି ସାରିଥାନ୍ତୁ। ପରୀକ୍ଷା ସମୟର ଚିନ୍ତା ପିଲାଙ୍କ ପାଇଁ ଘାତକ ପରି ହୋଇପାରେ। କାରଣ ମନେଥିବା ପାଠ ଭୁଲି ହୋଇ ଯାଇପାରେ। ପରୀକ୍ଷା ଭୟର କାରଣରୁ ତାଙ୍କର ଚେଷ୍ଟା ଓ ପ୍ରସ୍ତୁତି ନଷ୍ଟ ହୋଇପାରେ। ହେଲେ , ଆପଣ ପରୀକ୍ଷା ଭୟକୁ କାବୁରେ ରଖି ପାରନ୍ତି ଏବଂ ନିଜର ପାଠପଢା ଉପରେ ପୁଣି ଥରେ ଧ୍ୟାନ ଆକର୍ଷଣ କରି ପାରନ୍ତି। ଜାଣନ୍ତୁ, ପରୀକ୍ଷା ଭୟକୁ କେମିତି ଦୂର କରିବେ ଏବଂ ପାଠପଢା ଉପରେ ଧ୍ୟାନ କେମିତି ଲଗାଇବେ ।

୨-ପ୍ରଥମରୁ ପ୍ରସ୍ତୁତି ଜରୁରୀ – ପରୀକ୍ଷାର ପ୍ରସ୍ତୁତି ବହୁ ପୂର୍ବରୁ ହିଁ ଆରମ୍ଭ କରି ଦିଅନ୍ତୁ ଏବଂ ଶେଷ ସମୟରେ ସବୁ କିଛି ଯେମିତି ସରି ଯାଇଥିବ। ଯେବେ ଆପଣ ପୂର୍ବରୁ ପ୍ରସ୍ତୁତି କରିବେ ତ ରିଭିଜନ କରିବାକୁ ସମୟ ମିଳିବ। ଅଧିକ କଠିନ ବିଷୟ ବା ଟପିକକୁ ଛୋଟ ଛୋଟ ଭାଗ କରି ଏବଂ ଏଗୁଡିକୁ ନିୟମିତ ଭାବେ ମନେରଖନ୍ତୁ। ଯେବେ ଆପଣଙ୍କର ପୂରା ପ୍ରସ୍ତୁତି ହେବ ତ ପରୀକ୍ଷା ସମୟ ଅଧିକ ଆତ୍ମବିଶ୍ୱାସ ଅନୁଭବ କରିବେ ଏବଂ ପରୀକ୍ଷାର ଭୟ ଆଉ ରହିବ ନାହିଁ।

ସମୟର ସାରଣୀ ବା ଟାଇମଟେବଲ୍ ସେଟ୍ କରନ୍ତୁ – ନିଜର ଶକ୍ତି ଓ ଦୁର୍ବଳତା ଗୁଡ଼ିକୁ ଧ୍ୟାନରେ ରଖି ପ୍ରତି ଟପିକ୍ ପାଇଁ ଟାଇମ୍ ସ୍ଲଟ୍ ସେଟ୍ କରନ୍ତୁ। ଟାଇମଟେବଲ ସେଟ୍ କରିବା ଦ୍ୱାରା ଶେଷ ମୁହୂର୍ତ୍ତରେ ଧାଁ ଦୌଡ଼ କମ୍ ହୋଇଥାଏ ଏବଂ ଥକାପଣ ହ୍ରାସ ପାଇବ। ଯେତେ ସମ୍ଭବ ନିଜ ସିଡ୍ୟୁଲ ଅନୁସାରେ କାମ କରନ୍ତୁ । କିନ୍ତୁ ଆବଶ୍ୟକ ପଡ଼ିଲେ ଏହାକୁ ବଦଳାଇ ପାରିବେ।

ଷ୍ଟଡି ପ୍ଲାନ କରନ୍ତୁ –ଷ୍ଟଡି ପ୍ଲାନ(ଯୋଜନା ଅନୁସାରେ)ପ୍ରସ୍ତୁତ କରିବା ବହୁତ ଜରୁରୀ । ପ୍ଲାନିଂ କରିବା ଦ୍ୱାରା କେବଳ ଆପଣଙ୍କ ଧ୍ୟାନ ଲାଗେନି, ଏହାସହ ପ୍ରତି ଚ୍ୟାପ୍ଟରକୁ ପୂରା କରିବାରେ ଆପଣଙ୍କୁ ଆତ୍ମତୃପ୍ତି ମନେହେବ। ହେଲେ, ପାଠପଢାର ଗୋଲ୍ସ ସେଟ୍ କରନ୍ତୁ। ଯେମିତି ଆପଣ ଗୋଟିଏ ଚାପ୍ଟର ପୂରା ପଢିବା ପରେ ହିଁ ଉଠିବେ ବା ୫ ମିନିଟରେ ଗୋଟିଏ ପ୍ରଶ୍ନ ମନେ ରଖିବେ।

ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ - ଯଦି ପରୀକ୍ଷା ସମୟରେ ବା ପ୍ରସ୍ତୁତ ବେଳେ ବହୁତ ଭୟଭୀତ ହେଉଛନ୍ତି ତ, ଏହି ମାନସିକ ସ୍ୱାସ୍ଥ୍ୟର ସ୍ଥିତି ବା ଅସୁସ୍ଥତାର ଲକ୍ଷଣ ଅନୁଭବ ହେବାରେ ଡାକ୍ତରଙ୍କୁ ଭେଟିବା ଉଚିତ୍। ଏଥିରେ ଡାକ୍ତର ଚିକିତ୍ସା ପାଇଁ ଅଲଗା ଅଲଗା ଥେରାପିର ବ୍ୟବହାର କରିଥାନ୍ତି।


କୁରୁମଟାଙ୍ଗର,
ମହୁଲପଡ଼ା,ଢେଙ୍କାନାଳ
ମୋ: ୭୦୦୮୪୩୧୨୫୭





### କବିଙ୍କର ମନର କଥା



#### ଦୀପକ କୁମାର ନାୟକ

ତୁମେ ମୋତେ ଭଲ ଲାଗୁଅଛ
ବୋଲି
ଭଲପାଉଛି ମୁଁ ତୁମକୁ
ଭଲପାଇବା ଯମା ମାଗୁନି ତୁମକୁ
କହିଲି ହୃଦୟ କଥାକୁ ।।
ହୃଦୟର କଥା କହିଦେଲି ବୋଲି
ରାଗିବନି ଯମା ଧନ
ଦୁନିଆଁରେ ତୁମେ ପ୍ରଥମ ଝିଅ ଯେ
ଜିତିଗଲା ମୋର ମନ ।।
ଦେଖିବା ଦିନରୁ ମୋର ଏ ହୃଦୟ
କରିଛି ତୁମକୁ ନିଜର
ନିଜଠୁ ନିଜର ଭାବି ନେଇଛି ମୁଁ
କାରଣଟିଯେ ତୁମେ ମୋର ।।
ତୁମ କଥା ଭାବି ନଖାଇ ନପିଇ
ହୋଇଗଲିଣି ମୁଁ ଦୁର୍ବଳ
ତୁମକୁ ପାଇବା ପାଇଁ ଏଇ ମନ
ନୀତି ହେଉଅଛି ବ୍ୟାକୁଳ ।।
ଜାଣେନା କାହିଁକି ମୋ ମନ ତୁମକୁ
ଆପଣାର ଭାବିନେଲା
ବୋଧେ ତୁମ ସହ କେଉଁ ଜନମରେ
ପ୍ରେମ ମୋର ହୋଇଥିଲା ।।
ତୁମ ବାଟ ଚାହିଁ.....ରହିଛି ଅନାଇ
ଆସିବ କେବେଗୋ ସାଥି
ତୁମ ବିନା ମୋର କଟୁନାହିଁ ଯମା
ଦିନ ହେଉ ଅବା ରାତି ।।
କବିତା ନୁହେଁ ଏ ମନ କଥା ମୋର
କହିଲି ତୁମରି ଠେଇଁ
ମୋ ଭଲପାଇବା ବୁଝି ନିଶ୍ଚେ ତୁମେ
ପାଖକୁ ଆସିବ ଧାଇଁ
ମୋ ପାଖକୁ ଆସିବ ଧାଇଁ ।।


+ ଗଣ୍ଡାନାଳୀ, ହିନ୍ଦୋଳ,
ଢେଙ୍କାନାଳ
ମୋ) ୮୬୩୭୨୬୧୮୨୮


### ଏତେ କଥାକୁ ରାତି ନିଅଣ୍ଟ



#### ସୁନନ୍ଦା ମହାନ୍ତି

ବହୁତ କିଛି ଇଚ୍ଛାର
ତଣ୍ଟି ଚିପେ ଚିନ୍ତା ଚିତା
ଜୁଇ ଦିନେ ଜଳିଯିବ ସତ
ପ୍ରତିଦିନ ଜାଳେ ପୁଣି ଜଳେ
ନିଜେ ନିଜ ଅନୁଚିନ୍ତା
ଆକାଶ ପୃଥିବୀ ସାଗର ସବୁଠି
ପ୍ରକୃତିରେ କେତେ ଚେତା
ସାବଧାନ ସମାଧାନ ବାଟ ଚାଲୁଚାଲୁ
ଝୁଣ୍ଟି ଆକତାମାକତା
ପକ୍ଷୀର ଡେଣାରେ ବଳ ଦିଅ
ପଶୁ ପାଇଁ ଦିଅ ଖାଦ୍ୟ
ମଣିଷକୁ ଦିଅ ମଣିଷପଣିଆ
ଭଲପାଅଇବାକୁ ଜୀବ ନିର୍ଜୀବ
ଗଛ, ପବନ,ଜଳ ତାରାମେଳ
ସମସ୍ତେ କହନ୍ତି କଥା
କାନ ଡେରି ଶୁଣ ତାଙ୍କ ଚେତା ଚିନ୍ତା
ଅନୁଚିନ୍ତା ନୀରବତା କଥା
ନଦୀ ଓ ଝରଣା
ପ୍ରଭୁଙ୍କ କରୁଣା
ପାଇ ବାତାଏ ଠିକଣା
ହସିବ କେମିତି ମଣିଷ ଅଗଣା
ରୂପ ଅରୂପର ବିଭେଦ ଭିତରେ
ନିଆଁ ଉହ୍ଲେଇ ଜଳନ୍ତା
କାଳ କାକରରେ ଜୀବନ ଜଳୁଛି
ଅନୁଚିନ୍ତାର ଯନ୍ତାରେ ବାଗଦତ୍ତା
ବାଟ ଚାଲି ଫେଣ୍ଟି ଟୋପେ ଟୋପେ
ମିଠା କଷା ଖଟା ପିତା ।


+ ସାକ୍ଷୀଗୋପାଳ, ପୁରୀ
୯୦୪୦୯୭୭୩୨୭







# ଧ୍ୱନି ପ୍ରତିଧ୍ୱନି



## କବିତା

ତୁମ ପାଇଁ

### ଆସ ଆସ ଦେବୀ ମରାଳବାହିନୀ

ନିରଞ୍ଜନ ସାହୁ

ଆସ ଆସ ଦେବୀ ହଂସବାହିନୀ
ଆସ ଆସ ଦେବୀ ବିଦ୍ୟାଦାୟିନୀ
ପ୍ରଣାମ ଘେନିବା ହେବେ
ବସନ୍ତ ପଞ୍ଚମୀ ଆସିଛି ଜନନୀ
ଆମକୁ ଦର୍ଶନ ଦେବେ ।

ଆସ ଆସ ମାତ ଦେବୀ ଭାରତୀ
ଘେନାକର ଆମ ପୂଜା ଆରତୀ
ଆଶୀର୍ବାଦ କର ଦେବୀ
ତବ ଶୁଭାଶିଷ ଝରୁଥିଲେ ମାତ
ଅଜ୍ଞାନରୁ ପାରି ହେବି ।

ଶ୍ୱେତପଦ୍ମା ଦେବୀ ବୀଣାଧାରିଣୀ
ଶୁଭ୍ରବସ୍ତ୍ରା ଅଜ୍ଞାନର ହାରିଣୀ
ଜ୍ଞାନପ୍ରଦାୟିନୀ ଶକ୍ତି
ତବ ଶ୍ରୀପୟରେ ସର୍ବଦା ଆମରି
ରହିଥାଉ ଶୁଦ୍ଧ ଭକ୍ତି ।

ବୈକୁଣ୍ଠବାସିନୀ ଦେବୀ ଶାରଦା
ମହାସରସ୍ୱତୀ ମା'ଗୋ ବରଦା
ଭଗବତୀ ବୀଣାପାଣି
ବୀଣା , ପୁସ୍ତକ, ଅକ୍ଷମାଳା ହସ୍ତା
ଦୟାକର ମନ ଜାଣି ।

କବି, କଳାକାର ତବ ଚରଣ
ବନ୍ଦନା କରନ୍ତି ନେଇ ଶରଣ
ବିଦ୍ୟାର୍ଥୀ କରନ୍ତି ଭିକ୍ଷା
ତବ କରୁଣାରେ ପୂର୍ଣ୍ଣହେଉ ମାତ
ମନୋଭୀଷ୍ଟ ଶିକ୍ଷାଦୀକ୍ଷା ।

+ ନିହଲ ପ୍ରସାଦ , ଗଁଦିଆ ପାଟଣା,
ଢେଙ୍କାନାଳ-୭୫୯୦୧୬
ମୋ :-- ୯୯୩୮୭୪୧୫୮୩

### ଆସ ମାଆ ବୀଣାପାଣି

ଧ୍ରୁବ ଚରଣ ଘିବେଲା

ବୁଦ୍ଧିପ୍ରଦାୟିନୀ ବିଦ୍ୟାପ୍ରଦାୟିନୀ
ଆସ ମାଆ ବୀଣାପାଣି
ହଂସବାହନରେ ଆସ ମାଆ ବାରେ
ବୀଣା ଧରି ହସ୍ତେ ପୁଣି ।

ଗୋଟେ ହାତେ ବୀଣା ଆନ ହସ୍ତେ ପୋଥି
ଶୋଭାପାଏ ମାଆଙ୍କଠି
ଆଶୀର୍ବାଦ ଦିଅ ଅଭୟଦାୟିନୀ
ସାହା ହୁଅ ବିଦ୍ୟାଦାତ୍ରୀ ।

ଶୀରି ପଞ୍ଚମୀରେ ପୂଜାମଣ୍ଡପରେ
ବିରାଜିତ ହୁଅ ମାଆ
ଭାବ ଭକ୍ତି ଭରେ ତୁମରି ପୟରେ
ରହିଅଛୁ ମଥାନୂଆ ।

ତୁମ ଆଗମନ ଜାଣି ରଖି ଧ୍ୟାନ
ସଜେଇଛୁ ପୂଜାଘର
ସଜେଇ ମଜେଇ ଦେଇଛୁ ରଙ୍ଗେଇ
ପୂଜାଘର ମନୋହର ।

ଆମ୍ରପତ୍ର ଆଣି ତୋରଣକୁ ଟାଣି
ଦେଇଅଛୁ ଯତନରେ
ପୂଜାଘର ଶୋଭା ଲାଗେମନଲୋଭା
ଆମ ଟିକି ଟିକି ଆଖିରେ ।

ପୂଜା ମନ୍ତ୍ର ପଢ଼ି ନନା ପୂଜା ବାଢ଼ି
ଆଗେଇ ନିଅନ୍ତି ପୂଜା
ଶୁଭ ଶଙ୍ଖ ଘଣ୍ଟ ବାଇଦ ଶବଦ
ଦେଇଥାଏ କେତେ ମଜା ।

ପୂଜା ପରେ ପରେ ପ୍ରସାଦ ସେବନ
ପାଇଁ ଧାଡ଼ି ଧରୁ ଆମେ
ପ୍ରସାଦ ପାଇକି ଖୁସି ଅନୁଭବି
ଫେରି ଆସୁ ପୁଣି ଆମେ ।

ମାଆଙ୍କ ଆଶିଷ ଲଭିଣ ହରଷ
ବଢ଼ିବୁ କଳିକା କଢ଼ି
ଜଗତ କାନନେ ବିତରିବୁ ବାସ
ସଫଳତା ସିଢ଼ି ଚଢ଼ି ।

+ ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬



### ଟିକି ପିଲାଟିର ଡାକ

ନିରଞ୍ଜନ ପତି

ଏତିକି ଜାଣିଚି ମାମା ଠୁ ଶୁଣିଚି
ତୁମେ ଦିଅ ବିଦ୍ୟା ଦାନ,
ଦିଅ ବର ଦାନ ହୋଇବି ଉତ୍ତୀର୍ଣ୍ଣ
ହେବି ମୁହିଁ ବିଦ୍ୟାବାନ ।

ଯାହାବି ପଢୁଛି ଭୁଲି ଯାଉଅଛି
ମନେ ରହୁନାହିଁ ପାଠ,
ମୋ ଚଗଲା ପଣ ହୁଏ ଦୁଇଗୁଣ
ଯେତେ ବା ମାଠିବ ମାଠ ।

ମୋବାଇଲ ମୋହ ସହ ଟିଭି ସ୍ନେହ
ଛାଡ ବୋଲି ମାମା କହେ,
ଟିକିଏ ଖେଳିଲେ ବାହାରେ ବୁଲିଲେ
କେତେ ମାଡ଼,ଗାଳି ସହେ ।

ବିଦ୍ୟାଳୟ ଯାଏ ଟିଉସନ ଧାଏଁ
ରାତି ରାତି ପାଠ ଘୋଷେ,
କିଛି ବୁଝିପାରେ କିଛି ବି ନପାରେ
ମନରେ ଛନକା ପଶେ ।

ଇଂରାଜୀ ଗଣିତ ବୁଝି ପାରୁନିତ
ଭୂଗୋଳ ଟା ବଡ଼ କଷ୍ଟ,
ସାଆରେ କହିଲେ ଏମିତିକା ହେଲେ
ଭବିଷ୍ୟତ ତୋର ନଷ୍ଟ ।

ହୁଅ ମୋର ସାହା ସରସ୍ୱତୀ ମାଆ
ସବୁ ପାଠ ରହୁ ମନେ,
ଦୁଷ୍ଟାମି ଛାଡ଼ିବି ଭଲ ପିଲା ହେବି
ମନ୍ତ୍ର କହି ଦିଅ କାନେ ।

ପିଲାର ମୀନତି ଶୁଣି ସରସ୍ୱତୀ
କହିଲେ ନିଷ୍ଠାରେ ପଢ,
ଗୁରୁଙ୍କୁ ମାନିଲେ ପରିଶ୍ରମ କଲେ
ନିହାତି ଜିଣିବ ଗଡ଼,
ଜୀବନ ରେ ହେବ ବଡ଼ ।

+ ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ-୯୯୩୮୧୩୩୫୫୯



## ଖୋଜିବ ଯେମିତି, ପାଇବ ସେମିତି





ଶ୍ରୀ ସୁବ୍ରତ ମଲିକ

ଅନେକ ବର୍ଷ ପୂର୍ବର କଥା । ସେତେବେଳେ ବ୍ରହ୍ମ ଦେଶ ନାମକ ରାଜ୍ୟଟିଏ ଥିଲା, ଯାହାକୁ ଶାସନ କରୁଥିଲେ ରାଜା ରବୀନ୍ଦ୍ର ଦେବ । ଧନଧାନ୍ୟ ଓ ସୁଖ ସମୃଦ୍ଧିରେ ରାଜ୍ୟଟି ପରିପୂର୍ଣ୍ଣ ଥିଲା । ପ୍ରଜାମାନେ ଶାନ୍ତିରେ ବସବାସ କରୁଥିଲେ । ରାଜା କିନ୍ତୁ କିଛି ଦିନ ଧରି ନିଜ ଜୀବନର କିଛି ନା କିଛି ଦୋଷ ତ୍ରୁଟି ବାହାର କରୁଥିଲେ ଓ ସେହି କାରଣରୁ ଚିନ୍ତିତ ରହୁଥିଲେ ।

ବହୁ ଦିନ ପରେ ସେହି ରାଜ୍ୟକୁ ରାଜ୍ୟର ରାଜଗୁରୁ ହିମାଳୟରୁ ତପସ୍ୟା ସାରି ନିଜ କୁଟୀରକୁ ଫେରି ଆସିଥିବାର ଖବର ରାଜା ଜାଣିବାକୁ ପାଇଲେ । ସେ କାଳ ବିଳମ୍ୱ ନ କରି ରାଜଗୁରୁଙ୍କ ନିକଟକୁ ଦୂତ ଦ୍ୱାରା ରାଜଉଆସକୁ ଆସିବାକୁ ନିମନ୍ତ୍ରଣ କଲେ । ରାଜଗୁରୁ ରାଜାଙ୍କ ନିମନ୍ତ୍ରଣ ରକ୍ଷା କରି ରାଜଉଆସରେ ପହଞ୍ଚିଗଲା ପରେ ରାଜା ତାଙ୍କୁ ନିଜର ସମସ୍ୟା ଜଣାଇଲେ ।

ରାଜାଙ୍କ ସମସ୍ୟାକୁ ଶୁଣି ରାଜଗୁରୁ ରାଜାଙ୍କୁ ରାଜବଗିଚାକୁ ସଙ୍ଗେ ସଙ୍ଗେ ନେଇଗଲେ ଓ ଗୋଲାପ ଫୁଲ ଗଛ କେଉଁଠି ଅଛି ବୋଲି ପ୍ରଶ୍ନ କଲେ । ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗୀ ଫୁଲଗଛରେ ଭର୍ତ୍ତି ରାଜବଗିଚାଟି ସାଧବ ବହୂଟେ ପରି ଦେଖା ଯାଉଥିଲା । ରାଜା ଚାରିଆଡେ ନଜର ବୁଲାଇ ଆଣି ଗୋଲାପ ଗଛ ଲାଗିଥିବା ସ୍ଥାନକୁ ରାଜଗୁରୁଙ୍କୁ ନେଇଗଲେ । ଏହିପରି ଭାବରେ ରାଜଗୁରୁ ଗୋଟିଏ ଗୋଟିଏ କରି ଭିନ୍ନ ଭିନ୍ନ ଫୁଲ ଗଛର ନାମ ନେଇ ତାହା କେଉଁଠି ଅଛି ବୋଲି ପ୍ରଶ୍ନ କରୁଥିଲେ ଓ ରାଜା ସେହି ଗଛ ନିକଟକୁ ରାଜଗୁରୁଙ୍କୁ ନେଇଯାଉଥିଲେ ।

ଏହିପରି କିଛି ସମୟ ଗଲା ପରେ ରାଜା ରାଜଗୁରୁଙ୍କୁ ଏପରି କରିବାର କାରଣ ପଚାରିଲେ । ଉତ୍ତର ଦେବାକୁ ଯାଇ ରାଜଗୁରୁ କହିଲେ, ବଗିଚାରେ ଅନେକ ପ୍ରକାରର ଫୁଲ ଗଛ ଥିଲେ ମଧ ମୁଁ ଯେତେବେଳେ ତୁମକୁ ଏକ ନିର୍ଦ୍ଦିଷ୍ଟ ଫୁଲ ଗଛ କେଉଁଠି ଅଛି ବୋଲି କହୁଥିଲି, ତୁମେ ସେହି ଫୁଲ ଗଛକୁ ଖୋଜି ମୋତେ ସେଠାକୁ ନେଇଯାଉଥିଲ । ଏ ଦୁନିଆଟି ମଧ ଠିକ ସେମିତି । ଆମେ ଯାହା ଖୋଜିବା, ତାହା ହିଁ ପାଇବା । ତୁମ ନୀତି ଓ କାର୍ଯ୍ୟ ପାଇଁ ପ୍ରଜାମାନେ ଖୁବ୍ ଆନନ୍ଦରେ ଅଛନ୍ତି । ରାଜ୍ୟରେ ଧର୍ମ, ସତ୍ୟ, ନ୍ୟାୟର ଶାସନ ଚାଲିଅଛି । ତେଣୁ ତୁମ ଦ୍ୱାରା ହେଉଥିବା ଭଲ କାର୍ଯ୍ୟକୁ ସବୁବେଳେ ଗୁରୁତ୍ୱ ଦିଅ । ଜୀବନରେ ଘଟୁଥିବା ଛୋଟ ବଡ଼ ନକରାତ୍ମକ ଘଟଣାରେ ଚିନ୍ତିତ ନ ହୋଇ ରାଜକାର୍ଯ୍ୟ କରିଚାଲ ।'

ରାଜା ରାଜଗୁରୁଙ୍କ ପରାମର୍ଶ ଶୁଣି ଖୁସି ହେଲେ ଓ ଏଥିପାଇଁ ଧନ୍ୟବାଦ ଦେଲେ । ତାଙ୍କ ମୁଖମଣ୍ଡଳକୁ ବହୁଦିନ ଧରି ହଜିଯାଇଥିବା ପ୍ରସନ୍ନତା ପୁଣି ଲେଉଟି ଆସିଲା । ରାଜଗୁରୁଙ୍କ ପ୍ରସ୍ଥାନର ବ୍ୟବସ୍ଥା କରି ରାଜା ପୂର୍ବ ପରି ସାଧାରଣ ଜୀବନଯାପନ କଲେ ଓ ରାଜକାର୍ଯ୍ୟରେ ମନ ଦେଲେ ।

+କୋରୁଆ , ଅସୁରାଳି , ଭଦ୍ରକ
ମୋ: ୭୦୦୮୩୧୫୯୧୬

### ଶୀତଟା ଯାଏ ଉଭେଇ

ସୁଧାକର ରାଉତ

ଶୀତଟା ସଅଳ ଆସି
ଶୀତଳ କାନି ତାର ହଲାଇ ଦେଇ
ଶୀତେ ବାଣ୍ଟୁଥିଲା ଖୁସି ।

ଉତ୍ତରା ପବନ ଆଣି
ଦେହକୁ ଜାଡରେ ଥରାଉ ଥିଲା ସେ
ନିଜର ରାଜୁତି ମଣି ।

ଆରାମେ ଶୋଇବା ମଜା
ଥିଲା ବେଳେ ନେଉ ଥିଲେ ଟି ସଭିଏଁ
ଚାଲିଗଲେ ହେବ ଖୋଜା ।

ଶୀତେ ଖେଳା ଖେଳି କଲେ
ମନ ବୁଝେ ନାହିଁ ଅଧିକ ଶ୍ରମରେ
ହାଲିଆ ଲାଗେନି ତିଳେ ।

ପନି ପରିବାର ହସ
ଶୀତେ ତାଙ୍କ ମୁହଁରେ ଉକୁଟୁଥିଲା
ଏବେ ତାହାହେବ ଶେଷ ।

ଶୀତ ବସ୍ତ୍ର ସବୁ ଦୁଃଖେ
ଅନାଦର ହେବେ ବୋଲି ବିଳପନ୍ତି
ଚାହିଁ ପରସ୍ପର ମୁଖେ ।

କେତେ କେତେ ଜାତି ଫୁଲ
ଆନନ୍ଦରେ ଶୀତ ସହି ଫୁଟୁଥିଲେ
ହଜିଯିବ ତାଙ୍କ ମୂଲ ।

ତାପମାତ୍ରା ଯାଏ ବଢ଼ି
ସଅଳ ଆସିଥିବା ଶୀତକୁ ଥଟ୍ଟା
କରେ ସୂର୍ଯ୍ୟ ମୁହଁ କାଢି ।

ମାଘ ହୋଇନାହିଁ ଶେଷ
ଶୀତ ଯିବା ପାଇଁ ଗୋଡ଼ କାଢ଼ିଲାଣି
କିଏ ବା କରିବ କିସ ।

ଶୀତ କହେ ପିଲେ ଶୁଣ
ମିତ ପରି ସଙ୍ଗେ ଥିଲି ହେଲେ ତୁମ
ବଦଳିଲା ନାହିଁ ଗୁଣ ।

ବେଳୁ ସାବଧାନ ହୁଅ
ପରିବେଶ ସୁରକ୍ଷିତ ରଖିବାକୁ
ଏବେ ଠାରୁ ଧ୍ୟାନ ଦିଅ ।

+ ପ୍ରତାପ ନଗରୀ, କଟକ
ମୋ - ୮୨୪୯୯୩୨୭୯୨

## ମାମୁନୀର ରୋବଟ



ନଗେନ୍ଦ୍ର ନାଥ ପଟ୍ଟନାୟକ



ମାମୁନୀର ଅନେକଗୁଡିଏ ଡଉଳଡାଉଳ ଓ ପୁଚୁପୁଚିଆ ଖେଳଣା ଥାଏ । ତାର ଦାଦା-ଖୁଡୀ ଦୁହେଁ ବିଦେଶରେ ରହନ୍ତି । ସେମାନେ ଯେତେବେଳେ ଘରକୁ ଆସନ୍ତି ଅନେକଗୁଡେ ଖେଳଣା ବିଦେଶରୁ ଆଣନ୍ତି । ଖାସ୍‌କରି ଗେହ୍ଲୀ ମାମୁନୀ ପାଇଁ । ଅନତି ଦୂରରେ ବିରାଟ ଖେଳପଡିଆଟେ । ଅନ୍ୟ ପିଲାମାନେ ସେଠାକୁ ଆସନ୍ତି ଖେଳକୁଦ କରିବା ପାଇଁ । ହେଲେ ମାମୁନୀ ତାର କୌଣସି ସାଙ୍ଗକୁ କଉତୁକିଆ ବିଦେଶୀ ଖେଳଣା ଗୁଡିକର ପାଖ ମାଡିବାକୁ ଦିଏନାହିଁ । ଖେଳିବା ତ ଦୂରର କଥା । ବରଂ ଖେଳଣାଗୁଡିକୁ ଦେଖାଇ ପିଲାମାନଙ୍କୁ ଚିଡେଇବାକୁ ତାକୁ ଭାରି ମଜାଲାଗେ । ସେଠାରେ ଉପସ୍ଥିତ ପିଲାଏ ତାର କଟୂକଥାରେ ଖୁବ୍ ମନଉଣା କରନ୍ତି । ପହିଲେ ଖେଳଣା ସହିତ ଖେଳିବାକୁ ପିଲାଏ ତାକୁ କହିଲେ । ହେଲେ ସେମାନଙ୍କୁ ବହେ ଗାଳିଗୁଲଜ କରି ଖେଳଣା ଛୁଇଁବାକୁ ରୋକଠୋକ ମନା କରିଦେଲା । କହିଲା -କେହିଜଣେ ପିଲା ମୋ ଖେଳନାରେ ହାତ ମାରିପାରିବ ନାଇଁ । ଏ ଖେଳଣାଗୁଡିକ ଖୁବ୍ ଦାମିକା, ବିଦେଶରୁ ଆସିଚି । ଏଗୁଡିକ ସହିତ କୋଉ ବାଗରେ ଖେଳାଯାଏ ତାହା ତୁମମାନଙ୍କୁ ବିଲକୁଲ ଜଣାନାଇଁ । ଏପରିକି ତୁମ ହାତ ବାଜିଲେ ଖେଳନାରେ ଦାଗ ପଡିଯିବ ।

ଧୀରେ ଧୀରେ ପିଲାଏ ତା ସହିତ ଖେଳିବା ବନ୍ଦ କରିଦେଲେ । ହେଲେ ସେଥିରେ ମାମୁନୀ ପାଇଁ କୌଣସି ଫରକ ପଡିଲାନି । ଦିନେ ମାମୁନୀର ଦାଦା-ଖୁଡି ଦୁହେଁ ଆମେରିକାରୁ ଆସିଥାନ୍ତି । ଦୁହେଁ ଛୋଟିଆ ରୋବଟଟିଏ ଆଣିଥିଲେ ମାମୁନୀ ପାଇଁ। ଖାଲି ଆବାଜ ଦ୍ୱାରା ଏହା ଚାଲିପାରେ । ଯୋଉ ବ୍ୟକ୍ତିର ପାଟିଶବ୍ଦ ତା'ଭିତରେ ଭର୍ତି କରାଯାଏ ସେ ତା'ର କଥା ମାନେ । ରୋବଟ ଭିତରେ ମାନୁନୀ ପାଟିଶବ୍ଦ ଭର୍ତି କରାଯାଇଥାଏ । ଦିନେ ମାମୁନୀ ଅଭ୍ୟାସବଶତଃ ରୋବଟିକୁ ସଙ୍ଗରେ ନେଇ ଘରପାଖ ଖେଳପଡିଆ ଆଡେ ମୁହାଁଇଲା । ସେ ରୋବଟକୁ ଯୋଉ କରାମତି ଦେଖାଇବାକୁ କହେ ରୋବଟ ସେଇଆ କରେ । ପିଲାଏ ଆବାକାବା ହୋଇ ଦୂରରୁ ଦେଖୁଥାନ୍ତି । ଖେଳୁ ଖେଳୁ ତା' ରୋବଟଟି ଅଣଓସାରିଆ ଗାତରେ ଖସିପଡି ଲାଖିଗଲା । ମାମୁନୀ ଗାତରେ ହାତ ଭର୍ତିକଲା ସିନା, ହେଲେ ତା ହାତ ରୋବଟ ପର୍ଯ୍ୟନ୍ତ ପହଁଚି ପାରିଲା ନାଇଁ । ସେ କଇଁକଇଁ ହୋଇ କାନ୍ଦରଡି ଛାଡିଲା । ରୋବଟ ନନେଇ ଘରକୁ ଗଲେ ବାପା ତାକୁ ବେଜାଏ ଗାଳିଦେବେ ବୋଲି ଆଗରୁ ଜାଣିଥିଲା । କାହିଁକିନା ଘରେ ରହି ରୋବଟ ସହିତ ଖେଳିବାକୁ ବାପା ତାକୁ କହିଥିଲେ । କିନ୍ତୁ ଏହାକୁ ପିଲାଙ୍କୁ ଦେଖେଇ ଚିଡେଇବାକୁ ମନା କରିଥିଲେ ।

ପିଲାମାନେ ମାମୁନୀ ଘରକୁ ଛୁଟିବାକୁ ଲାଗିଲେ । ଦେଖିଲେ ମାମୁନୀ ଭୋମାରଡି ଛାଡି କନ୍ଦାକଟା କରୁଛି । ତା ସାଙ୍ଗ ମୁନ୍‌ଲୀ ପଚାରିଲା-ଆଲୋ ମାମୁନୀ ତୋର କ'ଣ ହୋଇଚି ? ମାମୁନୀ କହିଲା -ମୋର ରୋବଟ ଏ ଗାତରେ ପଡିଗଲା । ସେଟାକୁ କେମିତି ଗାତରୁ ବାହାର କରି ଆଣିବି ମୁଣ୍ଡରେ ବୁଦ୍ଧିବାଟ ଜୁଟୁନି । ମୁନ୍‌ଲୀ ବୁଦ୍ଧି ଖଟେଇ କହିଲା -ମୁଁ ତୋ ରୋବଟକୁ ଗାତରୁ ବାହାର କରିଆଣିବି । କେମିତି ? ମାମୁନୀ ପ୍ରଶ୍ନକଲା । ମୁଁ ତୋ ରୋବଟକୁ ଚୁମ୍ବକରେ ଟାଣିଆଣିବି । ସାଙ୍ଗ ଅନୁଜ , ତୁମେ ନିଜ ଘରୁ ଚୁମ୍ବକ ଆଉ ମୋଟା ରସିଟିଏ ନେଇଆଣ । ବୀସ୍ତିର୍ଣ୍ଣ ଖେଳପଡିଆ ଆଗରେ ଅନୁଜର ଘର । ସେ ସାଙ୍ଗେ ସାଙ୍ଗେ ନିଜ ଘରେ ଆଡେ ଧାଇଁଗଲା । ଚୁମ୍ବକ ସହିତ ମୋଟା ରସିଟିଏ ନେଇ ଆସିଲା । ମୁନ୍‌ଲୀ ଚୁମ୍ବକଟିକୁ ମୋଟା ରସିରେ ବାନ୍ଧି ଗାତ ଭିତରେ ପୂରାଇଲା । ରୋବଟଟି ସହସା ଚୁମ୍ବକ ସହିତ ଚାପି ହୋଇଗଲା । ମୁନ୍‌ଲୀ ରସିଟିକୁ ଅତି ସାବଧାନତାର ସହ ଉପରକୁ ଟାଣିବାକୁ ଲାଗିଲା । ଶେଷରେ ରୋବଟଟି ପଦାକୁ ବାହାରି ଆସିଲା । ଏଥର ମାମୁନୀ ଖୁସି ଦେଖେ କିଏ ! ସିନିହରେ ମୁନ୍‌ଲୀକୁ ଗଳାରେ ଲଗାଇଲା । ଦୁହେଁ ସାଙ୍ଗ ହୋଇ ଘର ଆଡେ ମୁହାଁଇଲେ । ପରଦିନ ମାମୁନୀ ଘରୁ ଖେଳନା ସବୁ ଧରି ପଡିଆକୁ ଆସିଲା । ପିଲାମାନଙ୍କୁ କହିଲା -ଆଜିଠୁ ଆମେ ସମସ୍ତେ ମିଳିମିଶି ଏ ଖେଳଣାଗୁଡିକ ସହିତ ଖେଳିବା । ମିଳିମିଶି ଖେଳିଲେ ବହୁତ ମଜାଲାଗେ । ସେଦିନୁ ପିଲାଏ ମାମୁନୀ ସହିତ ଖେଳିବାରେ ମାତିଗଲେ ।

+ପ୍ରାକ୍ତନ ଅତିରିକ୍ତ ଶାସନ
ସଚିବ,ଓଡିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀସାଗର
କେନାଲ ରୋଡ
ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

## ମିକିକୁ ଭଲ ଲାଗିଲା

ସୁବ୍ରତ ଦାସ





ପ୍ରତିଦିନ ମିକି ବିଳମ୍ବରେ ଉଠିବା ଅଭ୍ୟାସ ହୋଇଗଲାଣି ବୋଲି ବାପା ସେଦିନ ବିରକ୍ତ ହେଉଥାନ୍ତି । ରବିବାର ହେଲେ ବି ଘରେ ବହୁତ୍ କାମ କରିବାକୁ ପଡ଼ିବ ବୋଲି ମିକି ଛପିକି ଶୋଇଥାଏ । ସେଦିନ ଘର ସଫା ହେବ, ସୋଫା, ଆଲାମିରା, ଅଇନା, ଡ୍ରେସିଂ ଟେବୁଲ, ଜୋତା, ମୋଜା, ସ୍କୁଲ ବ୍ୟାଗ ଇତ୍ୟାଦି ପରିଷ୍କାର ହେବ । ତାପରେ ବ୍ୟବହାର ସାମଗ୍ରୀ, ପୋଷାକ ପତ୍ର, ସ୍କୁଲ ୟୁନିଫର୍ମ, ସବୁ ସଫା ସୁତୁରା ହେବ ବୋଲି ବାପା ପୂର୍ବଦିନ ସନ୍ଧ୍ୟାରେ ମା 'ଙ୍କୁ କହିଥିଲେ । ଏସବୁ କଥା ମିକି ଟିଭି ଦେଖିଲା ବେଳେ ସବୁ ଶୁଣୁଥାଏ । ଅପରାହ୍ନ ସମୟରେ ଘର ବାଡିରେ ସୁନ୍ଦର ଫୁଲ ଗଛ ଲଗାଯିବ, ଅନାବନା ଗଛ ଉପୁଡ଼ା ଯାଇ ପନିପରିବା ଚାଷ ହେବ । ଲଗାଯାଇଥିବା ଚାରା ମାନଙ୍କରେ ପାଣି ସ୍ପ୍ରେ କରାଯିବ । ମିକି ମନେମନେ ଭାବୁଥାଏ, ସାନ ଭାଇ ମିକୁ ନାହିଁ ମାନେ ସବୁତକ କାମ ତାକୁ ଏକୁଟିଆ କରିବାକୁ ହେବ । ତେଣୁ କିଛି ବାହାନା ଦେଖାଇ ସେ ସାଙ୍ଗ ମାନଙ୍କ ସହ ଖେଳିବାକୁ ବାହାରି ଯିବ । ବର୍ତ୍ତମାନ ମିକିକୁ ଏଗାର ବର୍ଷ ଚାଲିଲା । ସେ ଷଷ୍ଠ ଶ୍ରେଣୀରେ ପଢୁଛି । ତା ପାଇଁ ବାପା ଖଣ୍ଡିଏ ନୂଆ ସାଇକେଲ କିଣି ଦେଇଛନ୍ତି । ସେ ସାଙ୍ଗମାନଙ୍କ ସହ ସାଇକେଲ ଚଳାଇ ସ୍କୁଲକୁ ଯାଏ ଓ ସ୍କୁଲ ସାରି ସନ୍ଧ୍ୟାରେ ଘରକୁ ଫେରେ । ସପ୍ତାହରେ ଗୋଟିଏ ଦିନ ବାପାଙ୍କ ସହ ଖୁବ୍ ବିତାଏ । ବାପା ସାଥିରେ ତାଙ୍କୁ ନେଇ ବଗିଚାର ଯତ୍ନ ନେବା, ବିଭିନ୍ନ ବୃକ୍ଷ ଲତାମାନଙ୍କୁ ଚିହ୍ନାଇ ଦେବା ଓ ତାଙ୍କର ଔଷଧୀୟ ଗୁଣ ବିଷୟରେ ବୁଝାଇ ଦିଅନ୍ତି । ମିକି ମନେ ମନେ ଭାବେ ଏହି ଛୋଟ ଛୋଟ ଗଛ ମାନଙ୍କରେ ଏତେ ଗୁଣ ଭରପୁର ଅଛି । ସେହିଭଳି ପ୍ରତ୍ୟେକ ବ୍ୟକ୍ତିର ମଧ୍ୟ ବିଭିନ୍ନ ଗୁଣ ଭରପୁର ଅଛି, ଯଦି ସେଗୁଡିକୁ ସଠିକ୍ ସମୟରେ ବିନିଯୋଗ କରିବା, ତେବେ ତାର ଗୁଣ ବିକଶିତ ହେବ । ମିକି ମନେମନେ ବୁଝି ପାରିଲା ଓ ତାକୁ ଭଲ ଲାଗିଲା ।

+ରାଜେନ୍ଦ୍ରପୁର, ବାରିକପୁର
ବଜାର,ଭଦ୍ରକ
ମୋ:୯୪୩୭୭୩୧୯୦୩

# ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋର୍ଦ୍ଧା, ୩୧/୧ (ନି.ପ୍ର): ମଣିଷ ଜୀବନ ଅମୂଲ୍ୟ, ଏଣୁ ଏହାର ସୁରକ୍ଷା ଆମର କର୍ତ୍ତବ୍ୟ । ଜୀବନ ସୁରକ୍ଷିତ ରହିଲେ ଦେଶ ଓ ଜାତି ହସି ଉଠିବ । ମଣିଷ ଏକ ସୁସ୍ଥ, ସୁନ୍ଦର ଜୀବନ ଅତିବାହିତ କରିପାରିବ । କିନ୍ତୁ ବେଳେବେଳେ ତା ଜୀବନର ସୁରକ୍ଷା ନଷ୍ଟ ହୋଇଯାଏ । ପୋକ ମାଛି ଭଳି ରାସ୍ତା ଉପରେ ଛଟପଟ ହୋଇ ତା ଜୀବନ ଚାଲିଯାଏ । ଭାରତ ରେ ପ୍ରତି ବର୍ଷ ହାରା ହାରି ୧.୫ ଲକ୍ଷ ଲୋକ ସଡ଼କ ଦୁର୍ଘଟଣା ରେ ପ୍ରାଣ ହରାନ୍ତି । ଗାଡି, ମୋଟର ର ବହୁଳ ବ୍ୟବହାର ଓ ଅସାବଧାନତା ଯୋଗୁଁ ମଣିଷ ଦୁର୍ଘଟଣା ର ଶିକାର ହୋଇ ମୂଲ୍ୟବାନ ଜୀବନ କୁ ହରାଇ ବସୁଛି । ନିତିଦିନିଆ ଜୀବନ ରେ ଦିନ ହେଉ ବା ରାତି ହେଉ ଘରୁ ବାହାରିଲେ ରାସ୍ତାରେ ଅସଂଖ୍ୟ ଗାଡି ମୋଟର ଯିବା ଆସିବା କରୁଥିବା ଦେଖି ଆମେ ନିଜେ ମଧ୍ୟ ଆବଶ୍ୟକତା ଅନୁସାରେ ଦୁଇ ଚକିଆ ଓ ଚାରି ଚକିଆ ଯାନର ବ୍ୟବହାର କରିଥାଉ । ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଗାଡି ମୋଟର ବ୍ୟବହାର ସଂଖ୍ୟା ବହୁ ମାତ୍ରା ରେ ବଢ଼ି ଯାଇଛି । ବିଭିନ୍ନ କାରଣ ଯୋଗୁଁ ସଡ଼କ ଉପରେ ଜୀବନକୁ ସୁରକ୍ଷା କରାଯାଇ ପାରୁନାହିଁ । ଏହାର ପ୍ରମୁଖ କାରଣ ହେଲା ଅସାବଧାନତା ଓ ଖାମଖିଆଲିଆ ମନୋଭାବ । ତେବେ ଏ ନେଇ ଖୋର୍ଦ୍ଧା ସହର ରେ ମଧ୍ୟ ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି । ଏହି ଉପଲକ୍ଷେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ର ସୌଜନ୍ୟତା ରେ ଏବଂ ଜିଲ୍ଲା ପ୍ରେସ କ୍ଲବ ଖୋର୍ଦ୍ଧା, ଓଡିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ, ଉତ୍କଳ ସାମ୍ବାଦିକ ସଙ୍ଘ, ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଙ୍ଘ ଏବଂ ସାମାଜିକ ଅନୁଷ୍ଠାନ ଜାଗୃତିର ମିଳିତ ସହଯୋଗ ରେ ସିଗମା ପବ୍ଲିକ ସ୍କୁଲର ଛାତ୍ର, ଛାତ୍ରୀ ମାନଙ୍କୁ ନେଇ ଏକ ସଭା ଓ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠି, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଅରବିନ୍ଦ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ, ଚୌଧୁରୀ ଅରବିନ୍ଦ ଦାସ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ଯାନ ବାହାନ ନିରୀକ୍ଷକ, ଦେବାଶିଷ ପାଇକରାୟ, ଟ୍ରାଫିକ ସବଇନିସପେକ୍ଟର ତୃପ୍ତି ରେଖା ଜେନା, ଓଡିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ତଥା ଖୋର୍ଦ୍ଧା ପ୍ରେସ କ୍ଲବ ଉପଦେଷ୍ଟା ତପନ କୁମାର ନାୟକ, ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଉତ୍କଳ ସାମ୍ବାଦିକ ସଙ୍ଘ ଜିଲ୍ଲା ସଭାପତି ଅବ୍ୟକ୍ତ ହରି ହର ଖାଡ଼ଙ୍ଗା, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀ, ଜାଗୃତି ଅନୁଷ୍ଠାନ ର ମୁଖ୍ୟ ପ୍ରଭାତ କୁମାର ପାଣିଗ୍ରାହୀ, ଜିଲ୍ଲା ପ୍ରେସ କ୍ଲବ ଉପ ସଭାପତି ଲଳିତ ମୋହନ ମହାପାତ୍ର, ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରବୀଣ ଭଞ୍ଜ ଓଡ଼ିଆ ରଞ୍ଜିତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଛାତ୍ର, ଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କ ରେ ସଚେତନତା କରାଇଥିଲେ । ଏହାପରେ ଏକ ଶୋଭାଯାତ୍ରାରେ ବାହାରି ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ମାନ ଦେଇ ସହର ପରିକ୍ରମା କରି ଟି.ଏଲ. ସି. ରାସ୍ତା ନିକଟରେ ବାଇକ ଏବଂ ଚାରି ଚକିଆ ଯାନ ରେ ବିନା ହେଲମେଟ ଏବଂ ସିଟ ବେଲ୍ଟରେ ଯାତାୟାତ କରୁଥିବା ଚାଳକ ମାନଙ୍କୁ ଗୋଲାପ ଫୁଲ ଦେଇ ଟ୍ରାଫିକ ନିୟମ ବିଷୟରେ ସଚେତନ କରାଇବା ସହିତ, ରାସ୍ତାର ବାମ ପାର୍ଶ୍ୱ ରେ ଚାଲିବା ଓ ଯାନ ବାହାନ ଗୁଡିକୁ ବାମ ପଟେ ରଖିବା, ଦ୍ରୁତ ଗତି ରେ ଗାଡି ନ ଚଳାଇବା, ଗାଡି ଚଳାଇବା ସମୟରେ ସର୍ବଦା ହେଲମେଟ ଓଡ଼ିଆ ସିଟ ବେଲ୍ଟ ବ୍ୟବହାର କରିବା, ଟ୍ରାଫିକ ସଂକେତ ପ୍ରତି ସତର୍କ ରହିବା, ନାଲି ଆଲୁଅ ଜଳୁଥିଲେ ଅଟକିବା ଓ ସବୁଜ ଆଲୁଅ ଜଳିଲେ ଆଗକୁ ଯିବା, କୌଣସି ସ୍ଥାନରେ ବାମ ଓ ଡାହାଣ କୁ ବୁଲିବାର ଥିଲେ ପ୍ରଥମେ ଉଭୟ ପାର୍ଶ୍ୱ କୁ ଦେଖି ଏବଂ ସେହି ଦିଗକୁ ହାତ ଦେଖେଇ ସୂଚନା ଦେଇ ବୁଲିବା, ନିଶା ସେବନ କରି ଗାଡି ଚାଳନା ରୁ ନିବୃତ ରହିବା, ଡ୍ରାଇଭିଂ ଲାଇସେନ୍ସ ଥିବା ବ୍ୟକ୍ତି ହିଁ ଗାଡି ଚଳାଇବା, ୧୮ ବର୍ଷ ରୁ କମ୍ ବୟସର ପିଲା ମାନଙ୍କୁ ଗାଡି ଚଳେଇବା ପାଇଁ ନ ଦେବା ପ୍ରଭୃତି ନିୟମ ଗୁଡିକୁ ମାନି ଚାଲିବାକୁ ପରାମର୍ଶ ଦେଇଥିଲେ । ପ୍ରତେକ ବ୍ୟକ୍ତି ଟ୍ରାଫିକ ର ନିୟମ ମାନି ଯାତାୟାତ କରିବା ଏବଂ ଶୃଙ୍ଖଳା ଭାବେ ଗାଡି ଚାଳନା କଲେ ସଡ଼କ ଦୁର୍ଘଟଣା ଏଡାଇ ଦିଆଯାଇ ପାରିବ ବୋଲି ଉପସ୍ଥିତ ଅତିଥିମାନେ ମତ ବ୍ୟକ୍ତ କରିଥିଲେ ।

# ବିଧାନସଭା ଅଧିବେଶନ ପୂର୍ବରୁ ଦାବି ପୂରଣ ନହେଲେ ଆନ୍ଦୋଳନକୁ ଓହ୍ଲାଇବେ ସମସ୍ତ ଏନ୍‌ପିଏସ୍ ପ୍ରାଥମିକ ଶିକ୍ଷକ



ଭୁବନେଶ୍ୱର, ୩୧.୧ : ରାଜ୍ୟରେ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି, ଯାହାକି ଆସର ରିପୋର୍ଟରେ ପ୍ରକାଶ ପାଇଛି । ପଞ୍ଚମ ଶ୍ରେଣୀର ପିଲାଙ୍କୁ ଦ୍ୱିତୀୟ ଶ୍ରେଣୀ ପାଠ ଆସୁନାହିଁ । ନାହିଁ ନାହିଁରେ ଚାଲିଛି ପ୍ରାଥମିକ ଶିକ୍ଷା । ଗୋଟିଏ ପଟେ ଭିତ୍ତିଭୂମି ନଥିଲା ବେଳେ ଅନ୍ୟ ପଟେ ବହୁ ସଂଖ୍ୟକ ଶିକ୍ଷକ ପଦବୀ ଖାଲି ପଡ଼ିଛି । ବହୁ ଶିକ୍ଷକ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ସରକାର ଚୁକ୍ତିରେ, ସ୍କିମ୍‌ରେ ଶିକ୍ଷକ ନିଯୁକ୍ତି କରି ଉଚ୍ଚଶିକ୍ଷିତ ଯୁବକଯୁବତୀମାନଙ୍କୁ ଶୋଷଣ କରୁଛନ୍ତି । ଗୋଟିଏ ପଟେ ସରକାର ଜାତୀୟ ଶିକ୍ଷାନୀତି ଲାଗୁ କରୁଥିବା ବେଳେ ପ୍ରାଥମିକ ଶିକ୍ଷାର ଭିତ୍ତିଭୂମିକୁ ସଜାଡୁ ନାହାଁନ୍ତି କିମ୍ବା ନିୟମିତ ଶିକ୍ଷକ ନିଯୁକ୍ତିକୁ ଗୁରୁତ୍ୱ ଦେଉନାହାଁନ୍ତି । ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିଲାବେଳେ ବାଲ୍ ଭାଟିକା-୩କୁ ପ୍ରାଥମିକ ଶିକ୍ଷାରେ ସାମିଲ୍ କରିବାକୁ ଘୋଷଣା କରିଛନ୍ତି । ସେହି ବାଲ୍ ଭାଟିକା-୩ର ପିଲାମାନଙ୍କୁ କିଏ ପଢାଇବ ବୋଲି ବିଭିନ୍ନ ପ୍ରାଥମିକ ଶିକ୍ଷକ ସଂଘର ନେତୃବୃନ୍ଦ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ୨୦୨୨ ମସିହାରେ ପ୍ରାଥମିକ ଶିକ୍ଷକମାନେ, ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ନିଯୁକ୍ତି ଉଚ୍ଛେଦ, ୬ ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ନୋସନାଲ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, ପ୍ରାଥମିକ ଶିକ୍ଷକମାନଙ୍କୁ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଦରମା ଦେବା ଓ ପୁରୁଣା ପେନସନ ଯୋଜନାକୁ ପୁନଃ ପ୍ରଚଳନ କରିବା ଆଦି ତିନିଦଫା ଦାବି ନେଇ ବିଧାନସଭା ଆଗରେ ଆନ୍ଦୋଳନ କରୁଥିବା ବେଳେ ତତ୍କାଳୀନ ବିରୋଧୀ ଦଳର ମୁଖ୍ୟ ସଚେତକ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ମାଝୀ ଆନ୍ଦୋଳନସ୍ଥଳକୁ ଯାଇ ଶିକ୍ଷକମାନଙ୍କ ଆନ୍ଦୋଳନକୁ ସମର୍ଥନ କରି ୨୦୨୪ ସାଧାରଣ ନିର୍ବାଚନରେ ତାଙ୍କ ଦଳ ଶାସନ କ୍ଷମତାକୁ ଆସିଲେ ପ୍ରଥମେ ପ୍ରାଥମିକ ଶିକ୍ଷକମାନଙ୍କ ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପୁନଶ୍ଚ ଗତ ବିଧାନସଭା ଅଧିବେଶନ ପୂର୍ବରୁ ନଭେମ୍ବର ୨୫ ତାରିଖରେ ସରକାରଙ୍କ ତରଫରୁ ଗଣଶିକ୍ଷା ସଚିବଙ୍କ ସହିତ ବିଭିନ୍ନ ଶିକ୍ଷକ ସଂଘର ଆଲୋଚନା ହୋଇଥିଲା । ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଖୁବ୍ ଶୀଘ୍ର ପ୍ରାଥମିକ ଶିକ୍ଷକଙ୍କ ଦାବି ପୂରଣ କରାଯିବ ବୋଲି ଗଣଶିକ୍ଷା ସଚିବ ମୌଖିକ ପ୍ରତିଶ୍ରୁତି ଦେବାରୁ ପ୍ରାଥମିକ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇନଥିଲେ । କିନ୍ତୁ ନୂତନ ସରକାର ଗଠନ ହେବାର ୮ ମାସ ଓ ଗଣଶିକ୍ଷା ସଚିବ ପ୍ରତିଶ୍ରୁତି ଦେବାର ଦୁଇମାସ ବିତି ଯାଇଥିଲେ ମଧ୍ୟ ପ୍ରାଥମିକ ଶିକ୍ଷକମାନଙ୍କର କୌଣସି ଗୋଟିଏ ଦାବି ପୂରଣ ହୋଇପାରି ନାହିଁ । ତେଣୁ ପ୍ରାଥମିକ ଶିକ୍ଷକମାନଙ୍କ ଦାବିଗୁଡ଼ିକ ତୁରନ୍ତ ପୂରଣ କରିବାକୁ ଶିକ୍ଷକ ନେତୃବୃନ୍ଦ ଦାବି କରିଛନ୍ତି । ଶୁକ୍ରବାର ଅପରାହ୍ନ ୪ ଘଟିକା ସମୟରେ ଶ୍ରମିକ ଭବନରେ ଅଲୋଷ୍ଟା, ପଶ୍ଚିମ ଓଡ଼ିଶା ପ୍ରାଥମିକ ଶିକ୍ଷକ ଫୋରମ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା), ଲେଭ୍ଲ୍-ଭିଏ ଶିକ୍ଷକ ଫୋରମ ଓ କନିଷ୍ଠ ଶିକ୍ଷକ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆଲୋଚନା ସଭାରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକମାରଣ ନୀତିକୁ ତୀବ୍ର ସମାଲୋଚନା କରାଯାଇଥିଲା ।

# ସନ୍ତରାଗଡିଆ ନୋଡାଲ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ




ନୀଳଗିରି, ୩୧/୧ (ନି.ପ୍ର): ଔପଦା ବ୍ଲକ ଅଧୀନ ସନ୍ତରାଗଡିଆ ନୋଡାଲ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମନ୍ତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଗୁରୁକୃପା କଲେଜର ଅଧ୍ୟକ୍ଷ ମଞ୍ଜିତ ବିଶ୍ୱାଳ, ସମ୍ମାନିତଅତିଥି ନୀଳଗିରି ନିର୍ବାଚନମଣ୍ଡଳୀ ୨ନଂ ଜିଲ୍ଲା ପରିଷଦ ସଭ୍ୟକ୍ଷ ଉଷାରାଣି ରାଉଳ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରସ୍ତମ ସେଠୀ, କାଣ୍ଡଗରଡ଼ି ସରପଞ୍ଚ ରାଜେନ୍ଦ୍ର ରାଉତ, ଏସଏମସି ସଭାପତି ମୁକ୍ତିକାନ୍ତ ବାରିକ ମଞ୍ଚାସିନ ରହି ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଶିକ୍ଷକ ସଞ୍ଜୟ କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ । ମଞ୍ଚ ପରିଚାଳନା ସ୍କୁଲର ଶିକ୍ଷକ ବିଦ୍ୟାଧର ବେହେରା ଏବଂ ଗାୟତ୍ରୀ ନାୟକ କରିଥିବା ବେଳେ ଦ୍ୱିତୀୟ ଅଧିବେଶନରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଧାନଶିକ୍ଷକ ଏବଂ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗୀତ, ନାଚ ଏବଂ ନାଟକ ପରିବେଷଣ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଉତ୍ସବକୁ ଉପଭୋଗ କରିଥିଲେ ।

# ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ

ଭୁବନ, ୩୦ ଜାନୁଆରୀ (ହି.ସ.)- ଆଜି ପୂର୍ବାହ୍ନରେ ଯୋରନ୍ଦା ଗ୍ରାମପଂଚାୟତ କାର୍ଯ୍ୟାଳୟ ସଭା ଗୃହଠାରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମାଘମେଳା ଆୟୋଜନ ନିମନ୍ତେ ଦ୍ୱିତୀୟ ତଥା ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱପ୍ରସିଦ୍ଧ ମାଘମେଳା କିଭଳି ଶାନ୍ତିଶୃଙ୍ଖଳା ମଧ୍ୟରେ ଆୟୋଜିତ ହେବ ସେଥିପାଇଁ ସେ ମାଦକ ଦ୍ରବ୍ୟ ବ୍ୟବହାର ଓ ବିଶୃଙ୍ଖଳାକାରୀଙ୍କ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ମେଳାର ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ଗାଦି ମନ୍ଦିର, ଆଶ୍ରମ, ମେଳା ପଡ଼ିଆ ପରିଦର୍ଶନ କରି ସାଧୁବାବା ମାନଙ୍କ ଆଲୋଚନା କରିଥିଲେ । ବୈଠକରେ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ଆଇନ୍ ଶୃଙ୍ଖଳା ଓ ଯାନବାହାନ ଚଳାଚଳ, ପୋଲିସ ପେଟ୍ରୋଲିଂ ବ୍ୟବସ୍ଥା ସଂପର୍କରେ ଅବଗତ କରାଇଥିଲେ କ୍ଷ ବୈଠକରେ ନିତ୍ୟାନନ୍ଦ ଦାସ, ବିଶ୍ୱାନନ୍ଦ ବାବା, ରଘୁନାଥ ବାବା, ସୁଶାନ୍ତ ବାବାଙ୍କ ସମେତ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦିପ୍ତି ରଂଜନ ସେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣି ପ୍ରଧାନ, ଗଁଦିଆ ବିଡ଼ିଓ ପବିତ୍ର କୁମାର ବେହେରା, ତହସିଲଦାର ସତ୍ୟଜିତ ମହାପାତ୍ର, ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । । ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ ମେଳା ଆୟୋଜନ ସଂପର୍କରେ ଅବଗତ କରାଇଥିଲେ । ୧୧ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ଏହି ମେଳା ଆୟୋଜନ ନିମନ୍ତେ ଉଠା ଦୋକାନୀ ମାନଙ୍କୁ ବ୍ୟବସ୍ଥିତ ଭାବେ ବସାଇବା, ଯାତ୍ରା ପଡ଼ିଆର ଆଲୋକିକରଣ ଓ ନିରାପଦ ବିଦ୍ୟୁତ୍ ସଂଯୋଗ, ରାସ୍ତା ମରାମତି, ଉତ୍ସବ ଅବସରରେ ମଦ ଦୋକାନ ବନ୍ଦ ରଖିବା, ନିୟନ୍ତ୍ରଣ କକ୍ଷ ପରିଚାଳନା, ଆବଶ୍ୟକ ଅସ୍ଥାୟୀ ଶୌଚାଳୟ ସ୍ଥାପନ ଓ ସି.ସି. ଟିଭି କ୍ୟାମେରା ବ୍ୟବସ୍ଥା, ଯାତାୟତ ନିମନ୍ତେ ଟ୍ରାଫିକ୍ ବ୍ୟବସ୍ଥା, ବ୍ୟବସ୍ଥିତ ଗାଡ଼ି ପାର୍କିଂ, ଆଶୁଚିକିତ୍ସା ବ୍ୟବସ୍ଥା ଓ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ପଡ଼ିଆରେ ଜଳ ସିଂଚନ ଆଦି ସଂପର୍କରେ ବିଷଦ ଆଲୋଚ଼ନା ହୋଇଥିଲା । ବୈଠକ ଶେଷରେ ଯୋରନ୍ଦା ସରପଂଚ ଶ୍ରୀମତୀ ଆରତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗ୍ରାମପଂଚାୟତ ଉଚ୍ଚ ବିଦ୍ୟାଳୟ ତରା ଠାରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ

ଘଟଗାଁ, ୩୧/୧ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ଗ୍ରାମପଂଚାୟତ ଉଚ୍ଚ ବିଦ୍ୟାଳୟ, ତରା ଠାରେ ଅଗ୍ନିଶମ ବିଭାଗ ଆନୁକୂଲ୍ୟରେ ଅଗ୍ନି ନିରାପତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଅଗ୍ନିକାଣ୍ଡ ଘଟିଲେ କିପରି ସୁରକ୍ଷା ଓ ଉଦ୍ଧାର କରାଯାଇ ପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ଅଗ୍ନିଶମ ବିଭାଗ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପଣ୍ଡାଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ମଚାରୀ ରଞ୍ଜନ ମହାପାତ୍ର, ହୃଷିକେଶ ମହାନ୍ତ, ହିମାଂଶୁ ନାୟକ, ମହାବୀର ବରାଳ, ରୁଦ୍ର ନାରାୟଣ ସେନାପତି, ସୁଶାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ଅଗ୍ନି ନିରାପତା ବିଭିନ୍ନ କୌଶଳ ପ୍ରଦର୍ଶନ କରି ଛାତ୍ର ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜ୍ଞାନନ୍ଦ୍ର କୁମାର ଦେଓ ସହ ସହକାରୀ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ରହିଥିଲେ ।

# ତାରିଣୀ ଦର୍ଶନ କଲେ ବିଜେପି ନୂତନ କେନ୍ଦୁଝର ଜିଲ୍ଲା ସଭାପତି

ଘଟଗାଁ, ୩୧/୧ (ନି.ପ୍ର): ଭାରତୀୟ ଜନତା ପାର୍ଟି କେନ୍ଦୁଝର ଜିଲ୍ଲାର ନୂତନ ସଭାପତି ଭାବେ ଶୁକଦେବ ମହାନ୍ତ ଦାୟିତ୍ୱ ନେବା ପରେ ଘଟଗାଁ ଆସି ମା ତାରିଣୀଙ୍କ ନିକଟରେ ପୂଜାର୍ଚ୍ଚନା କରି ମାଙ୍କ ଆର୍ଶୀବାଦ କାମନା କରିଥିଲେ । ସ୍ଥାନୀୟ ଡ଼ାକବଙ୍ଗଳା ଠାରୁ ଏକ ବିରାଟ ଶୋଭାଯାତ୍ରାରେ ଦଳୀୟ କର୍ମୀଙ୍କ ସହ ତାରିଣୀ ମନ୍ଦିରକୁ ଯାଇଥିଲେ । ଏହି ଅବସରରେ ସାଂସଦଙ୍କ ପ୍ରତିନିଧି ଅଖିଳ ପାତ୍ର, ବିଜେପି ବିଧାୟକ ପ୍ରାଥୀ ଡକ୍ଟର ଶମ୍ଭୁନାଥ ରାଉତ, ଘଟଗାଁ ବିଜେପି ମଣ୍ଡଳ ସଭାପତି ରବି ଦେହୁରୀ, ଅମର ଖଟୁଆ, ଆଲୋକ ସେଠୀ, ରାମଚନ୍ଦ୍ର ସାହୁ, ରାଜେନ୍ଦ୍ର କୁମାର ପଟ୍ଟନାୟକ, ଜଗବନ୍ଧୁ ସା, ଇନ୍ଦ୍ରମଣି ମହାନ୍ତ, ରୁଦ୍ର ବେହେରା, ଅନନ୍ତ ସାହୁ, ପଦ୍ମ ଲୋଚନ ସାହୁ, ଦୀପକ ଜେନା, ସୁବ୍ରତ ମହାନ୍ତି, ବିଜେପି ନେତ୍ରୀ ମମତା ନାଏକ, ଅସୀମା ମିଶ୍ର, ଲବଙ୍ଗଲତା ନାୟକ, ମୁକୁନ୍ଦପୁର ପାଟଣା ସରପଂଚ ଅନ୍ନପୂର୍ଣ୍ଣା ଦେହୁରୀ, ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ସୁଶାନ୍ତ କୁମାର ଜେନା, ଅଜିତ ପାଣିଗ୍ରାହୀ, ବିବେକାନନ୍ଦ ମହାନ୍ତ, ଗଣେଶ୍ୱର ମହାନ୍ତ, ଗୋପୀନାଥ ରାମ, ହରିହର ମହାନ୍ତ, ଇନ୍ଦ୍ର ମହାନ୍ତ, ରଞ୍ଜିତ ନାଏକ, ଗୋଲଖ ବଳ, ମକରଦ୍ୱଜ ବେହେରା, ଶରତ ବେଜ, ଉତମ ନାଏକ, ଅଜିତ ପାଣିଗ୍ରାହୀଙ୍କ ସମେତ ଜିଲ୍ଲାର ଯୁବ, ଛାତ୍ର, ମହିଳା ଓ ପଂଚାୟତ ସ୍ତରୀୟ କର୍ମୀ ଉପସ୍ଥିତ ଥିଲେ । କେନ୍ଦୁଝର ଜିଲ୍ଲାର ବିକାଶ ଦିଗରେ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି ନୂତନ ସଭାପତି ଶ୍ରୀ ମହାନ୍ତ ପ୍ରକାଶ କରିଥିଲେ ।

# ଉଦ୍ୟୋଗିକରଣ ସଚେନତା କାର୍ଯ୍ୟକ୍ରମ

ଧର୍ମଶାଳା, ୩୧/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ଶାନ୍ତିବଜାରସ୍ଥିତ ଭିଜୁଅଲ କମ୍ପୁଟର ଏଜୁକେସନ ସଂସ୍ଥାନରେ ଭାରତ ସରକାରଙ୍କ କ୍ଷୁଦ୍ର ମନ୍ତ୍ରାଳୟ ତରଫରୁ ଏକଦିବସୀୟ ଉଦ୍ୟମତା ଜାଗରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଷୁଦ୍ରଶିଳ୍ପ ମନ୍ତ୍ରାଳୟ କଟକ ଜୋନର ସହ ନିର୍ଦ୍ଦେଶକ ସୁବାସ କୁମାର ସାହୁ,ୟୁକୋ ବ୍ୟାଙ୍କ ମୁଖ୍ୟ ପରିଚାଳକ ସତ୍ୟ ରାଉତ, ବ୍ଲକ ଶିକ୍ଷ ଅଧିକାରୀ ଅଙ୍କୁର ସାମଲ ଓମ୍ ଶାନ୍ତି ଟ୍ରଷ୍ଟର ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପ୍ରଧାନ ଓ କମ୍ପୁଟର ଏଜୁକେସନର ମୁଖ୍ୟ ସନ୍ତୋଷ କୁମାର ସାମଲ ଯୋଗଦେଇ ଉପସ୍ଥିତ ଯୁବକ ଓ ଯୁବତୀମାନଙ୍କୁ ଉଦ୍ୟୋଗି ସମ୍ପର୍କରେ ବୁଝାଇଥିଲେ । ବେକାରୀ ଦୁରିକରଣ ସହ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା କାର୍ଯ୍ୟକ୍ରମର ମୁଳ ଲକ୍ଷ୍ୟ ବୋଲି କହିଥିଲେ । ଶେଷରେ କମ୍ପୁଟର ଏଜୁକେଶନର ମୁଖ୍ୟ ଶ୍ରୀ ସମଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କର୍ଯ୍ୟକ୍ରମରେ ବହୁ ଯୁବକ ଓ ଯୁବତୀ ଯେଗଦେଇ ଉଦ୍ୟୋଗିକରଣ ଉପରେ ଜ୍ଞାନ ଆହରଣ କରିଥିଲେ ।

# ବାପୁଜୀଙ୍କ ତିରୋଧାନ ଦିବସ ପାଳନ

ଗଞ୍ଜାମ, ୩୦ ଜାନୁଆରୀ (ହି.ସ.)- ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସରେ ବ୍ରହ୍ମପୁର ବହୁ ମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ର ତରଫରୁ ଷ୍ଟେସନ ରୋଡ଼ ସ୍ଥିତ ତାଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ସ୍ମୃତିଚାରଣ କାର୍ଯ୍ୟକ୍ରମ ସକାଳ ୯ଟା ସମୟରେ ସଭାପତି ଡାକ୍ତର ସଙ୍କର୍ଷଣ ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ପାଦକ ମହମଦ ଆସଲାମ, ଉପସଭାପତି ମହେନ୍ଦ୍ର ନାଥ ସାହୁ, ସାଙ୍ଗଠନିକ ସମ୍ପାଦକ ପାର୍ବତୀ ପ୍ରସାଦ ପାଢ଼ୀ, କୋଷାଧ୍ୟକ୍ଷ୍ୟ ସୁନୀଲ କୁମାର ସାହୁ, ବରିଷ୍ଠ ସଦସ୍ୟ ଶ୍ୟାମାସୁନ୍ଦର ଖାଡ଼ଙ୍ଗା ଓ ସୁଦର୍ଶନ ବିଷୋୟୀ, ଅର୍ଜୁନ ହସ କ୍ଲବର ସମ୍ପାଦକ ଡା. ସମରେନ୍ଦ୍ର ସାହୁ, ସୁବ୍ରତ ବାବୁ ଓ ଅନେକ ବୁଦ୍ଧିଜୀବୀ ଯୋଗଦେଇ ବାପୁଙ୍କ ସଂକଳ୍ପ,ତ୍ୟାଗ, ନିଷ୍ଠା ଓ ଆଦର୍ଶ ବିଷୟରେ ଆଲୋକପାତ କରିଥିଲେ । ଶେଷରେ ଜାତୀୟ ସଂଗୀତ ଗାନ ପରେ ସଭା ସାଙ୍ଗ ହୋଇଥିଲା ।

# ଗାନ୍ଧିଜୀଙ୍କ ତିରୋଧାନ ଦିବସକୁ ସାମ୍ପ୍ରଦାୟିକ ସଦ୍‌ଭାବନା ଦିବସ ରୂପେ ପାଳନ

କେନ୍ଦ୍ରାପଡ଼ା, ୩୧/୧ (ନି.ପ୍ର): ମହାତ୍ମା ଗାନ୍ଧିଜୀଙ୍କ ତିରୋଧାନ ଦିବସକୁ ଗୀନ୍ଧିବାଦୀ ସଂଗଠନମାନଙ୍କ ପକ୍ଷରୁ ଚଳିତ ବର୍ଷ ସାମ୍ପ୍ରଦାୟିକ ସଦ୍ଭାବନା ଦିବସ ରୂପେ ପାଳନ କରାଯାଇଛି । ଜିଲ୍ଲା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ସର୍ବୋଦୟ ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ସହିଦ ଦିବସ ପାଳନ ସଭାରେ ଆଲୋଚକମାନେ ମତବ୍ୟକ୍ତ କରିଛନ୍ତି । ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳଙ୍କ ସଭାପତିତ୍ୱରେ ପବ୍ଲିକ୍ ରିଡିଂ ରୁମ୍ ପରିସରରେ ଆୟୋଜିତ ସଭାରେ ବରିଷ୍ଠ ସାହିତ୍ୟିକ ଡଃ ବାସୁଦେବ ଦାସ, ଅଧ୍ୟାପକ ଅଜୟ ସାମଲ, ସର୍ବୋଦୟ ମଣ୍ଡଳ ଜିଲ୍ଲା ସଭାପତି ଅକ୍ରୁର ପଲାଇ, ରାଜ୍ୟ କମିଟି ସଭ୍ୟ ମହେନ୍ଦ୍ର ପଟ୍ଟନାୟକ, ରବୀନ୍ଦ୍ର ପ୍ରସାଦ ଜେନା, ରମଣୀ ରଂଜନ ରାଉତରାୟ, ରଣଧୀର ଜେନା, ନୃସିଂହ ତ୍ରିପାଠୀ, ଅବଧୂତ ରାଉତ, ଶ୍ରୀଧର ମହାନ୍ତି, ଆଶିଷ ସେନାପତି, ବୈଷ୍ଣବ ସ୍ୱାଇଁ, ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଆଲୋଚନା କରି ଗାନ୍ଧିଜୀଙ୍କ ବିଚାରର ପ୍ରାସଙ୍ଗିକତା ଅବତାରଣା କରିଥିଲେ । ସତ୍ୟ ନାରାୟଣ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ ।

# ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ

ଭବାନୀପାଟଣା,୩୧/୧ (ନି.ପ୍ର): ଅହିଂସା ର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଙ୍କ ମହାପ୍ରୟାଣ ଦିବସ (ସହିଦ ଦିବସ) କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ପାଳିତ ହୋଇଯାଇଛି । ଏହି ଅବସରରେ ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ପୂଜ୍ୟ ପୂଜା ପୂର୍ବକ, ମାଲ୍ୟାର୍ପଣ କରାଯାଇ ଦୁଇ ମିନିଟ୍ ପାଇଁ ନୀରବ ପାର୍ଥନା କରାଯାଇଥିଲା । ଏଥିରେ ମନ୍ତ୍ରୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ, ଓଡିଶା, କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ, ପାଓ୍ୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରଓ୍ୱାନ,ଅତିରିକ୍ତ ଜିଲ୍ଲାପାଳ ବଇତୁର । ଦୀପ, ଉପ ଜିଲ୍ଲାପାଳ, ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ଦରଓ୍ୱାନ ପରିଚାଳନା କରିଥିଲେ ।

# ଶହୀଦ ଦିବସ ପାଳନ ଉପଲକ୍ଷେ ମାଲ୍ୟାର୍ପଣ ଓ ନୀରବ ପ୍ରାର୍ଥନା କାର୍ଯ୍ୟକ୍ରମ

ଭଦ୍ରକ, ୩୧/୧ (ନି.ପ୍ର): - ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପବିତ୍ର ତିରୋଧାନ ତିଥି ସହିଦ ଦିବସ ପାଳନ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଗାନ୍ଧିଜୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ଓ ନୀରବ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଐତିହାସିକ ଗାନ୍ଧୀ ପଡ଼ିଆରେ ଅବସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତିରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥିଭାବେ ମାଲ୍ୟାର୍ପଣ କରିଥିଲେ । ଗାନ୍ଧୀ ଓଡ଼ିଶା ବାଳାଶ୍ରମ ଓ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଅନ୍ତେବାସୀ, ଗାନ୍ଧୀ ବିଚାର ମଂଚ, ଗାନ୍ଧି ଶାନ୍ତି ପ୍ରତିଷ୍ଠାନ, ବରିଷ୍ଠ ନାଗରିକ ମହାସଂଘ, ସର୍ବୋଦୟ ମଣ୍ଡଳ ଆଦି ବିଭିନ୍ନ ଅନୁଷ୍ଠାନର କର୍ମକର୍ତା ଓ ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ସଂଯୋଜନାରେ ଆୟୋଜିତ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ଭଦ୍ରକ ପୌରପାଳିକାର ନିର୍ବାହୀ ଅଧିକାରୀ ତାପସ କୁମାର ସାମଲ ପ୍ରମୁଖ ଭଦ୍ରକ ସହର ମୁଖ୍ୟ ରାସ୍ତାର ପାର୍ଶ୍ୱସ୍ଥ ସମସ୍ତ ମହାପୁରୁଷମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଗାନ୍ଧୀ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଗାନ୍ଧି ପଡ଼ିଆରେ ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସମାଜସେବୀ ଅଜୟ କୁମାର ନାୟକ, ଶାନ୍ତନୁ ରାଉତ, ସୁଧାକର ରାଉତ, ରାଧାରାଣୀ ମହାପାତ୍ର, ଲଲାଟେନ୍ଦୁ ମହାପାତ୍ର, କୈଳାସ ଚନ୍ଦ୍ର ମହାପାତ୍ର, ଅତିସ୍ କୁମାର ବେହେରା, ଅମର କୁମାର ପାଣିଗ୍ରାହୀ, ଅଶୋକ କୁମାର ଦାସ, ପବନ ଶର୍ମା, ଏସ୍.ଏନ୍.ଫାରୁକ୍ ପ୍ରମୁଖ ଯୋଗ ଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଏହି ଦିବସ ପାଳନ ଉପଲକ୍ଷେ ଠିକ୍ ଦିବା ୧୧ ଘଟିକାରେ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅଧିକାରୀମାନଙ୍କୁ ନେଇ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ୨ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା । ଡ଼େପୁଟି କଲେକ୍ଟର କରୁଣାକର ଦିଣ୍ଡା, କାର୍ତିକ ନାଥ ମଣ୍ଡଳ, ପ୍ରମିଳା ମଲ୍ଲିକ, ପ୍ରଜ୍ଞା ହୋତା, ଲୋକସଂପର୍କ ଅଧିକାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନୀରବ ପ୍ରାର୍ଥନାରେ ଅଂଶ ଗ୍ରହଣ କରିଥିଲେ । ଗାନ୍ଧୀଜିଙ୍କ ପ୍ରଣୀତ ସତ୍ୟ, ଅହିଂସା ଓ ଅନ୍ୟ ସମସ୍ତ ବିଚାର ଧାରାର ଆଜି ବି ପ୍ରାସଙ୍ଗିତକତା ରହିଛି । କେବଳ ଆମ ଦେଶ ଭାରତ ନୁହେଁ ସାରା ବିଶ୍ୱରେ ଗାନ୍ଧୀବାଦକୁ ସମ୍ମାନ ମିଳିଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ ।

# ଆୟୁଷ୍ମାନ ସ୍ୱାସ୍ଥ୍ୟକେନ୍ଦ୍ର ଶାସ୍ତ୍ରୀ ନଗରରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସରେ ବିଶ୍ୱ କୁଷ୍ଠ ଦିବସ ୨୦୨୫ ପାଳନ

ବଲାଙ୍ଗୀର,୩୧/୧ (ନି.ପ୍ର): ପ୍ରତିବର୍ଷ ଜାନୁଆରୀ ମାସ ୩୦ ତାରିଖରେ 'ବିଶ୍ୱ କୁଷ୍ଠ ରୋଗ ଦିବସ' ଭାବେ ପାଳନ କରାଯାଇ ଆସୁଛି । କୁଷ୍ଠ ରୋଗ ନିରାକରଣ ନେଇ ବିଶ୍ୱବ୍ୟାପୀ ସଚେତନତା କରାଯାଉଛି ଚଳିତ ବର୍ଷର ଥିମ୍ ରହିଛି 'କୁଷ୍ଠ ରୋଗ ପାଇଁ ସଚେତନତା ସୃଷ୍ଟି, ରୋଗ ରୋଗୀଙ୍କୁ ଆଶ୍ୱାସନା ଦେଇ ଯେମିତି କେହି ମଧ୍ୟ ରୋଗାକ୍ରାନ୍ତରେ ପଛରେ ନପଡିବେ ଏହାର ପ୍ରତିବଦ୍ଧତା । ଏହି ଅବସରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ମେଡିକାଲ ଅଫିସର ଡ଼ା ସତ୍ୟ ନାରାୟଣ ସାହୁ ତାଙ୍କ ବକ୍ତବ୍ୟରେ କହିଲେ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ପାଇଁ ଏହା ଚିନ୍ତାର କାରଣ ସାଜିଛି କୁଷ୍ଠ ରୋଗ ଏକ ସଂକ୍ରାମକ ରୋଗ ହୋଇଥିବାବେଳେ ଅନେକ ଲୋକ ଏହାକୁ ଘୃଣା କରିଥାନ୍ତି । ଫଳରେ ଏହି ରୋଗରେ ଶିକାର ହୋଇଥିବା ରୋଗୀଙ୍କୁ ସାମାଜିକ ବାସନ୍ଦ ହେବାକୁ ମଧ୍ୟ ପଡ଼ିଥାଏ । ବର୍ଷ ବର୍ଷ ଧରି ଅନେକ ସରକାରୀ ଓ ବେସରକାରୀ ସଂଗଠନ ତରଫରୁ ସଚେତନତା କରାଯାଇଆସୁଛି । ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ର ଆୟୋଜନ ହେଉଛି । ପ୍ରତିବର୍ଷ ଜାନୁଆରୀ ମାସର ୩୦ ତାରିଖକୁ 'ବିଶ୍ୱ କୁଷ୍ଠ ରୋଗ ଦିବସ' ଭାବେ ପାଳନ କରାଯାଉଛି । କୁଷ୍ଠ ରୋଗ କଣ, ଏହା ଏକ କ୍ଷୁଦ୍ର ଜୀବାଣୁରୁ ସୃଷ୍ଟି ହୋଇଥାଏ । ମାଇକ୍ରୋ ବ୍ୟାକ୍ଟେରିଅମ 'ଲେପ୍ରି'ରୁ ବ୍ୟାପୁଥିବାରୁ ଏହି ରୋଗ ଲେପ୍ରୋସି ନାଁରେ ମଧ୍ୟ ଜଣାଶୁଣା । ବିଶେଷ କରି ଚର୍ମକୁ କ୍ଷତିଗ୍ରସ୍ତ କରିଥାଏ ଏହି ରୋଗ । ପିଲାଠାରୁ ଆରମ୍ଭ କରି ବୃଦ୍ଧ ବୟସ ପର୍ଯ୍ୟନ୍ତ ଯେକୌଣସି ବ୍ୟକ୍ତିଙ୍କୁ ଏହା ବ୍ୟାପିବାର ଆଶଙ୍କା ରହିଛି ବୋଲି ଜିଲ୍ଲା କୁଷ୍ଠ ରୋଗ ଲେପ୍ରା ସଂଯୋଜକ ସନ୍ତୋଷ ମାହାନା ଜଣାଇଥିଲେ । ଶେଷରେ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ଦ୍ଦେଶକ, ଚେୟାରମ୍ୟାନ ଶ୍ରୀ ସତ୍ୟରଞ୍ଜନ ମିଶ୍ର, ରବି ରଞ୍ଜନ ପୁଜାରୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ର ଉପ-ପ୍ରଜେକ୍ଟ ମ୍ୟାନେଜର ଶ୍ରୀ ରାମାନୁଜ ପଣ୍ଡା କୁଷ୍ଠ ରୋଗର ନିରାକରଣ ପାଇଁ ଉଦ୍ଦିଷ୍ଟ ଜିଲ୍ଲାପାଳଙ୍କ ବାଣୀ କୁ ଶପଥପାଠ କରାଇ ଥିଲେ । ସଭାରେ ଅନେକ ଆଶା, ଏଏନ୍‌ଏମ୍ ଦିଦି ତଥା ସ୍ୱାସ୍ଥ୍ୟକେନ୍ଦ୍ରର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ ।

# ଅଭିଜିତ ପ୍ରଧାନଙ୍କ ବିୟୋଗରେ ସ୍ମୃତି ଚାରଣ ସଭା



ଜଳେଶ୍ୱର, ୩୧/୧(ନିପ୍ର) ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ସୁଗୋ ଗ୍ରାମ ପଞ୍ଚାୟତର ଜଣେ ଜଣାଶୁଣା ଜନପ୍ରିୟ ନେତା, ସମାଜସେବୀ , ଗ୍ରାମ୍ୟ ବିଚାରକ, ସର୍ବପରି ଜଣେ ଭଲ ମଣିଷ ଥିଲେ ଅଭିଜିତ ପ୍ରଧାନ ସେ ପ୍ରଥମେ ଛାତ୍ର ନେତାରୁ ନିଜର ରଜନିତୀ ଜୀବନ ଆରମ୍ଭ କରିଥିଲେ ପରେ ସେ ଏବଂ ତାଙ୍କ ଧର୍ମ ପତ୍ନୀ ରାଜନୀତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ପରେ ସେ ଜଳେଶ୍ୱର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଏବଂ କଂଗ୍ରେସ ଦଳର ବ୍ଲକ ସଭପତି ମଧ ରହୁଥିଲେ ସେ ଯକୃତ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଅବସ୍ଥାରେ ୨୩/୧/୨୫ରେ ତାଙ୍କର ମୃତ୍ୟୁ ହୋଇଥିଲା ଆଜି ତାଙ୍କ ମୃତ୍ୟୁର ନବମ ଦିନରେ ରାଇବଣିଆ ମଣ୍ଡଳର ପୂର୍ବତନ ସଭାପତି ମୋନାଜ ସାସମଲଙ୍କ ପ୍ରଚେଷ୍ଟାରେ ଜଳେଶ୍ୱର ଭଞ୍ଜ ଭବନ ପରିସରରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ମଞ୍ଚ ପରିଚାଳନା କରିଥିଲେ ଯୁବ ନେତା ସିଦ୍ଧାର୍ଥଶଙ୍କର ପାଳ ଉପସ୍ଥିତ ରହିଥିଲେ ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ବର୍ତ୍ତମାନର ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଆଇନ୍ ଜିବୀ ସତ୍ୟସୁନ୍ଦର ଦାସ, ବରିଷ୍ଠ ନେତା ଦିଲ୍ଲୀପ ଗିରି, ବ୍ଲକ ଅଧ୍ୟକ୍ଷ ମାନସ ଜେନା,ସମାଜସେବୀ କମଲ ଚକ୍ରବର୍ତ୍ତୀ, ଯୁବ ନେତା ଦିବ୍ୟକାମ ମହାନ୍ତି, ସିତାଂଶୁ ନନ୍ଦୀ, ସମାଜସେବୀ ଅରୁଣ ପରିଡ଼ା, ସିଦ୍ଧେଶ୍ୱର ପଣ୍ଡା, ସାବିତ୍ରୀ ଜେନା, ପ୍ରଣପ ପଣ୍ଡା, ନାଥରାମ ଅଣ୍ଡିଆ, ସଞ୍ଜୀବ ରାଉତ, ରମେଶ ଚନ୍ଦ୍ର ପାତ୍ର, ବ୍ରଜ କିଶୋର ଘୋଷ, ବିଦ୍ୟାଧର ବେହେରା, ସମରେନ୍ଦ୍ର ଦାସ, ସପନ ସାମଲ, ବିବେକାନନ୍ଦ ପରିଡ଼ା, ଅଜିତ ଦାସ ମହାପାତ୍ର, ନାରାୟନ ଦତ୍ତ, ସତ୍ୟବାନ୍ ଚାନ୍ଦ ପ୍ରମୁଖ ଉପସ୍ଥିତ ରହି ତାଙ୍କ ଆତ୍ମାର ସତଗତି ନିମନ୍ତେ ନିରବ ପ୍ରଥମ

# ପଞ୍ଚାୟତର କାର୍ଯ୍ୟାଳୟରୁ ଏଲ୍ଇଡି ଟିଭି ଚୋରି

ଜଳେଶ୍ୱର, ୩୧/୧(ନିପ୍ର) ବାଲେଶ୍ୱର ଜିଲ୍ଲାର ରାଇବଣିଆ ଥାନା ଅଧୀନରେ ଥିବା ଖୁଦିଆମାଝୀସାହି ଗ୍ରାମ ପଞ୍ଚାୟତର କାର୍ଯ୍ୟାଳୟ ପରିସରରେ ଗତ ରାତିରେ ମୁଖ୍ୟ ଫାଟକରେ ତାଲା ଭାଙ୍ଗି ପାନାସନିକ କମ୍ପାନୀର ଏଲ୍ଇଡି ଟିଭି ଚୋରି ହୋଇଛି ଆଜି କୌଣସି ଏକ କାମରେ ଯେତେବେଳେ ସରପଞ୍ଚ ଚଞ୍ଚଳା ସେଠୀ, ଓ ନ୍ୟାବସରପଞ୍ଚ ଖୀତିଶ ଚନ୍ଦ୍ର ଦେ ସକାଳ ୧୦ ଘଟିକା ସମୟରେ ଅଫିସ୍ କାର୍ଯ୍ୟାଳୟ ଆସି ଦେଖନ୍ତି ତ କାର୍ଯ୍ୟାଳୟ ମେନ୍ ଗେଟ୍ ତାଲା ଭଙ୍ଗା। ପଡ଼ିଛି ଏହା ଦେଖି ସେମାନେ ସଙ୍ଗେ ସଙ୍ଗେ ଗ୍ରାମ ପଞ୍ଚାୟତର ପିଇଓ ଏବଂ ଏଡିଓ, ଜଳେଶ୍ୱର ବ୍ଲକ ଗୋଷ୍ଠି ଅଧିକାରୀଙ୍କୁ ଖବର ଦେବା ସହିତ ରାଇବଣିଆ ଥାନାରେ ଏକ ଲିଖିତ ରିପୋର୍ଟ ପ୍ରଦାନ କରିଛନ୍ତି ଓ ପୋଲିସ୍ ଗ୍ରାମ ପଞ୍ଚାୟତର ସିସିଟିଭି ଫୁଟେଜ ମୂଳେ ତଦନ୍ତ ଜାରି ରଖିଛି ଏହି ପରି ରାଇବଣିଆ ଅଞ୍ଚଳର ଅନେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏଲ୍ଇଡି ଟିଭି ଚୋରି ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପୋଲିସଙ୍କୁ କୌଣସି ଚୋର କୁ ଧରିବାରେ ସଫଳତା ମିଳି ପାରି ନାହିଁ ।

# ଗିରଫ ହେଲେ ବଣାଇ ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଦର୍ଶୀ ସାହୁ

ଭୁବନେଶ୍ୱର, ୩୧/୧(ନିପ୍ର)- ଗିରଫ ହେଲେ ବଣାଇ ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଦର୍ଶୀ ସାହୁ । ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଗିରଫ କଲା ଭିଜିଲାନ୍ସ । ରେଡ ବେଳେ ତାଙ୍କ ତାଙ୍କ ଠାରୁ ମିଳିଛି ନଗଦ ୪.୫୧ଲକ୍ଷ ଟଙ୍କା, ୧୫୦ଗ୍ରାମ ସୁନା, ୬୧ଲକ୍ଷ ଟଙ୍କାର ଡିପୋଜିଟ । ୯ଟି ଉଚ୍ଚ ଦରର ପ୍ଲଟ, ଭୁବନେଶ୍ୱରରେ ଦୁଇଟି ଫ୍ଲାଟ ମଧ୍ୟ ଠାବ ହୋଇଛି । ଗତକାଲି ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ୭ଟି ସ୍ଥାନରେ ରେଡ କରିଥିଲା ଭିଜିଲାନ୍ସ ।

# ସୁସ୍ଥ ଅଛି ବାଘୁଣୀ ଜିନତ

ଭୁବନେଶ୍ୱର, ୩୧/୦୧ : (ନି.ପ୍ର) ସୁସ୍ଥ ଅଛି ଏବଂ ଶିକାର କରୁଛି ବାଘୁଣୀ ଜିନତ । ପ୍ରାୟ ଏକ ମାସ ହେବ ଏନକ୍ଲୋଜର ଭିତରେ ବାଘୁଣୀ ଜୀନତର ସ୍ୱଭାବ ସ୍ୱାଭାବିକ ରହିଛି । ଜଙ୍ଗଲ ଭିତରକୁ ଛାଡ଼ିବା ନେଇ ଏନଟିସିଏ ରିପୋର୍ଟକୁ କରାଯାଇଛି ଅପେକ୍ଷା । ଜାନୁଆରୀ ୧୬ରେ ଏନଟିସିଏ, ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ସମେତ ରାଜ୍ୟ ବନ ବିଭାଗର ସଦସ୍ୟଙ୍କୁ ନେଇ ଜୀନତ୍ ପାଇଁ ଗଠିତ ମନିଟରିଂ ଟିମ ଆସି ଜୀନତର ବ୍ୟବହାର ନେଇ ଅନୁଧ୍ୟାନ କରି ଫେରିଛନ୍ତି । ଏବେ ଜୀନତର ପ୍ରତିଦିନର ଆଚରଣ ଓ ଗତିବିଧି ଉପରେ ନଜର ରଖିଛି ବନ ବିଭାଗ । ଯାହାର ରିପୋର୍ଟ ପ୍ରତିଦିନ ଏନଟିସିଏ ପାଖକୁ ପଠାଯାଉଛି । ଏନଟିସିଏଠୁ ସବୁଜ ସଙ୍କେତ ମିଳିବା ପରେ ଜିନତକୁ ଜଙ୍ଗଲରେ ଛଡ଼ାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ସେପଟେ ଟେରିଟୋରୀ ତିଆରି ଲାଗି ଶିମିଳିପାଳ, ହଦଗଡ଼ ଓ କୁଲଡ଼ିହା ଅଭୟାରଣ୍ୟ ଭିତରେ ବିଚରଣ କରୁଛି ବାଘୁଣୀ ଯମୁନା ।

# ବିସ୍ମୟ ବ୍ରହ୍ମାଣ୍ଡ ତତ୍ତ୍ୱ ଓ ମାୟିକ ଜଗତ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଏହି ବିଶ୍ୱରେ ଜଣେ ଇନ୍ଦ୍ରଙ୍କର ଅବଧି ଶେଷ ହେଲେ, ମୋର ଗୋଟିଏ ଲୋମ ଉପୁଡ଼ି ଯାଏ । ଏହି ଶୂନ୍ୟ ସ୍ଥାନ ଗୁଡ଼ିକ ତା'ର ସୂଚନା ଦେଉଛି । ମୋର ଶିଷ୍ୟମାନେ ମୋର ବାସ ନିମନ୍ତେ ଗୋଟିଏ ଘର ତିଆରି କରିବାକୁ ଚାହାନ୍ତି, କିନ୍ତୁ ମୁଁ ଭାବେ ଜୀବନ ନଶ୍ୱର ଅଟେ, ତେଣୁ ଏଠାରେ ଘର ତିଆରି କରିବାର ଆବଶ୍ୟକତା କ'ଣ ? ମୋର ଏହି ତୃଣ ଆସନଟି ମୋତେ ଖରା ବର୍ଷାରୁ ବଞ୍ଚାଏ ଏବଂ ରାତିରେ ମୁଁ ଏହାକୁ ତଳେ ପକାଇ ଶୋଇପଡ଼େ ।" ଇନ୍ଦ୍ର ଏକଥା ଚିନ୍ତା କରି ଆଶ୍ଚର୍ଯ୍ୟ ହେଲେ ଯେ, "ଏହି ଋଷିଙ୍କର ଆୟୁ ଅନେକ ଇନ୍ଦ୍ରଙ୍କ ଠାରୁ ଅଧିକ ଅଟେ, ତଥାପି ସେ କହୁଛନ୍ତି ଜୀବନ କ୍ଷଣସ୍ଥାୟୀ । ତାହେଲେ ମୁଁ କାହିଁକି ଏତେ ବଡ଼ ପ୍ରାସାଦ ତିଆରି କରୁଛି ?" ତାଙ୍କର ଗର୍ବ ଭାଙ୍ଗିଗଲା ଓ ନିଜକୁ ଏବେ ଛୋଟ ମନେ କଲେ।

ଏଣୁ ଆମ ପୁରାଣ ଓ ଶାସ୍ତ୍ରରେ ବର୍ଣ୍ଣିତ ବ୍ରହ୍ମାଣ୍ଡ ତତ୍ତ୍ୱର ବିସ୍ମୟକର ବିଚାରକୁ ଉପେକ୍ଷା କରିବା ଉଚିତ ନୁହେଁ । ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ, ପାଶ୍ଚାତ୍ୟ ଦେଶର ବୈଜ୍ଞାନିକ, ନିକୋଲାସ୍ କୋପରନିକ୍?ସ, "ହେଲିଓସେଣ୍ଟ୍ରିକ୍" ତଥା ସୂର୍ଯ୍ୟକେନ୍ଦ୍ରିକ ତଥ୍ୟ ଉପସ୍ଥାପନ କରିଥିଲେ, ଯେଉଁଥିରେ ସେ ଦର୍ଶାଇଥିଲେ ଯେ ସୂର୍ଯ୍ୟ ବିଶ୍ୱର କେନ୍ଦ୍ର ଅଟେ । ସେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପାଶ୍ଚାତ୍ୟ ଜଗତ ପୃଥିବୀକୁ ବିଶ୍ୱର କେନ୍ଦ୍ର ରୂପେ ବିଚାର କରୁଥିଲା । ପରବର୍ତ୍ତୀ ସମୟରେ ଜ୍ୟୋତିର୍ବିଜ୍ଞାନ ଶାସ୍ତ୍ରର ଉନ୍ନତି ହେବା ସହିତ ଏହା ପ୍ରମାଣିତ ହେଲା ଯେ ସୂର୍ଯ୍ୟ ବ୍ରହ୍ମାଣ୍ଡର କେନ୍ଦ୍ର ନୁହେଁ, ବରଂ ଏହା ମିଲ୍କି ୱେ ନାମକ ଆକାଶଗଙ୍ଗାର କେନ୍ଦ୍ର ଚତୁର୍ପାର୍ଶ୍ୱରେ ଘୁରୁଛି । ବିଜ୍ଞାନର ପ୍ରଗତି ସହିତ ପୁଣି ବୈଜ୍ଞାନିକମାନେ ବୁଝିପାରିଲେ ଯେ, ଆକାଶଗଙ୍ଗା ପରି ଅନେକ ଛାୟାପଥ ରହିଛି ଏବଂ ପ୍ରତ୍ୟେକରେ ଆମ ସୂର୍ଯ୍ୟ ପରି ଅନେକ ନକ୍ଷତ୍ର ରହିଛନ୍ତି । ବିପରୀତ ପକ୍ଷରେ, ପାଞ୍ଚ ହଜାର ବର୍ଷ ପୂର୍ବରୁ ବୈଦିକ ଦର୍ଶନର ସୂଚନା ଅନୁଯାୟୀ, ପୃଥିବୀ 'ଭୂଃ' ଲୋକ ଅଟେ, ଯାହାକି ସ୍ୱଃ ଲୋକର ପ୍ରଦକ୍ଷିଣା କରୁଥାଏ, ଏବଂ ଏମାନଙ୍କ ମଧ୍ୟରେ ଏକ ଭୁବଃ ଲୋକ ଅଛି । ସ୍ୱଃ ଲୋକ ମଧ୍ୟ ସ୍ଥିର ନୁହେଁ, ଏହା ଜନ ଲୋକର ମାଧ୍ୟାକର୍ଷଣ ଶକ୍ତିରେ ସ୍ଥିର ରହିଥାଏ ଏବଂ ସେ ଦୁହିଁଙ୍କ ମଧ୍ୟରେ ମହଃ ଲୋକ ଅବସ୍ଥିତ । ଜନ ଲୋକ ମଧ୍ୟ ସ୍ଥିର ନୁହେଁ, ଏହା ବ୍ରହ୍ମଲୋକର ପ୍ରଦକ୍ଷିଣା କରିଥାଏ । ଏମାନଙ୍କ ମଧ୍ୟରେ ତପ ଲୋକ ଅବସ୍ଥିତ । ଏହିପରି ଭାବରେ ବେଦାନ୍ତ ଦର୍ଶନ ସାତଟି ଊର୍ଦ୍ଧ୍ୱ ଲୋକ ଏବଂ ସାତଟି ଅଧଃ ଲୋକର ବର୍ଣ୍ଣନା କରିଥାଏ । ପାଞ୍ଚ ହଜାର ବର୍ଷ ପୂର୍ବେ ଦିଆ ଯାଇଥିବା ଏପରି ଜ୍ଞାନ ଅତ୍ୟନ୍ତ ବିସ୍ମୟକର ଅଟେ ।

ଅରଙ୍ଗାବାଦ, ବରୀ, ଯାଜପୁର, ମୋବାଇଲ - ୮୨୪୯୫୦୨୭୭୬

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୨୦୨୫ ଆର୍ଥିକ ବର୍ଷରେ ବିଦ୍ୟୁତ ଓ ନିର୍ମାଣ କ୍ଷେତ୍ରରେ...

୨୦୨୪ ଆର୍ଥିକ ବର୍ଷରେ ଏହି ଶିଳ୍ପରେ ମୋଟର ଯାନର ଘରୋଇ ବିକ୍ରିରେ ୧୨.୫ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି। ଏହି କ୍ଷେତ୍ରର ସମ୍ଭାବନାକୁ ଅନୁଭବ କରି ସରକାର ପିଏଲଆଇ ଯୋଜନାକୁ ଏକ ବର୍ଷ ପାଇଁ ବୃଦ୍ଧି କରିଛନ୍ତି। ଅର୍ଥନୈତିକ ସମୀକ୍ଷାରେ ଆହୁରି ମଧ୍ୟ କୁହାଯାଇଛି ଯେ ଇଲେକ୍ଟ୍ରୋନିକ୍ ସାମଗ୍ରୀର ଘରୋଇ ଉତ୍ପାଦନ ୨୦୧୫ ଆର୍ଥିକ ବର୍ଷରେ ୧.୯୦ ଲକ୍ଷ କୋଟି ଟଙ୍କାଥିବା ବେଳେ ୨୦୨୪ ଆର୍ଥିକ ବର୍ଷରେ ଏହା ୯.୫୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ମେକ୍ ଇନ୍ ଇଣ୍ଡିଆ ଓ ଡିଜିଟାଲ ଇଣ୍ଡିଆ ଭଳି କାର୍ଯ୍ୟକ୍ରମ ସହିତ ଉନ୍ନତ ଭିତ୍ତିଭୂମି, ବ୍ୟବସାୟ କରିବାର ସହଜତା ଏବଂ ବିଭିନ୍ନ ପ୍ରୋତ୍ସାହନ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ସହ ବିଦେଶୀ ପୁଞ୍ଜିନିବେଶକୁ ଆକୃଷ୍ଟ କରିଛି। ସମୀକ୍ଷାରେ ଏହା ମଧ୍ୟ ଦର୍ଶାଯାଇଛି ଯେ ଭାରତର ଔଷଧ ଶିଳ୍ପ ବିଶ୍ୱର ତୃତୀୟ ବୃହତ୍ତମ ଶିଳ୍ପ । ଜେନେରିକ ଔଷଧ, ବଲ୍କ ଔଷଧ, ଓଭର-ଦ-କାଉଂଟର ଔଷଧ, ଟିକା, ବାୟୋସିମିଲର ଏବଂ ବାୟୋଲୋଜିକ୍ସ ସମେତ ଔଷଧ ଶିଳ୍ପର ଏକ ବିବିଧ ଉତ୍ପାଦ ପୋର୍ଟଫୋଲିଓ ରହିଛି । ସମୀକ୍ଷାରେ ଏହା ମଧ୍ୟ କୁହାଯାଇଛି ଯେ ୨୦୨୪ ଆର୍ଥିକ ବର୍ଷରେ ଔଷଧର ମୋଟ ବାର୍ଷିକ କାରବାର ୪.୧୭ ଲକ୍ଷ କୋଟି ଟଙ୍କା, ଯାହା ଗତ ପାଂଚ ବର୍ଷ ମଧ୍ୟରେ ହାରାହାରି ୧୦.୧ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ସମୀକ୍ଷାରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଭାରତରେ ଚିକିତ୍ସା ଉପକରଣ ଶିଳ୍ପ ପ୍ରାୟ ୧୫ ପ୍ରତିଶତ ସିଏଜିଆରରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି ।

### ଭାରତର ବିକାଶ ଯାତ୍ରାର ଅମୃତକାଳରେ...

ଆମର ବ୍ୟାଙ୍କିଙ୍ଗ୍ ଏବଂ ଡିଜି ପେମେଂଟଗୁଡିକ ରିମୋଟ୍ ଅଂଚଳରେ ଆର୍ଥିକ ସିଷ୍ଟମ୍ ସହିତ ସମାନ ଭୂମିକା ଗ୍ରହଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ଆଜି ଆମର ଯୁବକ ଷ୍ଟାର୍ଟଅପ୍ ,କ୍ରୀଡାରୁ ନେଇ ମହାକାଶ ପ୍ରତ୍ୟେକ କ୍ଷେତ୍ରରେ ଦେଶର ନାମ ଚମକାଉଛନ୍ତି । ରାଷ୍ଟ୍ରପତି କହିଛନ୍ତି ଯେ ମୋର ସରକାର ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଛାତ୍ରମାନଙ୍କ ପାଇଁ ଆଧୁନିକ ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରୁଛନ୍ତି। ଭାରତୀୟ ଦଳ ସବୁଠାରେ ଭଲରେ ଭଲ ପ୍ରଦର୍ଶନ କରିଛନ୍ତି, ଅଲିମ୍ପିକ୍ସ ହେଉ କି ପାରା ଅଲମ୍ପିକ । ଏଆଇ କ୍ଷେତ୍ରରେ ଭାରତର ଅବଦାନକୁ ପ୍ରୋତ୍ସାହିତ କରି 'ଇଣ୍ଡିଆ ଏଆଇ ମିଶନର ଆରମ୍ଭ ହୋଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ, ଆଜି ଭାରତ ଡିଜିଟାଲ ଟେକ୍ନୋଲୋଜିର ଫିଲ୍ଡରେ ପ୍ରମୁଖ ଗ୍ଲୋବାଲ ପ୍ଲେୟାର ଭାବେ ନିଜ ଉପସ୍ଥିତି ରେକର୍ଡ କରୁଛି । ସରକାର ଡିଜିଟାଲ ଟେକ୍ନୋଲୋଜିକୁ ସାମାଜିକ ନ୍ୟାୟ ଓ ସମାନତର ଏକ ଟୁଲ ଭାବେ ବ୍ୟବହାର କରୁଛନ୍ତି । ସରକାର ସାଇବର ସିକ୍ୟୁରିଟିରେ ଦକ୍ଷତା ସୁନିଶ୍ଚିତ କରିବା ଦିଗରେ ନିରନ୍ତର କାର୍ଯ୍ୟରତ । ସେ କହିଛନ୍ତି ଯେ, ଉଧମପୁର-ଶ୍ରୀନଗର-ବାରମୂଳା ରେଳ ଲିଙ୍କ ପ୍ରକଳ୍ପ ପୂରଣ ହୋଇଛି ଏବଂ ଏବେ ଦେଶ କଶ୍ମୀରରୁ କନ୍ୟାକୁମାରୀ ଯାଏ ରେଲୱେ ଲାଇନରେ ଯୋଡି ହେବ ।

# ଦିବାକର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ: କଟକ ବିଜୟୀ



ବାସୁଦେବପୁର, ୩୧/୧(ନିପ୍ର) ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ଶ୍ରୀ ଗଣେଶ କ୍ଲବ୍ ଆନୁକୂଲ୍ୟରେ ସୁଙ୍ଗୁଡ଼ା ନୀଳମଣି ମିନି ଷ୍ଟାଡିୟମରେ ଚାଲିଥିବା ୩୮ ତମ ଦିବାକର ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇ ଯାଇଛି। ଏହି ଫାଇନାଲ ମ୍ୟାଚ୍ ରେ କୋଲାଘାଟ କୁ ହରାଇ ମୁଣ୍ଡ ମୁହାଣ କଟକ ଟିମ୍ ବିଜୟ ଲାଭ କରିଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ। ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଭଦ୍ରକ ତ୍ୟାଗଭୂମିର ସଭାପତି ଅଜୟ ନାୟକ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବିଜେପି ନେତା ବାଣୀ କଲ୍ୟାଣ ମହାନ୍ତି, କଂଗ୍ରେସ ନେତା ବିଜୟ ମହାନ୍ତି, ଆସନା ବିବି, ଗୋଲାମ ସୋଫିଆନ, ଶ୍ରୀଗଣେଶ କ୍ଲବ ର ସଭାପତି ଗୌରାଙ୍ଗ ଚନ୍ଦ୍ର ବେହେରା, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ସହ ସମ୍ପାଦକ ହୃଷୀକେଶ ସାହୁ । ସମସ୍ତ ଅତିଥି ଉଭୟ ଦଳର ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ ଓ ଉଭୟ ଦଳର ଖେଳାଳିଙ୍କୁ ଟ୍ରଫି ଓ ଆର୍ଥିକ ରାଶି ସହିତ ପୁରସ୍କାର ପ୍ରଦାନ କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ସାମ୍ବାଦିକ ଉଦୟ ଜେନା ଓ ସତ୍ୟ ସୁନ୍ଦର ରାଉତ। କବି ରଞ୍ଜନ ନାୟକ ସଭାପତିତ୍ୱ କରିଥିଲେ। ମାନସ ବିଶ୍ୱାଳ, ରାମଚନ୍ଦ୍ର ବେସ୍ରା, ଗଣେଶ୍ୱର ସିଂହ ଖେଳ ପରିଚାଳନା କରିଥିଲେ। ଶ୍ରୀ ଗଣେଶ କ୍ଲବ୍ ଉପଦେଷ୍ଟା ଦେବେନ୍ଦ୍ର ପ୍ରସାଦ ମହାନ୍ତି, ସୁରେନ୍ଦ୍ର ନାୟକ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ପିଲାମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ହଜାର ହଜାର ଲୋକ ଏହି ଆକର୍ଷଣୀୟ ଖେଳ କୁ ଉପଭୋଗ କରିଥିଲେ।

# ତୁଳସୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍ଯାପିତ

କେନ୍ଦ୍ରାପଡ଼ା,୩୧/୦୧ :(ହି.ସ.) – ତୁଳସୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିଲୁ ମହାପାତ୍ରଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି, ମହାବିଦ୍ୟାଳୟର ଶୈକ୍ଷିକ ଅଧିକାରୀ ଡ଼ ମଥୁରୀ ଚରଣ ନାୟକ, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପିକା ଜ୍ୟୋସ୍ନାମୟୀ ପତି, କ୍ରୀଡ଼ା ପରିଷଦର ଉପସଭାପତି ଡ଼ ସୁଜାତା ମହାନ୍ତି ସମ୍ମାନିତ ଅତିଥି ଭାବେ ମଂଚାସୀନ ହୋଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ଦକ୍ଷତା ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଦୁଇଦିନ ବ୍ୟାପୀ ଏହି କ୍ରୀଡ଼ା ପ୍ରତିଯୋଗିତା ୩୦.୦୧.୨୦୨୫ ଦିନ ଅଧ୍ୟକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ଏହି କ୍ରୀଡ଼ା ପ୍ରତିଯୋଗିତାରେ ପ୍ରାୟ ତିନି ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ +୨ ବିଭାଗରେ ଗାୟତ୍ରୀ ମଲ୍ଲିକ୍ ଓ +୩ ବିଭାଗରେ ପରୱାନା ବେଗମ୍ ଚମ୍ପିଅନ୍ ହୋଇଥିଲେ। କ୍ରୀଡ଼ା ପ୍ରଶିକ୍ଷିକା ଶ୍ରୀମତୀ ସଂଯୁକ୍ତା ମହାନ୍ତି କ୍ରୀଡ଼ା ପରିଷଦର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ଡ଼ ଆଶୁତୋଷ ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କ୍ରୀଡ଼ା ପରିଷଦର ସଦସ୍ୟ ଅଧ୍ୟାପକ ଟିକେଶ୍ୱର ସାହୁ, ରଞ୍ଜିତ୍ ଦାସ, ଶ୍ରୀମତୀ ମୋନାଲିସା ସାହୁଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଏହି କ୍ରୀଡ଼ା ପ୍ରତିଯୋଗିତା ସଫଳ ପରିଚାଳନାରେ ସହଯୋଗ କରିଥିଲେ।

# ନିର୍ବାଚନ କମିଶନରଙ୍କ ଦ୍ୱିତୀୟ ନୋଟିସର ଜବାବ ଦେଲେ କେଜରିୱାଲ: କହିଲେ-ଗୁଣବତ୍ତାରେ ଆସିଛି ସୁଧାର



ନୂଆଦିଲ୍ଲୀ, ତା ୩୧/୦୧ : ଆମ୍ ଆଦମୀ ପାର୍ଟିର ଜାତୀୟ ସଂଯୋଜକ ଅରବିନ୍ଦ କେଜରିୱାଲ ଶୁକ୍ରବାର ନିର୍ବାଚନ କମିଶନରଙ୍କ ଦ୍ୱିତୀୟ ନୋଟିସର ଜବାବ ଦେଇଛନ୍ତି । ଅରବିନ୍ଦ କେଜରିୱାଲ କହିଛନ୍ତି ଯେ, ସେ ଦିଲ୍ଲୀର ଲୋକଙ୍କୁ ଶୁଭେଚ୍ଛା ଜଣାଇବାକୁ ଚାହାନ୍ତି ଯେ, ଆଜି ଆମ୍ ଆଦମୀ ପାର୍ଟି ଓ ଦିଲ୍ଲୀର ଅଢେଇ କୋଟି ଲୋକଙ୍କ ସଂଘର୍ଷ ସଫଳ ହୋଇଛି ଏବଂ ସକରାତ୍ମକ ଫଳ ମିଳିଛି । ଜାନୁୟାରୀ ୨୬-୨୭ ଯାଏ ହରିୟାଣା ସରକାର ଦିଲ୍ଲୀକୁ ଯେଉଁ ପାଣି ପଠାଉଥିଲେ, ତାହା ଆଜି ୭.୨ ପିପିଏମ ଆମେନିୟାରୁ ୨.୧ ପିପିଏମକୁ ଆସିଛି । ୨.୧ ଆମେନିଆ ସହିତ ଆମର ଅଧିକତର ୱାଟର ଟ୍ରିଟମେଂଟ ପ୍ଲାଂଟ ଟିକ ଚାଲିପାରିବ ଏବଂ ଲୋକଙ୍କୁ ଠିକ ଭାବେ ପାଣି ମିଳିପାରିବ । ଆମ ସମସ୍ତଙ୍କ ସଂଘର୍ଷ କାରଣରୁ ପାଣିରେ ଆମେନିଆ ସ୍ତର ଖସିଛି । ସେ କହିଛନ୍ତି ଯେ, ନିର୍ବାଚନ କମିଶନର ମୋତେ ଏକ ନୋଟିସ ପଠାଇଥିଲେ । ସେ ତାର ଜବାବ ଦେଇଛନ୍ତି । ପୁଣି ନିର୍ବାଚନ କମିଶନର ଦ୍ୱିତୀୟ ନୋଟିସ ପଠାଇଛନ୍ତି ।ନିର୍ବାଚନ କମିଶନର ଦ୍ୱିତୀୟ ନୋଟିସରେ ଯେଉଁ ଭାଷା ଲେଖିଛନ୍ତି, ସେଥିରୁ ଲାଗୁଛି ଯେ, ସେ ପୂର୍ବରୁ ନିର୍ଦ୍ଧାରଣ କରିଛନ୍ତି କଣ ସଜା ଶୁଣାଇବେ ।

# ସାଇ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର, ୩୧/୧(ନିପ୍ର) ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ଗୁଆଗାଁ ଠାରେ ସାଇ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ କୃପାସିନ୍ଧୁ ମହାନ୍ତି ସଭାପତିତ୍ୱ କରିଥିଲେ। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଅତିରିକ୍ତ ତହସିଲଦାର ଅଜୟ କୁମାର ସାହୁ, ପୂର୍ବତନ ସାଂସଦ ଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି,ସାଇ ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ମୁରଲୀ ଧର ପାଣିଗ୍ରାହୀ, ଅଧ୍ୟକ୍ଷା ସୁଜାତା ପାଣିଗ୍ରାହୀ, ଅଭୟ ସାହୁ, ଭାଇସ୍ ପ୍ରିନ୍ସପାଲ ପୂର୍ଣ୍ଣ ଚନ୍ଦ୍ର ସେଣ୍ଠ, ଆଇ ଟି ଆଇ ପ୍ରିନ୍ସପାଲ କିଶୋର କୁମାର ସାହୁ ଓ ରତିକାନ୍ତ ସାର୍। ସାଇ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ତପନ କୁମାର ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟତ୍ରୀ ଶୁଭ୍ରଲତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ତପନ କୁମାର ପାଢ଼ୀ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା। ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ସତ୍ୟନଗର ପଞ୍ଜାବୀ କଲୋନୀରୁ ୨ ଯୁବକଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ତା ୩୧/୦୧ : (ନି.ପ୍ର) ସତ୍ୟନଗର ପଞ୍ଜାବୀ କଲୋନୀରୁ ୨ ଯୁବକଙ୍କ ମୃତଦେହ ଉଦ୍ଧାର । ଗୋଟିଏ ଘରୁ ଦୁଇଟି ମୃତଦେହ ଉଦ୍ଧାର କରିଛି ଖାରବେଳ ନଗର ଥାନା ପୋଲିସ । ମୋ ପିଠା ନାମକ ସଂସ୍ଥାରେ କାମ କରୁଥିଲେ ୨ ଯୁବକ । ଘଟଣାସ୍ଥଳରେ ଖାରବେଳ ନଗର ଥାନା ପୋଲିସ ପହଂଚି ଖୋଳତାଡ କରୁଛି ।

# ସଚେତନତା ନେଇ ସରିଲା ସଡ଼କ ସୁରକ୍ଷା ମାସ ପାଳନ

## ଦୁର୍ଘଟଣା ହ୍ରାସ ପାଇଁ ନିୟମ କଡ଼ାକଡ଼ିରେ ପ୍ରଶାସନର ତତ୍ପରତା




ଭଦ୍ରକ, ତା ୩୧/୦୧ : (ନି.ପ୍ର) ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଞ୍ଚଳିକ ପରିବହନ ଓ ପୋଲିସ୍ ବିଭାଗ ଆନୁକୂଲ୍ୟରେ ଜାନୁୟାରୀ ୧ ତାରିଖରୁ ଆରମ୍ଭ କରାଯାଇଥିବା ସଡ଼କ ସୁରକ୍ଷା ମାସ ପାଳନ କାର୍ଯ୍ୟକ୍ରମ ଜାନୁୟାରୀ ୩୧ ରେ ଶେଷ ହୋଇଥିଲେ ବି ସମସ୍ତ ସଡ଼କ ସୁରକ୍ଷା ନିୟମ କୁ କଡ଼ାକଡ଼ି କାର୍ଯ୍ୟାନ୍ୱୟନ କରାଯିବା ନେଇ ଜିଲ୍ଲା ପ୍ରଶାସନର ତତ୍ପରତା ଆରମ୍ଭ ହୋଇଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଜଣାଇଛନ୍ତି ଯେ ସଡ଼କ ସୁରକ୍ଷା ସଚେତନତା କି ଧରପଗଡ଼ କାର୍ଯ୍ୟ କେବଳ ମାସ ପାଳନ ଭିତରେ ସିମିତ ନୁହେଁ। ସଡ଼କ ଦୁର୍ଘଟଣାରୁ ଧନ ଜୀବନର ସୁରକ୍ଷା ପାଇଁ ଦୀର୍ଘ ମିଆଦୀ ସୂତ୍ରରେ ଧରପଗଡ଼ କାର୍ଯ୍ୟ ଜାରି ରଖିବାକୁ ସେ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ହେଲମେଟ୍ ନ ପିନ୍ଧି ଗାଡ଼ି ଚଳାଇବା, ନାବାଳକ ପିଲାମାନେ ଗାଡ଼ି ଚଳାଇବା, ନିଶାସକ୍ତ ଓ ଗାଡ଼ିଚଳାଇବା ବେଳେ ମୋବାଇଲରେ କଥା ହେବା, ବେନିୟମ ପାର୍କିଂ, ଅତ୍ୟଧିକ ଯାତ୍ରୀ ପରିବହନ, ଦୁଇ ଚକିଆ ଗାଡ଼ିରେ ୩/୪ ଜଣ ବସି ଗାଡ଼ି ଚାଳନା ଆଦି ଦୃଷ୍ଟି ଗୋଚର ହେଉଥିବା ସଡ଼କ ସୁରକ୍ଷା ନିୟମ ବିରୋଧୀ କାର୍ଯ୍ୟକୁ କଡ଼ାକଡ଼ି ଭାବେ ଧରପଗଡ଼ କରାଯିବା ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ସୂଚନା ଯୋଗ୍ୟ କି ସଡ଼କ ସୁରକ୍ଷା ମାସ ପାଳନର ଅନ୍ତିମ ଦିନରେ ଡାହାଣୀ ଗଡ଼ିଆ ଛକରେ ପରିବହନ ବିଭାଗ ଓ ପୋଲିସ୍ଙ୍କ ଦ୍ୱାରା ଧରପଗଡ଼ରେ ୧୯ଟି ହେଲମେଟ୍ ନପିନ୍ଧିଥିବା କେଶ୍ ଓ ଗୋଟିଏ ନାବାଳକ ଗାଡ଼ିଚାଳନା କେଶ୍ ରୁଜୁ କରାଯାଇଛି।

# ଜାତୀୟ ସ୍ତରରେ ଭାରତୀୟ ତଟ ରକ୍ଷକ ପ୍ରତିଷ୍ଠା ଦିବସ ପାଳନ




ପାରାଦୀପ, ୩୧/୧: (ନି.ପ୍ର) ଭାରତୀୟ ତଟ ରକ୍ଷକ (ଆଇସିଜି) ୧ ଫେବୃଆରୀ ୨୦୨୫ ରେ ତାର ୪୯ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ୧୯୭୭ରେ କେବଳ ସାତଟି ଜଳ ଜାହାଜ ସହ ଆରମ୍ଭ ହୋଇଥିବା ଭାରତୀୟ ତଟ ରକ୍ଷକ ବଳ ବର୍ତ୍ତମାନ ୧୫୧ଟି ଜଳ ଜାହାଜ ଏବଂ ୭୬ ଟି ବିମାନ ସମେତ ଭାରତର ଏକ ଅଗ୍ରଣୀ ଶକ୍ତିରୂପେ ପରିଣତ ହୋଇଛି। ୨୦୩୦ ସୁଦ୍ଧା, ଭାରତୀୟ ତଟ ରକ୍ଷକ ୨୦୦ଟି ଜଳ ଜାହାଜ ଏବଂ ୧୦୦ଟି ବିମାନ ର ଅଧି ଗ୍ରହଣ ଲକ୍ଷ୍ୟ ଅଂଶ ସାଧନ କରିବ, ଯାହା ବିଶ୍ୱର ଏକ ଶକ୍ତିଶାଳୀ ତଟ ରକ୍ଷକ ବଳ ଭାବରେ ତା'ର ସ୍ଥାନକୁ ମଜବୁତ କରିବ।ଭାରତୀୟ ତଟ ରକ୍ଷକ ର ଆଦର୍ଶ ବାକ୍ୟ 'ୱୟମ ରକ୍ଷାମଃ' (ଆମେ ସୁରକ୍ଷା କରୁଛୁ) ସହିତ, ଭାରତୀୟ ତଟ ରକ୍ଷକ ଦିନ ବା ରାତିରେ ଭାରତର ସମୁଦ୍ର ଅଞ୍ଚଳର ସୁରକ୍ଷା ଓ ନିରାପତ୍ତା କୁ ସୁନିଶ୍ଚିତ କରୁଛି। ସଂସ୍ଥାପନରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ତଟ ରକ୍ଷକ ୧୧୭୩୦ ଟି ଜୀବନକୁ ରକ୍ଷା କରିଛି, ଯାହା ମଧ୍ୟରୁ କେବଳ ଗତ ବର୍ଷ ୧୬୯ଟିରୁ ଅଧିକ ଜୀବନ ରକ୍ଷା କରିଛି। ଭାରତୀୟ ତଟ ରକ୍ଷକ ବଳ ଗଢ଼ି ଆସିଥିବା ସେବା ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରେ, ଯାହା ସାଧାରଣତଃ ଏକ ଜୀବନକୁ ପ୍ରତ୍ୟେକ ଦିନ ରକ୍ଷା କରୁଛି। ଭାରତ ର ୪.୬ ମିଲିୟନ କ୍ଷେତ୍ରଫଳ ର ସମୁଦ୍ର ତଳଅଞ୍ଚଳରେ ସୁରକ୍ଷାକୁ ନିର୍ଶ୍ଚିତ କରିବାରେ ଭାରତୀୟ ତଟ ରକ୍ଷକ ର ଏହି ଅଭିନବ ଭୂମିକା ସଫଳ ହୋଇଛି। ପ୍ରତିଦିନ ଭାରତୀୟ ତଟ ରକ୍ଷକ ର ୫୫ରୁ ୬୦ଟି ଜଳ ଜାହାଜ ଏବଂ ୧୦ ରୁ ୧୨ ଟି ବିମାନ ବିମାନ ପଇତରା କରି ଆମ ସମୁଦ୍ର ତଟର ସୁରକ୍ଷା ନିର୍ବାହ କରୁଛି। ଏହି ନିରନ୍ତର ତଦାରଖ ଭାରତର ବିଶାଳ ସାମୁଦ୍ରିକ ଅଞ୍ଚଳରେ ସୁରକ୍ଷା ଧାରା କୁ ନିଶ୍ଚିତ କରିଥାଏ।ଖୋଜା ଏବଂ ଉଦ୍ଧାର କାର୍ଯ୍ୟକ୍ରମ ସହ ଭାରତୀୟ ତଟ ରକ୍ଷକ ସମୁଦ୍ରରେ ଅବୈଧ କାର୍ଯ୍ୟକଳାପର ରୋକ୍? ଓ ପ୍ରତିରୋଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଭାରତୀୟ ତଟ ରକ୍ଷକ ଗତ ବର୍ଷ ଅଣ୍ଡମାନ ସାଗରରୁ ୬୦୧୬ କିଲୋଗ୍ରାମ ନର୍କୋଟିକ୍ସ ଡ୍ରଗ ଜବତ କରିଥିଲା ଯାହା ଆଜି ପର୍ଯ୍ୟନ୍ତ ସବୁଠାରୁ ବୃହତ୍ ଡ୍ରଗ ଜବତ ଭାବେ ଏକ ରେକର୍ଡ ପଞ୍ଜୀକୃତ ହୋଇଛି।ସମାଜ ଏବଂ ପରିବେଶ ସୁରକ୍ଷାରେ ମଧ ଭାରତୀୟ ତଟ ରକ୍ଷକ ସମ୍ପୂର୍ଣ୍ଣ ଦୃଢତା ପ୍ରତିପୋଷଣ କରୁଛି।

ଶନିବାର, ଫେବୃଆରୀ ୦୧, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଢୁଲୁସର ବିନୋଦ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟର ଷଷ୍ଠ ଦିବସ

ବଲାଙ୍ଗିର,୩୧।୦୧(ନି.ପ୍ର): ବଲାଙ୍ଗିର ବ୍ଲକ ସ୍ଥିତ ଢୁଲୁସର ଖେଳ ପଡିଆରେ ଜବାହାରଲାଲ ଫୁଟବଲ ଏସୋସିଏସନ ତରଫରୁ ଅନୁଷ୍ଠିତ ବିନୋଦ ସ୍ମାରକୀ ଫୁଟବଲ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲ ୩-୨ ଗୋଲରେ ଜେକେଓ୍ୱାଇଏସ୍ କାଲସାଏପାଲି କୁ ହରାଇ ଫାଇନାଲକୁ ପ୍ରବେଶ କରିଛି । ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ବ୍ଲକ ପୂର୍ବତନ ଅଧକ୍ଷ ଘାସିରାମ ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଖେଳାଳି କୃଳମଣି ମେହେର, କ୍ରୀଡା ସଂସଦର ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଓ ପୂର୍ବତନ ଖେଳାଳି ବିଜୟ କୁମାର ନାହାକ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ସ୍ୱର୍ଗତ ବିନୋଦ କୁମୁରାଙ୍କ ବାପା ରାମ କୁମାର କୁମୁରା, ଆୟୋଜନ କମିଟିର ଅଧକ୍ଷ ଶରତ କୁମାର ନନ୍ଦ, ପୂର୍ବତନ ଖେଳାଳି ନିଶାରକାନ୍ତ ନାଗ ଓ ମୋହନ ଧରୁଆ ମଂଚାସିନ ଥିଲେ। ଖେଳକୁ ସଂଜନ କୁଦେଇ, ସଂଜିବ ମହାରଣା, ଜଳନ୍ଧର ସାହୁ ଓ ଅବଦୁଲ ମୁଜିବ ପରିଚାଳନା କରିଥିବା ବେଳେ ଦେବରାଜ ନାହାକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ । ନବକୁମାର ବେହେରା, ଦିଲିପ ମଲ୍ଲିକ, ବିଦ୍ୟାଧର ମହାଲିଙ୍ଗ, ସଂଜୟ ଥନାପତି, ପିଂଟୁ କୁଅଁର, କରନ ଦଣ୍ଡସେନା, ପ୍ରଶାନ୍ତ ମହାଲିଙ୍ଗ, ରାଜେଶ୍ୱର କୁମୁରା ପ୍ରମୁଖ ସହଯୋଗ କରିଥିଲେ । ୨ ତାରିଖ ରବିବାର ଜେଏଫଏ ଢୁଲୁସର ବନାମ ସ୍ପୋର୍ଟ୍ସ ହଷ୍ଟେଲ ବଲାଙ୍ଗିର ମଧ୍ୟରେ ଗ୍ରାଣ୍ଡ ଫାଇନାଲ ଖେଳ ହେବ ବୋଲି ଆୟୋଜନ କମିଟି ଅଧକ୍ଷ ଶରତ କୁମାର ନନ୍ଦ ସୂଚନା ଦେଇଛନ୍ତି ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅପଶବ୍ଦକୁ ନେଇ ବିଜେପି ପକ୍ଷରୁ ସୋନିଆଙ୍କ କୁଶପୁତ୍ତଳିକା ଦାହ



ନୀଳଗିରି -୩୧/୧(ନି.ପ୍ର) : ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ବଜେଟ୍ ପୂର୍ବରୁ ସଂସଦର ଉଭୟ ଗୃହର ମିଳିତ ଅଭିଭାଷଣ ପରେ ଜାତୀୟ କଂଗ୍ରେସନେତ୍ରୀ ସୋନିଆ ଗାନ୍ଧୀଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସମଗ୍ର ଦେଶରେ ବିଜେପି ପକ୍ଷରୁ ତୀବ୍ର ନିନ୍ଦା କରାଯିବ ସହିତ କୁଶପୁତ୍ତଳିକା ଦାହ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ନୀଳଗିରିର ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କ ନେତୃତ୍ୱରେ ଦୁର୍ଗାମଣ୍ଡପ ଛକଠାରେ ସୋନିଆ ଗାନ୍ଧିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ବିଜେପିର ବରିଷ୍ଠନେତା ତଥା ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା, ଚନ୍ଦନ ଦାସ, ସମରଶଙ୍କର କାନୁନଗୋ, ପ୍ରତାପ ସେଠୀ ପ୍ରମୁଖ ବହୁ ବିଜେପିକର୍ମୀ ଉପସ୍ଥିତ ରହି ସୋନିଆ ଗାନ୍ଧୀଙ୍କ ମନ୍ତବ୍ୟକୁ ନେଇ ବିଭିନ୍ନ ନାରା ଦେବା ସହିତ ରାଷ୍ଟ୍ରପତି ଏବଂ ଦେଶ ନିକଟରେ କ୍ଷମାମାଗିବାକୁ ଦାବୀ କରିଥିଲେ।

# ବରିଷ୍ଠ ସାମ୍ବାଦିକ ସୁଧିର ରଂଜନ ଦାଶଙ୍କ ପରଲୋକ



ପାରାଦୀପ, ୩୧/୧(ନି.ପ୍ର) : ପାରାଦୀପର ବରିଷ୍ଠ ସାମ୍ବାଦିକ ସୁଧିର ରଂଜନ ଦାଶଙ୍କ ଶୁକ୍ରବାର ଦିନ ୫୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ଦାଶ ହିନ୍ଦୁସ୍ଥାନ ସମାଚାରର ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ । ଦୀର୍ଘ ଦିନ ଧରି ଅସୁସ୍ଥତା କାରଣରୁ ଭୁବନେଶ୍ୱରରେ ରହି ଚିକିତ୍ସିତ ହେଉଥିଲେ । ସେ ଦିଲ୍ଲୀ ୟୁନିଭରସିଟିରୁ ମାସକମ୍ୟୁନିକେସନ୍ ଓ ଜର୍ଣ୍ଣାଲିଜିମ୍‌ରେ ସ୍ନାତକୋର କରିବା ପରେ ଏସିଆନ୍ ଏଜ୍ ଖବର କାଗଜରେ ସାମ୍ବାଦିକତା ଆରମ୍ଭ କରିଥିଲେ । ଏହା ପରେ ସେ ହିନ୍ଦୁସ୍ଥାନ ସମାଚାର ନ୍ୟୁଜ୍ ଏଜେନ୍ସିରେ କାର୍ଯ୍ୟ କରୁଥିଲେ । ପାରାଦୀପର ବିଭିନ୍ନ ଗଣ ଅନୁଷ୍ଠାନ ସହିତ ଜଡିତ ହୋଇ ପାରାଦୀପର ଜନମାନସରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ । ସେ କୁଜଙ୍ଗ ଅନ୍ତର୍ଗତ ବାଲିତୁଠ ଗ୍ରାମର ନିକୁଂଜ ଦାଶଙ୍କ ପୁଅ । ତାଙ୍କ ଅକାଳ ବିୟୋଗରେ ପାରାଦୀପ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ,୩୧।୦୧(ନି.ପ୍ର): ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କୋରକୋରା ସ୍ଥିତ ଭଦ୍ରକ ଆଇନ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ନେହା ଅଗ୍ରୱାଲ ଏହି ସଚେତନତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୌନ ଉତ୍ପୀଡ଼ନ ଯାହାକି ମହିଳାମାନଙ୍କ କ୍ଷେତ୍ରରେ ଘଟୁଛି ସେସବୁ ସଂପର୍କରେ ଭିଡ଼ିଓ ମାଧ୍ୟମରେ ପିଲାମାନଙ୍କୁ ସଚେତନ କରାଯାଇଥିଲା। ତତ୍‌ସହିତ ସାମ୍ବିଧାନିକ ଅଧିକାର ତଥା ତୃତୀୟ ଲିଙ୍ଗୀ ମାନଙ୍କର ଅଧିକାର ସଂପର୍କିତ ତଥ୍ୟ ମଧ୍ୟ ଆଲୋଚନା କରାଯାଇ ପିଲାମାନଙ୍କୁ ବହୁତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଦ୍ରକ ଆଇନ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରସନ୍ନ କୁମାର ରାୟ, ଇନ୍‌ସପେକ୍ଟର (ଆଇ.ଇଉ.ସି.ଏ.ଡବ୍ଲୁ) ମୋନାଲିସା କର, ଡ. ତାପସ କୁମାର ମହାନ୍ତି, ଭଦ୍ରକ ଏଲ.ଏ.ଡି.ସି.ଏସ୍. ସହକାରୀ ବହ୍ନିଶିଖା ବିଶ୍ୱାଳ, ଭୁବନେଶ୍ୱର ସାଥୀର ସହକାରୀ ନିର୍ଦ୍ଦେଶକ ବିଶ୍ୱଭୂଷଣ ପଟ୍ଟନାୟକ, ଭଦ୍ରକ ତୃତୀୟ ଲିଙ୍ଗ ସୁରକ୍ଷା ମଞ୍ଚ ସଭାପତି ସୌମ୍ୟା ଦାସ, ତୃତୀୟ ଲିଙ୍ଗ ସମ୍ପ୍ରଦାୟ ସହକାରୀ ବାବୁନି ସାହୁ ତଥା ଭଦ୍ରକ ଆଇନ ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ପ୍ରିୟଦର୍ଶୀ ରାୟ ତଥା ଛାତ୍ରଛାତ୍ରୀମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀମାନେ ଏହି ସଚେତନତା କାର୍ଯ୍ୟକ୍ରମକୁ ଯୋଗଦେଇ ସଫଳ କରାଇଥିଲେ।

# ବାସ୍ତବ ସଂଗଠନର ପଚାଶ ବର୍ଷ ପୂର୍ତ୍ତି ପାଳନ




ବାରିପଦା ତା ୩୧/୦୧(ନି.ପ୍ର) : ୧୯୭୫ ମସିହାରେ ମ୍ୟାଟ୍ରିକ ପାସ କରିଥିବା ଛାତ୍ରମାନେ ସମାଜର ବିଭିନ୍ନ କ୍ଷେତ୍ରରେ ନିଜ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି. ସେମାନେ ବାସ୍ତବ ସଂଗଠନ ଗଠନ କରି ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟ ଜାରି ରଖିଛନ୍ତି. ବାସ୍ତବ ସଂଗଠନର ପଚାଶ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆଜି ବାରିପଦାର ୨୧ ନମ୍ବର ୱାର୍ଡ ବିଜୟ ରାମଚନ୍ଦ୍ରପୁର ସ୍ଥିତ ଗୋବିନ୍ଦମ ଜଙ୍ଗଲ ରିସୋର୍ଟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି. ବାସ୍ତବ ସଂଗଠନ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ପ୍ରତିଯୋଗିତା, ଫୁଟବଲ ଟୁର୍ନାମେଣ୍ଟ ତଥା ନାଟକ ଉତ୍ସବ ଆୟୋଜନ ସହ କୁଳିଅଣା ବ୍ଲକର ଅବହେଳିତ ଡୋକ୍ରା ଶିଳ୍ପୀମାନଙ୍କ ଆର୍ଥିକ ବିକାଶ ସହିତ ଡୋକ୍ରା ଶିଳ୍ପର ଅଭିବୃଦ୍ଧି ପାଇଁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି. ଏହି ଅବସର ରେ ବାସ୍ତବର ସଦସ୍ୟ ଗିରିଜା ଶଙ୍କର ଦାସ ଓ ଚିତ୍ତ ରଞ୍ଜନ ବେହେରାଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇ ଥିଲା । ସଂଗଠନର ସଭାପତି ରବିନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ପ୍ରଦୀପ କିଶୋର ମହାନ୍ତି, ସହ ସମ୍ପାଦକ ପ୍ରଦୀପ ପାଣିଗ୍ରାହୀ, ଉପସଭାପତି କଲ୍ୟାଣ ସିହ୍ନା, କୋଷାଧ୍ୟକ୍ଷ ସର୍ବତୋଷ ଦାଶ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବେଳେ, ସଦସ୍ୟ ମାନସ ରଞ୍ଜନ ଦାଶ, ଅସୀତ ମିଶ୍ର, ପ୍ରତାପ ରାଉତ, ନୀଳକଣ୍ଠ ଦାଶ, ଉମେଶ ଦାସ ବିଭିନ୍ନ ପ୍ରସ୍ତାବ ଦେଇଥିଲେ. ଶେଷରେ ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ




ଲଙ୍ଗଳେଶ୍ୱର ୩୧/୧ :(ନି.ପ୍ର) ସଦର ବ୍ଲକ କଷାଫଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇ ଯାଇଛି। ସି.ଆର.ସି. ସି.ମଧୁ ସୁଦନ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମେଳାରେ ମୁକୁନ୍ଦ ଆଦିକ,ବୈକୁଣ୍ଠ ନାଥ ଦଳେଇ, ପ୍ରଧାନ ଶିକ୍ଷକ ଗୋପାଳ ଦାସ, ଶ୍ୟାମ ସୁନ୍ଦର ମାଝୀ, କାଞ୍ଚନ ଲତା ପାତ୍ର,ରଘୁନାଥ ଟୁଡୁ, ରାମେଶ୍ୱର ହେମ୍ବ୍ରମ, ସାରୀପୁତ୍ତ ଟୁଡୁ, ଶାନ୍ତି ସି, ବଳରାମ ଦଳେଇ, ସୁଦର୍ଶନ ସିଂହ, ପ୍ରମୋଦ କୁମାର ମାରାଣ୍ଡି, କାପୁରା ଟୁଡୁ, ପ୍ରେମାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏଫ ଏଲ ଏନ ଶିକ୍ଷକ ଶିକ୍ଷୟିତ୍ରୀ ବିଶ୍ୱଭାରତୀ ପୃଷ୍ଟି, ରଞ୍ଜନ କୁମାର ଗିରି, କରୁଣା ରଞ୍ଜନ ମାଝୀ, ଗୁରୁପ୍ରସାଦ ନାୟକ, ସ୍ନେହଲତା ସାମନ୍ତ ପ୍ରମୁଖଙ୍କୁ ପୁରସ୍କାର ଓ ମାନ ପତ୍ର ପ୍ରଦାନ କରାଯାଇଥିଲା। କ୍ଲଷ୍ଟର ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ । ଏଫ ଏଲ ଏନ ସଂକ୍ରାନ୍ତୀୟ ପ୍ରତିଯୋଗିତା ପିଲାମାନଙ୍କ ଭିତରେ ହୋଇଥିଲା। ଏଥି ସହ ତାଙ୍କ ପିତା ମାତା ମଧ୍ୟ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ରଘୁନାଥ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟକ୍ତିତ୍ୱ ତାଙ୍କର ଥିଲା ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକଙ୍କ ଠାରୁ ବହୁ ଉର୍ଦ୍ଧରେ

## ଆଦର୍ଶ ଶିକ୍ଷକ ଖଗେନ୍ଦ୍ର ନାଥ ସଙ୍କ ସ୍ମୃତି ଚାରଣ ସଭାରେ ଅତିଥି ମାନଙ୍କର ମନ୍ତବ୍ୟ

ଉଦଳା ତା.୩୧/୦୧(ନି.ପ୍ର)- ଚଳିତ ଜାନୁଆରି ୨୦ତାରିଖ ସୋମବାର ଦିନ ୯୧ ବର୍ଷ ବୟସରେ ବାର୍ଦ୍ଧକ୍ୟ ଜନିତ ରୋଗରେ ସ୍ୱର୍ଗାରୋହଣ କରିଥିବା ଉଦଳା ହାଇସ୍କୁଲର ପୂର୍ବତନ ଆଦର୍ଶ ଶିକ୍ଷକ ଇଂରାଜୀ ଭାଷାର ବିଶିଷ୍ଟ ବୈୟାକରଣିକ ତଥା ଉଦଳା ଶିକ୍ଷା ଜିଲ୍ଲାର ପୂର୍ବତନ ଶିକ୍ଷାପରିଦର୍ଶକ ଵ ଖଗେନ୍ଦ୍ରନାଥ ସଙ୍କର ଏକାଦଶାହରେ ପ୍ରଥିତଯଶାକବି ତଥା ବିଶିଷ୍ଟ ଶିକ୍ଷାବିତ୍ ଦିଲୀପ କୁମାର ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷା ତଥା ବରିଷ୍ଠ କବି ପ୍ରମିଳା ପଣ୍ଡା, ଭକ୍ତିଜ୍ଞାନ ସଂଚାର ସେବା ସମିତିର ଅଧ୍ୟକ୍ଷ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ, ବରିଷ୍ଠ ସାରସ୍ୱତ ସାଧକ ଶିକ୍ଷାବିତ ରବିକାନ୍ତ ମହାପାତ୍ର, କିଶୋରଚନ୍ଦ୍ର ଦାସବାବୁ, ପ୍ରଫୁଲ୍ଲ କୁମାର ଖିଲାର, ଶତ୍ରୁଘ୍ନ ସାମଲ, ଶେଷମଣି ତ୍ରିପାଠୀ, ପ୍ରତାପ ଚନ୍ଦ୍ର ପଣ୍ଡା, ସନ୍ତୋଷ କୁମାର ବେହେରା, ରଜତ କୁମାର ପଣ୍ଡା ଓ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ପ୍ରମୁଖ ଦିବଂଗତ ଖଗେନ୍ଦ୍ର ସାରଙ୍କର ବହୁମୁଖୀ ପ୍ରତିଭା, ଆଦର୍ଶ ସରଳ ଓ ନିରାଡ଼ମ୍ବର ଜୀବନଯାପନ ପ୍ରଣାଳୀ ତଥା ତାଙ୍କର ଅତୁଳନୀୟ ଛାତ୍ର ବତ୍ସଳତା ତାଙ୍କୁ କାଳଜୟୀ କରିଛି ବୋଲି ପ୍ରକାଶ କରିଥିଲେ । ତାଙ୍କର ନିଆରା ଶିକ୍ଷକତା ଓ ଉତୁଙ୍ଗ ବ୍ୟକ୍ତିତ୍ୱ ସରକାରଙ୍କ ପ୍ରଦତ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାର ଠାରୁ ମଧ ବହୁ ଉର୍ଦ୍ଧରେ ବୋଲି ବକ୍ତାମାନେ ମନ୍ତବ୍ୟ ରଖିଥିଲେ । ସ୍ମୃତିଚାରଣ ସଭାର ପ୍ରାରମ୍ଭରେ ଅତିଥି ମାନେ ଦିବଂଗତ ସ୍ୱର୍ଗୀୟ ଖଗେନ୍ଦ୍ର ସାରଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିବା ବେଳେ ସଭାପତିଙ୍କ ପରାମର୍ଶ କ୍ରମେ ସମସ୍ତେ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଶ୍ରଦ୍ଧାଂଜଳି ସଭାର ପ୍ରାରମ୍ଭରେ ଆଦର୍ଶ ଓ ଅନନ୍ୟ ଶିକ୍ଷକ ଵ ଖଗେନ୍ଦ୍ର ନାଥ ସଙ୍କର କରଂଜିଆର ପୁରାତନ ଛାତ୍ର ଛାତ୍ରୀଙ୍କ ଉଦ୍ୟମରେ ପ୍ରକାଶିତ ସ୍ମରଣିକା 'ଶ୍ରଦ୍ଧାଂଜଳି' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହେବା ସହ ଏହା ଲୋକାର୍ପିତ ହୋଇଥିଲା । ସଭା ଶେଷରେ ପରିବାର ତରଫରୁ ସ୍ୱର୍ଗିୟ ସାରଙ୍କର ପୁତୁରା ତଥା ବିଶିଷ୍ଟ ଶିକ୍ଷାବିତ ନୃସିଂହ ଚରଣ ସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୋନିଆ ଗାନ୍ଧୀ କ୍ଷମା ମାଗନ୍ତୁ:ବରିଷ୍ଠ ବିଜେପି ନେତ୍ରୀ

ଭୁବନେଶ୍ୱର: ୩୧।୧(ନି.ପ୍ର): ମାନନୀୟ ରାଷ୍ଟ୍ରପତି ଆଜି ସଂସଦର ବଜେଟ ଅଧିବେଶନର ଉଦ୍ଘାଟନୀ ଭାଷଣ ଦେଇଛନ୍ତି। ମହାମହିମ ରାଷ୍ଟ୍ରପତିଙ୍କର ଅଭିଭାଷଣକୁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଯେଉଁଭଳି ତାଚ୍ଛଲ୍ୟ କରି ସାମ୍ବାଦିକ ମାନଙ୍କ ନିକଟରେ କହିଛନ୍ତି ତାହା ସୋନିଆ ଗାନ୍ଧୀ ଓ କଂଗ୍ରେସର ସାମନ୍ତବାଦୀ ମାନସିକତାର ପ୍ରତିଫଳନ । ଏହା ଓଡ଼ିଆ ବିରୋଧୀ ଆଦିବାସୀ ବିରୋଧୀ ଓ ଗରିବ ବିରୋଧୀ ବୋଲି ବରିଷ୍ଠ ବିଜେପି ନେତ୍ରୀ ସୁଜାତା ବାରିକ୍ ଏକ ପ୍ରେସ ବିବୃତି ଦେଇ ନିନ୍ଦା କରିଛନ୍ତି । ସୋନିଆଙ୍କର ଏହି ବକ୍ତବ୍ୟ ଓଡ଼ିଆ ଅସ୍ମିତା ପ୍ରତି ଓ ଆଦିବାସୀ ସମାଜ ପ୍ରତି ଘୋର ଅପମାନ ଜନକ ଏଥିପାଇଁ ସୋନିଆ ଗାନ୍ଧୀ ରାଷ୍ଟ୍ରପତିଙ୍କ ନିକଟରେ କ୍ଷମା ମାଗନ୍ତୁ ବୋଲି ଶ୍ରୀମତୀ ବାରିକ୍ ଦାବି କରିଛନ୍ତି।

**ଏସ୍.ଇ. ରେଳବାଇ - ଟେଣ୍ଡର**

ଇ-ଟେଣ୍ଡର ନୋଟିସ୍ ନମ୍ବର: **ST-PROJ-KGP- HWH-MCA,** ତାରିଖ ୨୮.୦୧.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ପକ୍ଷରୁ ଉପ-ମୁଖ୍ୟ ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟର (ପ୍ରକଳ୍ପ)/ଖଡ଼୍ଗପୁର, ଏସ୍.ଇ.ରେଳବାଇଙ୍କ ଦ୍ୱାରା ଇ-ଟେଣ୍ଡର ଆମନ୍ତ୍ରିତ କରାଯାଇଛି: କାର୍ଯ୍ୟର ନାମ ଏବଂ ଏହାର ସ୍ଥାନର ସଂକ୍ଷିପ୍ତ ବର୍ଣ୍ଣନା: ଖଡ଼୍ଗପୁର ଡିଭିଜନର ମେଚେଡାରେ ଏକ ନୂତନ ବିତରିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ଦ୍ୱାରା ପୁରୁଣା ପ୍ୟାନେଲ୍ ଇଣ୍ଟରଲକିଂକୁ ବଦଳାଇବା ପାଇଁ କୋଠା ନିର୍ମାଣ ସହିତ ସମସ୍ତ ସିଗନାଲ ଏବଂ ଟେଲିକମ୍ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ୨୪,୩୪,୪୨,୩୦୪.୩୫। ଆୟ ଟଙ୍କା: ୧୩,୬୭,୨୦୦/-। ଇ-ଟେଣ୍ଡର ବନ୍ଦ କରିବାର ତାରିଖ ଏବଂ ସମୟ: ୨୮.୦୨.୨୦୨୫, ଦିନ ୧୫.୦୦ ଘଣ୍ଟା। ଟେଣ୍ଡର ପ୍ରକାଶିତ ହୋଇଥିବା ୱେବସାଇଟ୍: **www.ireps.gov.in**

**(PR-1082)**

# କାର୍ଯ୍ୟାଦେଶ ସ୍ଥଗିତ ରାୟ ସତ୍ତ୍ୱେ ବିଲ ହଡପ ଉଦ୍ୟମ



ଖଇରା,୩୧।୧(ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ବାତ୍ୟା ଦାନା ର ପରବର୍ତ୍ତୀ ପର୍ଯ୍ୟାୟରେ ବ୍ଲକ ପ୍ରଶାସନ ପ୍ରଦାନ କରିଥିବା କ୍ଷୟକ୍ଷତି ରିପୋର୍ଟ ତୃଟିପୂର୍ଣ୍ଣ ଦର୍ଶାଇ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ମାନେ ପଞ୍ଚାୟତିରାଜ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ କୁ ଲିଖିତ ଭାବେ ଜଣାଇବା ସହ ଉଚ୍ଚ ଅଦାଲତର ଆଶ୍ରୟ ନେଇଥିଲେ । ଉଚ୍ଚ ଅଦଲତର ରାୟ ର ନକଲ ଗୁରୁବାର ସଂଧ୍ୟାରେ ମେଲ ଯୋଗେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ମାତ୍ରେ ଚାଲିଥିବା କାର୍ଯ୍ୟ ପାଇଁ ଖଇରା ପଞ୍ଚାୟତ ଭଳି ବହୁ ପଞ୍ଚାୟତରେ ରାତି ଅଧିଆ ରାସ୍ତା ମାପ କରି ବିଲ ହଡପ ପାଇଁ ଉଦ୍ୟମ କରୁଛନ୍ତି । ଏଭଳି ଜାଲିଆତିରେ ସଂପୃକ୍ତ ଯନ୍ତ୍ରୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବହୁ ପଞ୍ଚାୟତର ଲୋକପ୍ରତିନିଧି ମାନେ ଦାବୀ କରିଛନ୍ତି । ଖଇରା ବ୍ଲକରେ ବାତ୍ୟା ଦାନାରେ କ୍ଷୟକ୍ଷତି ହେବା ପରେ ଲୋକପ୍ରତିନିଧି ଙ୍କ ଜରିଆରେ ରିପୋର୍ଟ ଅଣାଯାଇଥିଲା। ଏବଂ ବ୍ଲକ ପ୍ରଶାସନର ରିପୋର୍ଟ ଆଧାରରେ ଖଇରା ବ୍ଲକକୁ ୧୦କୋଟି ୩୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ହେଲେ ଅନୁମାଦିତ ଚିଠାରୁ ବହୁ ଲୋକପ୍ରତିନିଧିଙ୍କ ପ୍ରକଳ୍ପ ଉଭାନ ହୋଇଯିବା ଓ ପ୍ରକଳ୍ପ ଚୟନରେ ସରକାରୀ ନିୟମକୁ ଉଲ୍ଲଂଘନ କରାଯିବା ନେଇ ଶ୍ୟାମସୁନ୍ଦରପୁର, ଖଇରା, ଜଳଦା ଭଳି ପଞ୍ଚାୟତର ଲୋକପ୍ରତିନିଧି ମାନଙ୍କୁ ବାଧିଥିଲା । ବାଧ୍ୟ ହୋଇ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ବାସନ୍ତୀ ମହାନ୍ତି, ଗୀତାଞ୍ଜଳୀ ବେହେରା, ରବିନ୍ଦ୍ର କୁମାର ସେଠୀ, ଗୀତାଞ୍ଜଳୀ ଜେନା, ମଦନମୋହନ ସାନ୍ତରା, ବନୀତା ପ୍ରଧାନ, ଦମୟନ୍ତି ସିଂ, ଜୟନ୍ତୀ ପତି, ସସ୍ମିତା ଧିନ୍ଦା, ଭାନୁପ୍ରିୟା ସାହୁ, ନଳିନୀ କୁମାର ସାହୁ, ସଂଯୁକ୍ତା ମହାପାତ୍ର, ନର୍ମଦା ଦେଓ ପ୍ରମୁଖ ପଞ୍ଚାୟତିରାଜ ଓ ବିପର୍ଯ୍ୟୟ ପରିଚାଳନା। ବିଭାଗକୁ ଚିଠି ଲେଖି ପ୍ରକଳ୍ପ ସଂଶୋଧନ ପାଇଁ ଦାବି କରିଥିଲେ । ଏଥିସହ କିଛି ଲୋକପ୍ରତିନିଧି ଉଚ୍ଚ ଅଦାଲତର ଆଶ୍ରୟ ମଧ୍ୟ ନେଇଥିଲେ। ଅଦାଲତ ଉକ୍ତ ମାମଲା (ଡବ୍ଲ୍ୟୁପି(ସି) ନଂ୧୨୫୬ର ବିଚାର କରି ପ୍ରକାଶ କରିଥିବା ରାୟରେ ୪ସପ୍ତାହ ମଧ୍ୟରେ ଉକ୍ତ ମାମଲା ଶୁଣାଣି ପର୍ଯ୍ୟନ୍ତ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଛେଇଛନ୍ତି । ଏଭଳି ନିର୍ଦ୍ଦେଶ ପ୍ରସାର ହେବା ପୁର୍ବରୁ ଗୁରୁବାର ରାତିରେ ଖଇରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିନା ସୂଚନା ଫଳକରେ ଚାଲିଥିବା କଂକ୍ରିଟ ରୋଡ ମାପ ପାଇଁ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ବିରୋଧର ଶିକାର ହୋଇଥିଲେ। ବିଡମ୍ବନାର ବିଷୟ ଯେ ଏହି ୧୦କୋଟି ଅର୍ଥ ମରାମତି ପାଇଁ ଏନଡିଆରଏଫ ଗାଇଡଲାଇନ ରହିଥିବା ବେଳେ ଏହି ଅର୍ଥ ନୁତନ ପ୍ରକଳ୍ପ ନିର୍ମାଣରେ ବ୍ୟବହୃତ ହୋଇଛି । ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ଉତ୍ତମ କୁମାର ସାହୁଙ୍କୁ ଯୋଗାଯୋଗ କରିବା ପରେ କୋର୍ଟ ଆଦେଶ ପହଞ୍ଚିବା ପରେ କୌଣସୀ ବିଲ କରାଯାଇ ନଥିବା କହିଛନ୍ତି ।

# ଅକ୍ଷୟ ଆଚାର୍ଯ୍ୟ ଉଚ୍ଚବିଦ୍ୟାଳୟ ବଡବିଲ ଠାରେ ବାର୍ଷିକ ଉତ୍ସବ ଉଦଯାପିତ



ନୀଳଗିରି -୩୧/୧ (ନି.ପ୍ର) : ନୀଳଗିରି ବ୍ଲକ୍ ଜାମୁଡ଼ିହା ପଞ୍ଚାୟତ ବଡ଼ବିଲ ଅକ୍ଷୟ ଆଚାର୍ଯ୍ୟ ଉଚ୍ଚବିଦ୍ୟାଳୟରେ ଆୟୋଜିତ ହେଉଥିବା ଦୁଇଦିବସୀୟ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବର ପ୍ରଥମ ଦିବସ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇ କ୍ରୀଡା ମଶାଲରେ ଅଗ୍ନି ସଂଯୋଗ କରି ବାର୍ଷିକକ୍ରୀଡାକୁ ଆନୁଷ୍ଠାନିକ ଉଦଘାଟନ କରିବା ସହିତ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପରେ କ୍ରୀଡାଶିକ୍ଷକ ରାଜେଶ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖେଳ ପରିଚାଳନା କରାଯାଇଥିଲା। ଦ୍ୱିତୀୟ ଦିବସ ଉଦଯାପନୀ ଉତ୍ସବରେ ମଣିନାଗେଶ୍ୱର ହାଇସ୍କୁଲର ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବହୁ ମୂଲ୍ୟବାନ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଂଶୁରେଖା ପଣ୍ଡା, ବାସନ୍ତୀଲତା ନନ୍ଦ, ରଶ୍ମିରଞ୍ଜନ କର, ଶୋଭାନନ୍ଦ ରାଉତ, ସୁଶାନ୍ତ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ପରେ ବିଭିନ୍ନ କ୍ରୀଡ଼ାରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଉତ୍କର୍ଷ ଓଡିଶା କନକ୍ଲେଭରେ ମୟୂରଭଞ୍ଜର ଉତ୍କର୍ଷତା: ମୟୂରଭଞ୍ଜକୁ ମିଳିଲା ପ୍ରଥମ ନାସକମ ସଦସ୍ୟତା

ବାରିପଦା,୩୧/୧ (ନି.ପ୍ର) : ଦେଶର ବିଶିଷ୍ଟ ଶିଳ୍ପପତି ଓ ଶିଳ୍ପ ସଂସ୍ଥା ମୁଖିଆଙ୍କୁ ନେଇ ଭୁବନେଶ୍ୱରରେ ୨୮ ତାରିଖରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦଘାଟିତ ନିବେଶ ମହାକୁମ୍ଭ ଉତ୍କର୍ଷ ଓଡ଼ିଶା - ମେକ ଇନ ଓଡିଶା କନକ୍ଲେଭରେ ରାଜ୍ୟକୁ ଆଶାତୀତ ପୁଞ୍ଜି ଆସିବାର ବିଶାଳ ସମ୍ଭାବନା ସୃଷ୍ଟି ହୋଇ ଥିବା ବେଳେ, ଏହି କନକ୍ଲେଭରେ ମୟୂରଭଞ୍ଜ ଜିଲ୍ଲାର ସରକାରୀ ପଲିଟେକ୍ନିକ ରୁ ୬୦ ଜଣ ଏବଂ କରଞ୍ଜିଆ ସ୍ଥିତ ଏସ.ଏସ.ଆଇ.ଟି. ପଲିଟେକ୍ନିକରୁ ୬୦ ଜଣ ଛାତ୍ର-ଛାତ୍ରୀ ଅଧ୍ୟାପକ-ଆଧ୍ୟାପିକାଙ୍କ ସହ ୩ଗୋଟି ଷ୍ଟାର୍ଟଅପ କମ୍ପାନୀର ପ୍ରତିଷ୍ଠାତା ଅଂଶଗ୍ରହଣ କରିଥିଲେ. ଷ୍ଟାର୍ଟ-ଅପ ଓଡିଶା ତରଫରୁ ଆୟୋଜିତ ପ୍ଲେନେରୀ ସେସନରେ ବାରିପଦାରୁ ଇନଷ୍ଟ୍ରାକ୍ରିଏଟିଭସର ପ୍ରତିଷ୍ଠାତା ଇଂ ସୌମ୍ୟରଂଜନ ମିଶ୍ରଙ୍କ ପତ୍ୟକ୍ଷ ତତ୍ତ୍ୱାବଧାନ ରେ ସମସ୍ତ ଛାତ୍ର-ଛାତ୍ରୀ ତଥା ଷ୍ଟାର୍ଟ-ଅପ ଉଦ୍ୟୋଗୀ ଗଣ ଏହି ବିଶାଳ ଶିଳ୍ପ ମହାକୁଂଭ ରେ ଯୋଗ ଦେଇ ଏଥିରେ ଥିବା ଶିଳ୍ପ ପ୍ରଦର୍ଶନୀ ତଥା ବିଭିନ୍ନ ସେମିନାର ମାନଙ୍କରେ ନିଜ ନିଜର ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ । ଏହି ପରିପ୍ରେକ୍ଷୀରେ ରେ ଭାରତର ଜାତୀୟ ସୂଚନା-ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନ ନାସକମର ସଦସ୍ୟତା ପ୍ରମାଣ ପତ୍ର ବାରିପଦାର ଆଇ-ଟି କମ୍ପାନୀ ଇନୋଫ୍‌ଫକ୍ରିଏଟିଭସର ପ୍ରତିଷ୍ଠାତା ଇଂ ସୌମ୍ୟରଂଜନ ମିଶ୍ର ଙ୍କୁ ଭୁବନେଶ୍ୱରର ନାସକମ ଅଧିକାରୀ ଶ୍ରୀ ରବି ନାୟକ ପ୍ରଦାନ କରିଛନ୍ତି. ଏହି ସଦସ୍ୟତା ଲାଭ କରିବାରେ ଇନଷ୍ଟ୍ରାକ୍ରିଏଟିଭସ ହେଉଛି ମୟୁରଭଞ୍ଜର ପ୍ରଥମ ଆଇ-ଟି କମ୍ପାନୀ. ଏହାଦ୍ୱାରା ଜାତୀୟ ସ୍ତରରେ ଆଇ-ଟି କ୍ଷେତ୍ରରେ ମୟୂରଭଞ୍ଜ ମଧ ନିଜର ବଳିଷ୍ଠ ଯୋଗଦାନ କରି ସରକାରଙ୍କ ବିଭିନ୍ନ ସୁବିଧା-ସୁଯୋଗର ଲାଭ ଉଠେଇ ପାରିବ ବୋଲି ଭୁବନେଶ୍ୱରର ନାସକମ ଅଧିକାରୀ ଶ୍ରୀ ରବି ନାୟକ ଆଶା ବ୍ୟକ୍ତ କରିଛନ୍ତି ।

# ଭଗବାନ ବିଦ୍ୟା ମନ୍ଦିର ଖୁଜେନପାଲିରେ ଶିକ୍ଷକଙ୍କ ଅବସରକାଳିନ ସମ୍ବର୍ଦ୍ଧନା ସଭା

ବଲାଙ୍ଗୀର,୩୧।୦୧(ନି.ପ୍ର): ସ୍ଥାନୀୟ ଭଗବାନ ବିଦ୍ୟା ମନ୍ଦିର, ଖୁଜେନପାଲି ରେ ଆଜି ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ସୁନୀଲ କୁମାର ଯୋଷିଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସର୍ବ ବରିଷ୍ଠ କଳା ଶିକ୍ଷକ ସୁରେନ୍ଦ୍ର କୁମାର ନାଥ ଚାକିରି ରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କର ନିରବଚ୍ଛିନ୍ନ ଶିକ୍ଷାଦାନ ପଦ୍ଧତି,କାର୍ଯ୍ୟଦକ୍ଷତା ଛାତ୍ର ଛାତ୍ରୀଙ୍କ ପ୍ରତି ଗଭିର ଅନୁରକ୍ତି ଆଦି ସବୁଦିନ ଅବିସ୍ମରଣୀୟ ରହିବ ବୋଲି ଶ୍ରୀ ଯୋଷୀ କହିଥିଲେ। ବିଦ୍ୟାଳୟର ସଭାପତି ଯୁଧିଷ୍ଠିର କୁମାର ସିଂହ ଶିକ୍ଷକ ସୁରେନ୍ଦ୍ର କୁମାର ନାଥ ଙ୍କ ବିଦ୍ୟାଳୟ ପ୍ରତି ଅବଦାନକୁ ଖୁବ୍ ପ୍ରଶଂସା କରିଥିଲେ। ଏହି ସଭାରେ ପରିଚାଳନା ସମିତିର ଅନ୍ୟତମ ସଦସ୍ୟ କିଶୋର କୁମାର ସିଂହନିନା, ଭୁପିନ୍ଦ୍ର ପ୍ରସାଦ ସିଂହ, ସଂଗ୍ରାମ କେଶରୀ ବହିଦାର, ରମେଶ ଚନ୍ଦ୍ର ମଲ୍ଲିକ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି ଶ୍ରୀ ନାଥଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଥିଲେ। ତାଙ୍କର ମହନୀୟ କାର୍ଯ୍ୟ ଦ୍ୱାରା ସେ ସବୁଦିନ ମନେରହିବେ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida